ଧରିତ୍ରୀ
DHARITRI
51 Years
ଆଜି ମହାସପ୍ତମୀ
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୯/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, September 29/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୩୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 305 | ମୂଲ୍ୟ ₹୭/-




# ବିହାର ଭୋଟ ସହ ନୂଆପଡ଼ା ଉପନିର୍ବାଚନ

- **ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ଇସିଆଇ**
- **ଆସନ୍ତା ସପ୍ତାହରେ ଲାଗିବ ଆଚରଣବିଧି**

**ଭୁବନେଶ୍ୱର,୨୮।୯ (ରବିନାରାୟଣ ଜେନା)**

ବିହାର ନିର୍ବାଚନ ସହିତ ନୂଆପଡ଼ାରେ ଉପନିର୍ବାଚନ ହେବ। ଏହାସହିତ ଦେଶର ୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଆଉ ୭ ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଭାରତର ନିର୍ବାଚନ ଆୟୋଗ(ଇସିଆଇ)ଙ୍କ ପକ୍ଷରୁ ବିଧିବଦ୍ଧ ଭାବେ ଅବଗତ କରାଯାଇଛି। ଏହି ନିର୍ବାଚନର ସୁପରିଚାଳନା ଲାଗି ୪୭୦ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି, ଯେଉଁଥିରେ ୩୧୦ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ରହିଥିବାବେଳେ ୭୦ ଭାରତୀୟ ପୋଲିସ ସେବା(ଆଇପିଏସ୍) ଏବଂ ୯୦ ଅନ୍ୟ ସେବାର ଅଧିକାରୀ ରହିଛନ୍ତି। ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆଚରଣବିଧି ବିଜ୍ଞପ୍ତି ହୋଇ ନ ଥିଲେ ହେଁ ବିହାର ନିର୍ବାଚନକୁ ଦୃଷ୍ଟିରେ ରଖି ଆସନ୍ତା ସପ୍ତାହରେ ନୂଆପଡ଼ା ଉପନିର୍ବାଚନ ଲାଗି ବିଜ୍ଞପ୍ତି ଜାରି ହେବାର ରହିଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ସୂଚନା ଅନୁଯାୟୀ, ଇସିଆଇଙ୍କ ପକ୍ଷରୁ ବିହାର ନିର୍ବାଚନ ସହିତ ଓଡ଼ିଶାର ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବ। ଏହାସହିତ ଜମ୍ମୁ-କଶ୍ମୀରର ବଡ଼ଗାମ୍ ଏବଂ ନାଗ୍ରୋଟା, ରାଜସ୍ଥାନର ଅନ୍ତ, ☞ପୃଷ୍ଠା-୪

## ପର୍ଯ୍ୟବେକ୍ଷକ ତାଲିକାରେ ଓଡ଼ିଶାରୁ ୧୨ ଅଧିକାରୀ

**ଭୁବନେଶ୍ୱର,୨୮।୯ (ରବିନାରାୟଣ ଜେନା)**

ବିହାର ନିର୍ବାଚନ ସମେତ ୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଓଡ଼ିଶାରୁ ୧୨ଜଣ ଅଧିକାରୀଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଛି। ସେମାନଙ୍କ ମଧ୍ୟରେ ବରିଷ୍ଠ ଆଇପିଏସ୍ ତଥା ମୁଖ୍ୟାଳୟ ଏଡିଜିପି ପ୍ରତୀକ ମହାନ୍ତି ଓ ଆଇଜିପି(ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ)ସାଇନ୍ ଏସ୍. ରହିଥିବା ବେଳେ ୧୦ଜଣ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍) ଅଧିକାରୀ ରହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ☞ପୃଷ୍ଠା-୪

# ଏସିଆ କପ୍: ଭାରତ ଚାମ୍ପିୟନ



ଦୁବାଇ କ୍ରିକେଟ୍ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଫାଇନାଲରେ ମ୍ୟାଚ ବିଜୟୀ ଇନିଂସ ଅବସରରେ ଭାରତର ତିଳକ ବର୍ମା । **(ରିପୋର୍ଟ: ଖେଳ ପୃଷ୍ଠା)**

## ଆଜି ରାଜ୍ୟ କ୍ୟାବିନେଟ୍

**ଭୁବନେଶ୍ୱର,୨୮।୯ (ରବିନାରାୟଣ ଜେନା)**

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ବୈଠକରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବାକୁ ରହିଛି। ଦୁର୍ଗାପୂଜା ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଏହି କ୍ୟାବିନେଟ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ସଶକ୍ତୀକରଣକୁ ଦୃଷ୍ଟିରେ ରଖି ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯିବାକୁ ରହିଛି। ଏହାସହିତ ସରକାରୀ ଚାକିରିଆଙ୍କୁ ଖୁସି କରିବା ଲାଗି ସରକାର କିଛି ନୂଆ ନିଷ୍ପତ୍ତି ନେଇପାରନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

**ଆଜିର ସମ୍ପାଦକୀୟ**
କ୍ଷୁବ୍ଧ ଲଦାଖ






## ଦିଲ୍ଲୀ ଏୟାରପୋର୍ଟ, ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୨୮।୯

ଦିଲ୍ଲୀର ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ରବିବାର ଇ-ମେଲ୍ ଯୋଗେ ବୋମା ଧମକ ମିଳିଛି। ଫଳରେ ଏୟାରପୋର୍ଟର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ଦିଲ୍ଲୀର ଅନେକ ସ୍କୁଲ ଏବଂ ପ୍ରତିଷ୍ଠାନଗୁଡ଼ିକୁ ମଧ୍ୟ ରବିବାର ଇ-ମେଲ୍ ଯୋଗେ ବୋମା ଧମକ ମିଳିଛି। ଧମକ ମିଳିବା ପରେ ସେଠାରେ ପୋଲିସ ଏବଂ ବୋମା ନିରୋଧୀ ଦଳ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ଇ-ମେଲ୍ ପଠାଇଥିବା ବ୍ୟକ୍ତି ନିଜକୁ 'ଟେରରାଇଜ୍ ୧୧୧' ନାମକ ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିବାର ଦାବି କରିଛନ୍ତି।

## ଏନ୍‌କାଉଣ୍ଟରରେ ୪ ଡକାୟତ ମୃତ

ଗୁଆହାଟୀ, ୨୮।୯(ପି.ଟି.)

ଆସାମର ଗୋଲପଡ଼ା ଜିଲା ଗିଲାଡୁବି ଅଞ୍ଚଳରେ ରବିବାର ପୋଲିସ ଓ ଡକାୟତଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୪ ଜଣ ଡକାୟତଙ୍କର ମୃତ୍ୟୁ ଘଟିଛି। ଡକାୟତଙ୍କ ଏକ ଗ୍ୟାଙ୍ଗ୍ ଉକ୍ତ ଅଞ୍ଚଳରେ ବଡ଼ ଧରଣର ଅପରାଧ ଘଟାଇବାକୁ ଯୋଜନା ପ୍ରସ୍ତୁତ କରୁଥିବା ନେଇ ପୋଲିସକୁ ଗୁପ୍ତ ସୂଚନା ମିଳିଥିଲା। ଏହି ଆଧାରରେ ପୋଲିସ ଡକାୟତଙ୍କୁ ଧରିବା ପାଇଁ ଗିଲାଡୁବି ଅଞ୍ଚଳରେ ଏକ ଚେକ୍‌ପୋଷ୍ଟ ଲଗାଇଥିଲା। ୪ ଡକାୟତ ଏକ କାର୍‌ରେ ଏହି ଚେକ୍‌ପୋଷ୍ଟ ଦେଇ ଯାଉଥିବା ବେଳେ ସନ୍ଦେହ ହେବାରୁ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଡକାୟତମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ ଓ ପୋଲିସ ପାଲଟା ଗୁଳି ଚଳାଇଥିଲା।

## ସ୍ପିତି ଉପତ୍ୟକାକୁ ଭାରତର ପ୍ରଥମ ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ମାନ୍ୟତା

ଶିମଲା, ୨୮।୯

ହିମାଚଳପ୍ରଦେଶର ଲହଉଲ୍-ସ୍ପିତି ଜିଲା ଅନ୍ତର୍ଗତ ସ୍ପିତି ଉପତ୍ୟକାକୁ ଭାରତର ପ୍ରଥମ ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ଭାବେ ସ୍ୱୀକୃତି ମିଳିଛି। ଚାଇନାର ହାଙ୍ଗଝୋଉଠାରେ ୟୁନେସ୍କୋର ମର୍ଯ୍ୟାଦାଜନକ ମାନବ ଓ ବାୟୋସ୍ପିୟର (ଏମ୍‌ଏବି) ର ୩୭ତମ ଅନ୍ତର୍ଜାତୀୟ ସମନ୍ୱୟ ପରିଷଦ ବୈଠକ ବସି ଆନୁଷ୍ଠାନିକ ଭାବେ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏହାକୁ ମିଶାଇ ଏମ୍‌ଏବି ନେଟ୍‌ୱର୍କରେ ଭାରତର ୧୩ଟି ବାୟୋସ୍ପିୟର ରିଜର୍ଭ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଉକ୍ତ ଅଞ୍ଚଳର ଅନନ୍ୟ ପରିବେଶ, ଜଳବାୟୁ, ସଂସ୍କୃତି ଓ ଐତିହ୍ୟ ଉପରେ ରାଜ୍ୟ ସରକାର ନିରନ୍ତର ପ୍ରଚାର ପ୍ରସାର ଚଳାଇ ଆସିଥିଲେ।

ସ୍ପିତି ଶୀତ ମରୁସ୍ଥଳ ବାୟୋସ୍ପିୟର ରିଜର୍ଭ ଅନ୍ତର୍ଗତ ୭,୭୭୦ ବର୍ଗକିଲୋମିଟର ଅଞ୍ଚଳ ମଧ୍ୟରେ ସ୍ପିତି ବନ୍ୟପ୍ରାଣୀ ଡିଭିଜନ ଏବଂ ଲହଉଲ୍ ବନ ଖଣ୍ଡ ରହିଛି। ଉକ୍ତ ରିଜର୍ଭ ୨,୬୬୫ ବର୍ଗ କିଲୋମିଟର କୋର୍ ଜୋନ୍, ୩,୯୭୭ ବର୍ଗକିଲୋମିଟର ବଫର ଜୋନ୍ ଏବଂ ୧,୧୨୮ ବର୍ଗକିଲୋମିଟର ଟ୍ରାଞ୍ଜିଶନ ଜୋନ୍‌ରେ ବିଭକ୍ତ। ଏଥିରେ ପିନ୍ ଭ୍ୟାଲି ଜାତୀୟ ଉଦ୍ୟାନ, କିବ୍ବର ବନ୍ୟପ୍ରାଣୀ ଅଭୟାରଣ୍ୟ, ଚନ୍ଦ୍ରତାଲ ଆର୍ଦ୍ରଭୂମି, ସର୍ଚ୍ଚୁ ସମତଳ ଅଞ୍ଚଳ ରହିଛି।




ଇଟାଲୀର ମିଲାନ୍ ଫ୍ୟାଶନ୍ ୱିକ୍‌ରେ ଷ୍ଟେଲା ଜିନ୍‌ର ପୋଷାକ ପରିଧାନ କରିଥିବା ଜଣେ ମଡେଲ୍।

# 'ଦଳାଚକଟା ପଛରେ ଷଡ଼ଯନ୍ତ୍ର'

- ହାଇକୋର୍ଟ ଗଲା ବିଜୟଙ୍କ ଦଳ
- ସିବିଆଇ ତଦନ୍ତ ଦାବି

ଚେନ୍ନାଇ, ୨୮।୯(ପି.ଟି.)

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟାଜନିତ ମୃତ୍ୟୁସଂଖ୍ୟା ୪୦ରେ ପହଞ୍ଚିଥିବାବେଳେ ଶତାଧିକ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦଳାଚକଟା ପଛରେ ଷଡ଼ଯନ୍ତ୍ର ଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଟିଭିକେ ରବିବାର ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ କରାଯାଇଛି। ଦଳାଚକଟାଜନିତ ମୃତ୍ୟୁ ଘଟଣାର ତଦନ୍ତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କିମ୍ବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଦ୍ୱାରା କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଟିଭିକେ ପକ୍ଷରୁ ହାଇକୋର୍ଟ ବିଚାରପତି ଏମ୍. ଧଣ୍ଡପାନିଙ୍କୁ ନିବେଦନ କରାଯାଇଛି। ୪୦ ଜଣଙ୍କ ମୃତ୍ୟୁ ଘଟଣାର ବିଚାର ଅଦାଲତ ନିଜଆଡୁ କରିବାକୁ ଟିଭିକେର ଓକିଲମାନେ ନିବେଦନ କରିଛନ୍ତି। ହାଇକୋର୍ଟଙ୍କ ମଦୁରାଇ ଶାଖାରେ



କରୁରସ୍ଥିତ ଏକ ହସ୍ପିଟାଲ ବାହାରେ ମୃତଦେହ ନିକଟରେ ଶୋକାକୁଳ ଆତ୍ମୀୟ ସ୍ୱଜନ।

ପିଟିଶନ ଦାଏର କରିବାକୁ ବିଚାରପତି କହିବା ସହ ସୋମବାର ଶୁଣାଣି ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ କରୁର ଦଳାଚକଟା ଘଟଣାର ତଦନ୍ତ ନ ସରିବା ପର୍ଯ୍ୟନ୍ତ ବିଜୟଙ୍କ ଜନସମାବେଶ ଉପରେ ନିଷେଧାଦେଶ ଲଗାଇବାକୁ ହୋଇଥିବା ଆବେଦନର ଜରୁରୀ ଶୁଣାଣି ଜଷ୍ଟିସ୍ ଏନ୍. ସେନ୍ଥିଲ କୁମାରଙ୍କ ଖଣ୍ଡପୀଠରେ ହେବ।

ଦଳାଚକଟା ଘଟଣାର ତଦନ୍ତ ପାଇଁ ତାମିଲନାଡୁ ସରକାରଙ୍କ ପକ୍ଷରୁ ଅବସରପ୍ରାପ୍ତ ବିଚାରପତି ଅରୁଣା ଜଗଦୀଶନଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଠନ କରାଯାଇଛି। ତଦନ୍ତ ରିପୋର୍ଟ ଆଧାରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ବିଜୟଙ୍କ ପ୍ରତି ଲୋକଙ୍କ କ୍ରୋଧ ବଢ଼ିଥିବାରୁ ତାଙ୍କ ଚେନ୍ନାଇ ବାସଭବନ ନିକଟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ବିଜୟଙ୍କ ରାଲିରେ ଗାଇଡ୍‌ଲାଇନ୍ସର ଉଲ୍ଲଂଘନରୁ ଦଳାଚକଟା ଘଟିଥିବା କହି ରାଜ୍ୟ ସରକାର ତାଙ୍କୁ ସମାଲୋଚନା କରିଛନ୍ତି। ରାଲିର ଆୟୋଜକମାନେ ଲୋକଙ୍କ ପାଇଁ ପାନୀୟ ଜଳ ଓ ଖାଦ୍ୟର ଉପଯୁକ୍ତ ବ୍ୟବସ୍ଥା କରି ନ ଥିଲେ। ବିଜୟ ରାଲିସ୍ଥଳରେ ପହଞ୍ଚିବାରେ ୭ ଘଣ୍ଟା ବିଳମ୍ବ ହୋଇଥିଲା। ମଧ୍ୟାହ୍ନଠାରୁ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ଅନେକେ ମୂର୍ଚ୍ଛା ଯାଇଥିଲେ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି। ରାଲିସ୍ଥଳ ସଂକୀର୍ଣ୍ଣ ଥିବାରୁ ଠେଲାପେଲାରୁ ଦଳାଚକଟା ହୋଇଥିଲା। ଏପରିକି ବିଜୟ ଭାଷଣ ଆରମ୍ଭ କରିବା ସମୟରେ କେତେଜଣ ଚେତା ହରାଇଥିଲେ ମଧ୍ୟ ଭିଡ଼ ମଧ୍ୟକୁ ଆମ୍ବୁଲାନ୍ସକୁ ପୂରାଇ ଦିଆଯାଇ ନ ଥିଲା। ଏତେ ଲୋକଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ବିଜୟ ଘଟଣାସ୍ଥଳରୁ ତ୍ରିଚି ଏୟାରପୋର୍ଟ ପଳାଇଯାଇ ସେଠାରୁ ଏକ ଘରୋଇ ବିମାନରେ ଚେନ୍ନାଇ ଯାଇଥିଲେ। ଗାଇଡ୍‌ଲାଇନ୍ସର ଉଲ୍ଲଂଘନ ଓ ଆୟୋଜନରେ ତ୍ରୁଟି ପାଇଁ ବିଜୟଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଇତିମଧ୍ୟରେ ଟିଭିକେ ମୁଖ୍ୟ ବିଜୟ ମୃତକଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କା ଲେଖାଏ ଆର୍ଥିକ ସହାୟତା ଘୋଷଣା କରିଥିବାବେଳେ ଆହତମାନଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବାକୁ କହିଛନ୍ତି।

## ଦେଶରେ ୫.୩୪ କୋଟି ମାମଲା ବିଚାରାଧୀନ

ନୂଆଦିଲ୍ଲୀ, ୨୮।୯

ଦେଶର କୋର୍ଟଗୁଡ଼ିକରେ ବିଭିନ୍ନ ମାମଲାର ଶୁଣାଣିରେ ଅନାବଶ୍ୟକ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଶନିବାର ଟିପ୍ପଣୀ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ଅଦାଲତ ଚିନ୍ତା ପ୍ରକଟ କରିବା ସହ କହିଛନ୍ତି, ବିଭିନ୍ନ ମାମଲାର ଶୀଘ୍ର ବିଚାର ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ଏହାର ଦୃଢ଼ କାର୍ଯ୍ୟାନ୍ୱୟନର ଆବଶ୍ୟକତା ରହିଛି। ସମ୍ପ୍ରତି ଦେଶର ସମସ୍ତ ଅଦାଲତରେ ୫.୩୪ କୋଟିରୁ ଅଧିକ ମାମଲା ବିଚାରାଧୀନ ଅବସ୍ଥାରେ ରହିଛି। ଓକିଲ ଉପଲବ୍ଧ ନ ରହିବା ଶୁଣାଣିରେ ଅନାବଶ୍ୟକ ବିଳମ୍ବର ପ୍ରମୁଖ କାରଣ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ଅଭିଯୁକ୍ତଙ୍କ ପଳାୟନ ଓ ସାକ୍ଷୀଙ୍କୁ ନିଖୋଜ କରାଯିବା ଭଳି ଘଟଣା ମଧ୍ୟ କୋର୍ଟରେ ବିଭିନ୍ନ ମାମଲାର ବିଳମ୍ବିତ ବିଚାର ପାଇଁ ଦାୟୀ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଉକ୍ତ ସମସ୍ୟାକୁ ଦେଖି ସୁପ୍ରିମକୋର୍ଟ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଓକିଲଙ୍କ ଅନୁପସ୍ଥିତି ଯୋଗୁ ଶୁଣାଣିକୁ ସ୍ଥଗିତ ରଖାଯାଇ ପାରିବ ନାହିଁ। ଏ ସମ୍ପର୍କରେ ଜିଲା ବିଚାରବିଭାଗୀୟ ଅଧିକାରୀମାନଙ୍କୁ ସର୍କୁଲାର ପଠାଇବାକୁ ସୁପ୍ରିମକୋର୍ଟ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯଦି କୌଣସି ଅଭିଯୁକ୍ତ ଓ ତାଙ୍କ ଓକିଲ ମାମଲାକୁ ବିଳମ୍ବିତ କରିବା ପାଇଁ ପ୍ରୟାସ କରୁଛନ୍ତି, ତେବେ ତାଙ୍କ ଜାମିନକୁ ରଦ୍ଦ କରିବା ପାଇଁ ବିଚାର କରାଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। 'ନ୍ୟାଶନାଲ ଜୁଡିସିଆଲ ଡେଟା ଗ୍ରୀଡ'ର ତଥ୍ୟ ଅନୁଯାୟୀ, ଗତ ୨୫ ତାରିଖ ସୁଦ୍ଧା ଦେଶର ବିଭିନ୍ନ କୋର୍ଟରେ ୫.୩୪ କୋଟି ମାମଲା ବିଚାରାଧୀନ ରହିଛି। ଜିଲା ଏବଂ ନିମ୍ନ ଅଦାଲତଗୁଡ଼ିକରେ ୪.୭ କୋଟି ମାମଲା ବିଚାରାଧୀନ ଥିବାବେଳେ ହାଇକୋର୍ଟଗୁଡ଼ିକରେ ୬୩.୮ ଲକ୍ଷ ଏବଂ ସୁପ୍ରିମକୋର୍ଟରେ ୮୮,୨୫୧ ମାମଲା ବିଚାରାଧୀନ ରହିଛି।

## ୧୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଚୈତନ୍ୟାନନ୍ଦ ଗିରଫ

ନୂଆଦିଲ୍ଲୀ/ଆଗ୍ରା, ୨୮।୯(ପି.ଟି.)

ଏକ ଘରୋଇ ଶିକ୍ଷାନୁଷ୍ଠାନର ୧୭ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଆତ୍ମଘୋଷିତ ଗଡ୍‌ମ୍ୟାନ୍ ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ଦିଲ୍ଲୀ ପୋଲିସ ରବିବାର ଭୋର ୩ଟା ୩୦ରେ ଆଗ୍ରାରୁ ଗିରଫ କରିଛି। ୬୨ ବର୍ଷୀୟ ବାବା ଆଗ୍ରାର ଏକ ହୋଟେଲରେ ରହୁଥିଲେ। ତାଙ୍କୁ ଧରିବା ପାଇଁ ପୋଲିସ ଅନେକ ଟିମ୍ ଗଠନ କରିଥିଲା। ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୋଲିସ ଆଗ୍ରାର ତାଜ ଗଞ୍ଜ ଅଞ୍ଚଳରେ ଥିବା ହୋଟେଲ ଉପରେ ଚଢ଼ାଉ କରିଥିଲା ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତାଙ୍କୁ ଦିଲ୍ଲୀର ଏକ ଅଦାଲତରେ ହାଜର କରି ପୋଲିସ ୫ ଦିନ ରିମାଣ୍ଡରେ ନେବା ପାଇଁ ଆବେଦନ କରିଛି। ଏହା ପୂର୍ବରୁ ପୋଲିସ ଚୈତନ୍ୟାନନ୍ଦଙ୍କ ନାମରେ ଥିବା ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଓ ସ୍ଥାୟୀ ଜମାକୁ ଅଚଳ କରିଥିଲା। ଏତଲା ଅନୁଯାୟୀ, ଦକ୍ଷିଣପଶ୍ଚିମ ଦିଲ୍ଲୀରେ ଥିବା ଏକ ମ୍ୟାନେଜ୍‌ମେଣ୍ଟ ଶିକ୍ଷାନୁଷ୍ଠାନର



ଚୈତନ୍ୟାନନ୍ଦଙ୍କୁ କୋର୍ଟରେ ହାଜର କରାଯାଉଛି।

ପୂର୍ବତନ ଅଧ୍ୟକ୍ଷ ଚୈତନ୍ୟାନନ୍ଦ ଛାତ୍ରୀମାନଙ୍କୁ ରାତିରେ ତାଙ୍କ କ୍ୱାର୍ଟର୍ସକୁ ଆସିବା ପାଇଁ ବାଧ୍ୟ କରିବା ସହ ସେମାନଙ୍କ ପାଖକୁ ଅଶ୍ଳୀଳ ବାର୍ତ୍ତା ପଠାଉଥିଲେ। ସେ ଫୋନ୍ ଯୋଗେ ଛାତ୍ରୀମାନଙ୍କ ଗତିବିଧି ଉପରେ ନଜର ରଖୁଥିଲେ। ଜାତିସଂଘ ଓ ବ୍ରିକ୍ସ ସହ ଚୈତନ୍ୟାନନ୍ଦଙ୍କ ସମ୍ପୃକ୍ତି ଥିବାର ଜାଲ୍ ଭିଜିଟିଂ କାର୍ଡ ତାଙ୍କ ଘରୁ ପୋଲିସ ଜବତ କରିଛି। ବାବାଙ୍କ ବିରୋଧରେ ଏତଲା ଦାଏର ପରେ ସେ ଅଗଷ୍ଟ ୪ରେ ଦିଲ୍ଲୀ ଛାଡ଼ି ପଳାଇଥିଲେ।

## ଚାଇନାର ପୂର୍ବତନ କୃଷିମନ୍ତ୍ରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ

ବେଜିଂ, ୨୮।୯(ପି.ଟି.)

ଚାଇନାର ପୂର୍ବତନ କୃଷି ଓ ଗ୍ରାମାଞ୍ଚଳ ବ୍ୟାପାର ମନ୍ତ୍ରୀ ଟାଙ୍ଗ ରେଞ୍ଜିଆନ୍‌ଙ୍କୁ ଦୁର୍ନୀତି ମାମଲାରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ତେବେ ଏହି ଦଣ୍ଡାଦେଶ ୨ ବର୍ଷ ପାଇଁ ସ୍ଥଗିତ ରହିବ ବୋଲି ଅଦାଲତ କହିଛନ୍ତି। ୩୮ ନିୟୁତ ଡଲାର ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ରେଞ୍ଜିଆନ୍ ଦୋଷୀସାବ୍ୟସ୍ତ ହୋଇଥିଲେ। କୃଷି ମନ୍ତ୍ରଣାଳୟର ପ୍ରମୁଖ ଶାସକ କମ୍ୟୁନିଷ୍ଟ ପାର୍ଟିସଦସ୍ୟ ସଂଗଠନର ପୂର୍ବତନ ସମ୍ପାଦକ ଥିବା ରେଞ୍ଜିଆନ୍ ଜୀବନର ରାଜନୈତିକ ଅଧିକାରରୁ ବଞ୍ଚିତ ହୋଇଥିବା ଜିଲିନ ପ୍ରଦେଶର ଚାଙ୍ଗ୍‌ଚୁନ୍‌ସ୍ଥିତ ଇଣ୍ଟରମିଡିଏଟ୍ ପିପୁଲ୍ସ କୋର୍ଟ ରାୟରେ କହିଛନ୍ତି। ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ହେବା ସହ ଲାଞ୍ଚରୁ ଉଠାଇଥିବା ବେଆଇନ ଲାଭକୁ ଜବତ କରାଯାଇ ଜାତୀୟ କୋଷାଗାରକୁ ପଠାଇଦିଆଯିବ



ଟାଙ୍ଗ ରେଞ୍ଜିଆନ୍

ବୋଲି କୋର୍ଟ କହିଛନ୍ତି। ୨୦୦୭ରୁ ୨୦୨୪ ମଧ୍ୟରେ ରେଞ୍ଜିଆନ୍ ନିଜ ପଦବୀର ବେଆଇନ ଫାଇଦା ଉଠାଇ ବ୍ୟବସାୟ, ପ୍ରକଳ୍ପ ଠିକାଦାରି ଓ ନିଯୁକ୍ତିରେ ଅନ୍ୟମାନଙ୍କୁ ଉପକୃତ କରାଇଥିଲେ। ଏହା ବଦଳରେ ସେ ସେମାନଙ୍କଠାରୁ ୨୬୮ ନିୟୁତ ୟୁଆନ ଲାଞ୍ଚ ଗ୍ରହଣ କରିଥବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା।

## ବାର୍‌ରେ ଗୁଳି: ୩ ମୃତ, ୮ ଆହତ

ସାଉଥ୍‌ପୋର୍ଟ, ୨୮।୯

ଆମେରିକାର ଉତ୍ତର କାରୋଲିନା ରାଜ୍ୟ ସାଉଥ୍‌ପୋର୍ଟ ସହରସ୍ଥିତ କେପ୍ ଫିଅର ନଦୀକୂଳରେ ଥିବା ବାର୍ ଏବଂ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ଜଣେ ଆତତାୟୀ ଗୁଳି ଚଳାଇଥିଲେ। ଏହି ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ଗୁଳି ଚଳାଇ ଆତତାୟୀ ଜଣକ ତୁରନ୍ତ ବୋଟ୍ ଯୋଗେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ସେ ଉପକୂଳବର୍ତ୍ତୀ ସହର ଓକ୍ ଆଇଲାଣ୍ଡ ଆଡ଼କୁ ଯାଉଥିବା ସମୟରେ ରବିବାର ସାଉଥପୋର୍ଟ ପୋଲିସ ତାଙ୍କୁ ଗିରଫ କରିଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଛି।

## ଗାଜା ମୃତ୍ୟୁସଂଖ୍ୟା ୬୬ ହଜାର ଟପିଲା

ଗାଜା ସିଟି, ୨୮।୯

ଇସ୍ରାଏଲ୍-ହମାସ୍ ଯୁଦ୍ଧ ମୃତ୍ୟୁସଂଖ୍ୟା ୬୬ ହଜାର ଅତିକ୍ରମ କରିଥିବା ରବିବାର ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ମୃତକଙ୍କ ମଧ୍ୟରୁ ଅର୍ଦ୍ଧେକ ହେଉଛନ୍ତି ମହିଳା ଓ ଛୋଟ ପିଲା। ଗତ ୨୪ ଘଣ୍ଟା ମଧ୍ୟରେ ୭୯ଟି ମୃତଦେହ ହସ୍ପିଟାଲକୁ ଅଣାଯାଇଛି।

୨୦୨୩ ଅକ୍ଟୋବର ୭ରେ ହମାସ୍ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲା। ଏହାର ଜବାବରେ ଇସ୍ରାଏଲ୍ ଗାଜା ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଏହି ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ଗାଜାରେ ୬୬,୦୦୫ ଜଣଙ୍କ ମୃତ୍ୟୁ ଘଟିବା ସହ ୧,୬୮,୧୬୨ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ୍ ଆକ୍ରମଣରେ ଗାଜାର ଅଧିକାଂଶ ଅଞ୍ଚଳ ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବାବେଳେ



ଗାଜା ଷ୍ଟ୍ରିପ୍ ମଧ୍ୟଭାଗରେ ରବିବାର ଇସ୍ରାଏଲ୍‌ର ସାମରିକ ଅପରେଶନ୍ ବେଳେ ଲୋକେ ପଳାୟନ କରୁଛନ୍ତି। (ଫଟୋ ସୌଜନ୍ୟ: ରଏଟର୍ସ)

୯୦ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ପଳାୟନ କରିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ୱାଶିଂଟନ ଗସ୍ତ କରିଛନ୍ତି। ଯୁଦ୍ଧବିରତି ପାଇଁ ଅନ୍ତର୍ଜାତୀୟ ଚାପ ସତ୍ତ୍ୱେ ନେତାନ୍ୟାହୁ ଯୁଦ୍ଧ ନୀତିରେ ପରିବର୍ତ୍ତନ କରିବେ ନାହିଁ ବୋଲି ସୂଚନା ଦେଇଛନ୍ତି।

# ମନ୍ କୀ ବାତ୍‌ରେ ସ୍ୱଦେଶୀ ଆହ୍ୱାନ

## ଆର୍‌ଏସ୍‌ଏସ୍‌କୁ ପ୍ରଶଂସା, ଖଦି କିଣିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୮।୯

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ୧୦୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଉଚ୍ଚ ପ୍ରଶଂସା କରିଛନ୍ତି। ରବିବାର ମନ୍ କୀ ବାତ୍‌ର ୧୨୬ତମ ରେଡିଓ ପ୍ରସାରଣରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ନିଃସ୍ୱାର୍ଥପର ସେବା ଭାବନା ଏବଂ ଶୃଙ୍ଖଳା ସଂଘର ପ୍ରକୃତ ଶକ୍ତି। ଏହାର ଅଗଣିତ ସ୍ୱେଚ୍ଛାସେବୀଙ୍କ ପ୍ରତ୍ୟେକ କାର୍ଯ୍ୟରେ 'ରାଷ୍ଟ୍ର ପ୍ରଥମ'କୁ ପ୍ରାଥମିକତା ଦିଆଯାଇଥାଏ। ଏହି ଅବସରରେ ପ୍ରଧାନମନ୍ତ୍ରୀ ସ୍ୱଦେଶୀକୁ ଆପଣାଇବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଖଦି ସାମଗ୍ରୀ କିଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି।




'ଛଟ୍ ମହାପର୍ବ'କୁ ୟୁନେସ୍କୋର ମାନବୀୟତାର ଅବର୍ଣ୍ଣନୀୟ ସଂସ୍କୃତି ଐତିହ୍ୟ ତାଲିକାରେ ସାମିଲ କରାଇବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ, ଏଥର ବିଜୟା ଦଶମୀ ଅନ୍ୟ ଏକ କାରଣ ପାଇଁ ଅଧିକ ସ୍ୱତନ୍ତ୍ର। ଏହିଦିନ ଆର୍‌ଏସ୍‌ଏସ୍ ଏହାର ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରିବାକୁ ଯାଉଛି। ଏହି ଶହେ ବର୍ଷର ଯାତ୍ରା କେବଳ ସ୍ମରଣୀୟ ନୁହେଁ ବରଂ ପ୍ରେରଣାଦାୟକ। ୧୦୦ ବର୍ଷ ପୂର୍ବେ ଯେତେବେଳେ ଆର୍‌ଏସ୍‌ଏସ୍ ପ୍ରତିଷ୍ଠା ହୋଇଥିଲା, ସେତେବେଳେ ଆମ ଦେଶ ଦାସତ୍ୱର ଶୃଙ୍ଖଳରେ ଥିଲା, ଯେଉଁ ଦାସତ୍ୱ ଆମର ଆତ୍ମବିଶ୍ୱାସ ଏବଂ ଆତ୍ମ ସମ୍ମାନରେ ଗଭୀର କ୍ଷତ ସୃଷ୍ଟି କରିଥିଲା ଓ ଦେଶବାସୀଙ୍କ ମଧ୍ୟରେ ହୀନମନ୍ୟତା ଦେଖାଦେଇଥିଲା। ଦେଶ ସ୍ୱାଧୀନ ହେବା ସଙ୍ଗେ ସଙ୍ଗେ ଦାସତ୍ୱ ଚିନ୍ତାଧାରାରୁ ମୁକ୍ତ କରିବା ଜରୁରୀ ହୋଇପଡ଼ିଥିଲା। ସେହି ଉଦ୍ଦେଶ୍ୟରେ କେ.ବି. ହେଡଗେୱାର ୧୯୨୫ରେ ଆରଏସ୍‌ଏସ୍ ପ୍ରତିଷ୍ଠା କରିଥିଲେ। ଗୁରୁ ଗୋୱାଲକର ଏହାକୁ ଦେଶ ସେବାର ମହାଯଜ୍ଞ ଆଡ଼କୁ ନେଇଯାଇଥିଲେ ବୋଲି ମୋଦି କହିଛନ୍ତି। ଏଥିସହିତ ସେ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ ଏବଂ ଖ୍ୟାତନାମା ଗାୟିକା ଲତା ମଙ୍ଗେସ୍‌କରଙ୍କୁ ସେମାନଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

# ହାଇୱେରେ ବିବାହ ବିଜ୍ଞାପନ ହୋର୍ଡିଂ

**ୱାଶିଂଟନ:** ଜଣେ ଭଲ ଜୀବନସାଥୀ ଖୋଜିବା ପାଇଁ ଲୋକେ ପ୍ରାୟତଃ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ, ବୈବାହିକ ୱେବ୍‌ସାଇଟ୍ କିମ୍ବା ଡେଟିଂ ଆପ୍ସଗୁଡ଼ିକୁ ବ୍ୟବହାର କରିଥାନ୍ତି। ନଚେତ୍ ସେମାନେ ସମ୍ପର୍କୀୟଙ୍କ ପରାମର୍ଶରେ ନିଜ ଜୀବନସାଥୀଙ୍କୁ ବାଛିଥାନ୍ତି। ତେବେ ଜଣେ ୪୨ ବର୍ଷୀୟା ଆମେରିକୀୟ ଅବିବାହିତ ମହିଳା ନିଜ ବିବାହ ପାଇଁ ଏକ ଭିନ୍ନ ଉପାୟ ଅବଲମ୍ବନ କରିଛନ୍ତି। ସେ ଆମେରିକାର ଏକ ରାଜପଥରେ ନିଜ ବିବାହ ପାଇଁ ଏକାଧିକ ବିଜ୍ଞାପନ ବିଲ୍‌ବୋର୍ଡ ଲଗାଇଛନ୍ତି। ଏହି ବିଲବୋର୍ଡରେ ତାଙ୍କ ୱେବ୍‌ସାଇଟର ନାମ ଉଲ୍ଲେଖ ରହିଛି।

ନ୍ୟୁୟର୍କ ପୋଷ୍ଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଆମେରିକାର କାଲିଫର୍ନିଆ ବାସିନ୍ଦା ଲିସା କାଟାଲାନୋ ପୋଷାକ ବ୍ୟବସାୟୀ ଭାବେ ନିଜ ଜୀବିକା ନିର୍ବାହ କରୁଛନ୍ତି। ତେବେ ବିଭିନ୍ନ ଡେଟିଂ ଆପ୍ସ ଏବଂ ମାଟ୍ରିମୋନିଆଲ ପ୍ଲାଟ୍‌ଫର୍ମଗୁଡିକରେ ବିଫଳ ହେବା ପରେ




ସେ ସାଣ୍ଟା କ୍ଲାରାରୁ ସାନ୍ ଫ୍ରାନ୍ସିସ୍କୋ ପର୍ଯ୍ୟନ୍ତ ପରିବ୍ୟାପ୍ତ ୪୫ ମାଇଲ ବିଶିଷ୍ଟ ହାଇୱେ ୧୦୧ଏର ଉଭୟ ପାର୍ଶ୍ୱରେ ଏକ ଡଜନ ବିଲବୋର୍ଡକୁ ଭଡ଼ାରେ ନେଇଛନ୍ତି। ଏହି ବିଲବୋର୍ଡଗୁଡ଼ିକରେ ଲିସାଙ୍କ ବିବାହ ପାଇଁ ବିଜ୍ଞାପନ ଦିଆଯାଇଛି। ଲିସାଙ୍କୁ ବିବାହ ପାଇଁ ଆଗ୍ରହୀ ବ୍ୟକ୍ତିମାନେ ତାଙ୍କ ୱେବ୍‌ସାଇଟ ମାଧ୍ୟମରେ ସିଧାସଳଖ ଆବେଦନ କରିପାରିବେ। ଲିସା କହିଛନ୍ତି, ସେ ପ୍ରଥମ ଦେଖାରେ ହେଉଥିବା ପ୍ରେମକୁ ବିଶ୍ୱାସ କରନ୍ତି। ସମ୍ପ୍ରତି ସେ ଯେକୌଣସି ମୂଲ୍ୟରେ ନିଜ ପାଇଁ ଜୀବନସାଥୀ ଖୋଜିବାକୁ ସ୍ଥିର କରିଛନ୍ତି। ତେବେ ଏହା ତାଙ୍କର କୌଣସି ପବ୍ଲିସିଟି ଷ୍ଟଣ୍ଟ ନୁହେଁ ବୋଲି ଲିସା ଜୋର୍‌ଦେଇ କହିଛନ୍ତି। ବିବାହ କରିବା ପାଇଁ ଏହା ତାଙ୍କର ଏକ ଗମ୍ଭୀର ଏବଂ ଆତ୍ମନିର୍ଭରଶୀଳ ପ୍ରୟାସ। ତାଙ୍କର ବିଜ୍ଞାପନ ହୋର୍ଡିଂକୁ ଦେଖି ଯୋଗ୍ୟ ବ୍ୟକ୍ତିମାନେ ତାଙ୍କ ବ୍ୟକ୍ତିଗତ ଡେଟିଂ ୱେବ୍‌ସାଇଟ୍ marrylisa.comକୁ ଯାଇ ସେଠାରେ ଲିସାଙ୍କ ମନ ମୁତାବକ ଜୀବନସାଥୀଙ୍କଠାରେ ଆବଶ୍ୟକ ଥିବା ଗୁଣଗୁଡ଼ିକ ସମ୍ପର୍କରେ ଜାଣିପାରିବେ ଓ ତାଙ୍କ ସହ ବିବାହ ପାଇଁ ସିଧାସଳଖ ଭାବେ ଆବେଦନ କରିପାରିବେ। ବିଲ୍‌ବୋର୍ଡ ବ୍ୟତୀତ ଲିସା ଟ୍ୟାକ୍ସିଗୁଡ଼ିକରେ ମଧ୍ୟ ନିଜ ବିବାହ ପାଇଁ ବିଜ୍ଞାପନ ଲଗାଇଛନ୍ତି। ତେବେ ଏହି ପ୍ରୟାସ ପାଇଁ ଅନେକେ ଲିସାଙ୍କୁ ଟ୍ରୋଲ୍ କରୁଛନ୍ତି। ଏହାର ଜବାବ ରଖି ଲିସା କହିଛନ୍ତି, ସେ କେବଳ ପ୍ରକୃତ ପ୍ରେମ ଚାହାନ୍ତି। ଡେଟିଂ ଆପ୍ସରେ ବାରମ୍ବାର ବିଫଳତା ପାଇବା ପରେ ସେ ଏହି ଭିନ୍ନ ପଥ ବାଛିଛନ୍ତି। ସେ ବିବାହ କରିବା ସହ ନିଜ ପରିବାର ଆରମ୍ଭ କରିବାକୁ ଚାହାନ୍ତି। ଏକ ସୁସ୍ଥ ଜୀବନଶୈଳୀ ଅନୁସରଣ କରୁଥିବା ୩୫ରୁ ୪୫ ବର୍ଷ ବୟସର ଜଣେ ଜୀବନସାଥୀ ସେ ଚାହାନ୍ତି।

# ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ପଡ଼ିବ

## କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

- ୧୯୫ଜଣଙ୍କୁ ପିଏଚ୍.ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ
- ୭ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ

ଭୁବନେଶ୍ୱର,୨୮।୯(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଉତ୍ସବରେ ୧୯୫ଜଣ ଛାତ୍ରୀଛାତ୍ରଙ୍କୁ ପିଏଚ୍.ଡି, ୨୦୩୪ଜଣଙ୍କୁ ସ୍ନାତକୋତ୍ତର ଓ ୭୨୩୨ ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ବିଜେତା ଓଉଇଦେଦ ବୋଚାମାଉଇ, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ ମାନବବାଦୀ ଓ ଶାନ୍ତି ପ୍ରବକ୍ତା ଡ. ହୁଜେଫା ଖୋରାକିୱାଲା, କମ୍ପିଟିଶନ ସକ୍‌ସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ଗୁଏତମାଲା ଗଣରାଜ୍ୟର ଏମ୍‌ପି ଡ. ଫିଡେଲ ରାଏସ୍‌ଲି, ଜର୍ମାନୀର ପ୍ରତ୍ନତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ତଥା ବିଶ୍ୱ ମାନବବାଦୀ ପ୍ରବକ୍ତା ନର୍ବର୍ଟ ସାଉର ଏବଂ ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ



ନୋବେଲ ବିଜେତା ପ୍ରଫେସର ମୋହନ ମୁନାସିଂଘେଙ୍କୁ ସମ୍ମାନସୂଚନ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଉଛି।

ଡିଗ୍ରୀ ପ୍ରଦାନ କରାଯାଇଥିଲା। ଉତ୍ସବର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଛାତ୍ରୀଛାତ୍ରଙ୍କୁ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ମୁନାସିଂଘେ କହିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ବିଶ୍ୱର ସ୍ଥାୟିତ୍ୱ ଓ ଶାନ୍ତି ପ୍ରତିଷ୍ଠା ହେଉଛି ପ୍ରମୁଖ ଆହ୍ୱାନ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ ଚେତାଇ ଦେଇ କହିଲେ, ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ତୁରନ୍ତ ଆବଶ୍ୟକ। ସମ୍ପ୍ରତି ବିଶ୍ୱ ପାଇଁ ଯେତିକି ସମ୍ବଳର ଆବଶ୍ୟକତା ରହିଛି, ୨୦୩୦ ମସିହା ବେଳକୁ ଦୁଇଗୁଣା ହୋଇଯିବ। ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସର ବିଚାରପତି ଜଷ୍ଟିସ ଅବଦୁଲକ୍ୱାଇ ଅହମ୍ମଦ ଇସୁଫ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ ନିଜ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ ବୋଚାମାଉଇ ଛାତ୍ରୀଛାତ୍ରଙ୍କୁ ଡ. ଅଚ୍ୟୁତ ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳ ମନ୍ତ୍ର ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଡ. ସାମନ୍ତ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଦୁଇ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣ ପଦକ, ପିପିଏଲ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ. ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟ ପଦକ ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ. ଡି. ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷାଧିକ ଟଙ୍କାର ବାଣ ଜବତ, ୨ ଗିରଫ

ଜଳେଶ୍ୱର,୨୮।୯(ନବୀନ ସାହୁ)

ବେଆଇନ ବାଣ ଗୋଦାମ ଉପରେ ଜଳେଶ୍ୱର ପୋଲିସ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ବାଣ ଜବତ କରିବା ସହିତ ୨ ବେପାରୀଙ୍କୁ ଗିରଫ କରିଛି। ଜଳେଶ୍ୱର ଥାନା ପଶ୍ଚିମବାର୍ଡ ଗ୍ରାମରେ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ବେଆଇନ ଭାବରେ ବାଣ କାରବାର କରିଆସୁଥିଲେ। ଏନେଇ ଜଳେଶ୍ୱର ପୋଲିସ ପାଖରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ରବିବାର ଜଳେଶ୍ୱର ଏଏସ୍‌ଆଇ ଭଗବାନ ଦାସଙ୍କ ନେତୃତ୍ୱରେ ଜଳେଶ୍ୱର ପୋଲିସ ଉକ୍ତ ବେଆଇନ ବାଣ ଗୋଦାମରେ ଚଢ଼ାଉ କରି ବିପୁଳ ପରିମାଣରେ ବାଣ ଜବତ କରିବା ସହିତ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଉକ୍ତ ବାଣର ମୂଲ୍ୟ ଦେଢ଼ଲକ୍ଷ ଟଙ୍କା ହେବ। ସେହିପରି ଭାବରେ ଆରୁହା ପଞ୍ଚାୟତ ଶାଳିକୋଠ ଗ୍ରାମରେ ଚଢ଼ାଉ କରି ୩୦ ହଜାର ଟଙ୍କାର ବାଣ ଜବତ କରିବା ସହିତ ବାଣ ବେପାରୀଙ୍କୁ ଗିରଫ କରିଛି।




# ଉଧାର ଟଙ୍କା ଶୁଝି ନ ପାରି ଚାଷୀଙ୍କ ଜୀବନ ଗଲା

ଭୋଗରାଇ,୨୮।୯(ପ୍ରଦୀପ ଦାସ)

ଉଧାର ଟଙ୍କାର ଚକ୍ରବୃଦ୍ଧି ସୁଧ ବଦଳରେ ନିଜ ସମ୍ପତ୍ତିକୁ ବନ୍ଧକ ଦେବା ଓ ମାତ୍ରାଧିକ ସୁଧ ଆଦାୟ ଜୁଲୁମ ସହି ନ ପାରି ଜଣେ ଚାଷୀଙ୍କ ଜୀବନ ଯାଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ। ମୃତ ଚାଷୀ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗଣେଶ୍ୱରପୁର ଗ୍ରାମର ରବୀନ୍ଦ୍ର ନାଥ ସାହୁ (୬୫)।

ସୂଚନାନୁଯାୟୀ, ରବୀନ୍ଦ୍ର କିଛି ବର୍ଷ ପୂର୍ବରୁ ଦେହୁର୍ଦ୍ଧା ଗ୍ରାମର ଜଣେ ବ୍ୟକ୍ତିଙ୍କଠାରୁ ଚାଷ କାର୍ଯ୍ୟ ନିମନ୍ତେ ଲକ୍ଷାଧିକ ଟଙ୍କା ଉଧାର ନେଇ ଚାଷ କାମ କରିଥିଲେ। କିନ୍ତୁ ଏହି ଚାଷରେ ସେ କ୍ଷତି ସହିବାରୁ ଉଧାର ଆଣିଥିବା ଟଙ୍କା ଶୁଝି ନ ପାରି ପରିବାର ଲୋକଙ୍କ ଅଗୋଚରରେ ନିଜର ଘରଡିହ ସହ ୩୫ ଡିସିମିଲ ଜାଗା ଲିଖିତ ଭାବେ ବନ୍ଧକ ରଖିଥିଲେ। ପରିବାରର ୧୩ଜଣ ସଦସ୍ୟଙ୍କ ପ୍ରତିପୋଷଣ ଲାଗି ରବୀନ୍ଦ୍ର ମୁଖ୍ୟ ଥିବା ବେଳେ ଚାଷରେ କ୍ଷତି, ସୁଧଖୋରଙ୍କ ଚକ୍ରବୃଦ୍ଧି ସୁଧର ଜୁଲୁମ ତାଙ୍କୁ ଭାରାକ୍ରାନ୍ତ କରିଥିବା ମୃତ ଚାଷୀଙ୍କ ପୁତ୍ର ଅଭିଯୋଗ କରିଥିଲେ। ଅଭାବ ସହି ନ ପାରି ପରିବାରର ଅଜାଣତରେ ଗତ ୧୮ତାରିଖରେ ରବୀନ୍ଦ୍ର ନିରୁଦ୍ଦିଷ୍ଟ ହୋଇଥିଲେ। ପରିବାର ଲୋକେ

### ମୃତଦେହ ରଖି ପ୍ରତିବାଦ କଲେ ଗ୍ରାମବାସୀ

ଏନେଇ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରି ଖୋଜଖବର ନେଉଥିଲେ। ରବୀନ୍ଦ୍ର ଏଣେତେଣେ ବୁଲିବା ପରେ ଗୁଡ଼ସାଠାରେ ରାସ୍ତାରେ ପଡିଯାଇଥିବା ସୂଚନା ମିଳିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରିବାର ଲୋକେ ସେଠାକୁ ଯାଇ ମୃତଦେହ ଆଣି ଶନିବାର ମଧ୍ୟାହ୍ନରେ ସୁଧଖୋର ବ୍ୟକ୍ତିଙ୍କ ଘର ସମ୍ମୁଖରେ ମୃତଦେହ ରଖି କ୍ଷତିପୂରଣ ସହ ସମସ୍ତ ଜମିକୁ ଫେରସ୍ତ ଦାବି କରି ନାରାବାଜି ଦେଇଥିଲେ। ସ୍ଥିତି କ୍ରମଶଃ ଜଟିଳ ହେବାରୁ ଭୋଗରାଇ ଥାନାଧିକାରୀ ରୋହିତ କୁମାର ବଳ ଓ ପୋଲିସବାହିନୀ ପହଞ୍ଚି ଉତ୍ତେଜିତ ଗ୍ରାମବାସୀଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବାରୁ ମୃତଦେହକୁ ଗ୍ରାମବାସୀ ଗ୍ରାମକୁ ନେଇ ଦାହ କରିଥିଲେ। ମୃତ ଚାଷୀଙ୍କ ପୁଅ ଭାସ୍କର ସାହୁ ସୁଧଖୋର ବ୍ୟକ୍ତିଙ୍କୁ ଦାୟୀ କରି ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

# ସ୍କୁଟି ଉପରେ ଚଢ଼ିଲା ହାଇୱା, ଦମ୍ପତି ମୃତ

- ଆହତ ୨ ଶିଶୁପୁତ୍ର ଏବେ ଅସହାୟ
- ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ବରଗଡ଼,୨୮।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ସ୍ଥିତ ଗୁରୁଦ୍ୱାରା ଛକରେ ରବିବାର ଅପରାହ୍ନ ପ୍ରାୟ ୪ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଉପରେ ହାଇୱା ଚଢ଼ିଯିବାରୁ ଚାପିହୋଇ ଘଟଣାସ୍ଥଳରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଅମ୍ବାଭୋନାର ହରେକୃଷ୍ଣ ଡୁଙ୍ଗୁରି(୩୬) ଏବଂ ତାଙ୍କ ସ୍ତ୍ରୀ କୁନ୍ତଳା(୩୦)। ଏହି ଦୁର୍ଘଟଣାରେ ଦମ୍ପତିଙ୍କ ୨ ଶିଶୁପୁତ୍ର ଆହତ ହୋଇଛନ୍ତି। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକେ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ସୂଚନା ଅନୁଯାୟୀ, ମୃତ ଦମ୍ପତି ୨ ଶିଶୁ ପୁତ୍ରଙ୍କୁ ଧରି ଏକ ସ୍କୁଟି (ନମ୍ବର – ଓଡି୧୭ଏଏଫ ୧୭୫୭)ରେ ଯାଉଥିବା ସମୟରେ ଅନ୍ୟ ଏକ ହାଇୱା ଗାଡି(ନମ୍ବର – ଓଡି୧୭ଏସି ୨୮୯୪) ତାଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ହାଇୱା ଗାଡି ଚକତଳେ ଚାପି ହୋଇ ରହିଯିବାରୁ ଘଟଣାସ୍ଥଳରେ ଦମ୍ପତିଙ୍କର ମୃତ୍ୟୁ ହୋଇଥିଲା ଏବଂ ୨ ଶିଶୁପୁତ୍ର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତ ଶିଶୁଙ୍କୁ ଉଦ୍ଧାର କରି ବରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମୃତ ହରେକୃଷ୍ଣ ପକ୍ଷାଘାତ ରୋଗୀ ହୋଇଥିବା ବେଳେ କୁନ୍ତଳା ଅମ୍ବାଭୋନା ତହସିଲ କାର୍ଯ୍ୟାଳୟରେ ଘରୋଇ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ ବୋଲି ଜଣାପଡ଼ିଛି। ଦମ୍ପତିଙ୍କ ମୃତ୍ୟୁ ପରେ ୨ ଶିଶୁପୁତ୍ର ଅସହାୟ ହୋଇଯାଇଥିବା ଯୋଗୁ ସେମାନଙ୍କ ଥଇଥାନ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ସାପକାମୁଡ଼ାରେ ମା’ଝିଅଙ୍କ ମୃତ୍ୟୁ

ପାଟଣା,୨୮।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ବିଲ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାପ କାମୁଡ଼ାରେ ମା’ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ବିଲ ଗ୍ରାମର ଗ୍ରାମସାଥୀ ରଞ୍ଜନ କୁମାର ନାୟକଙ୍କ ସ୍ତ୍ରୀ ଯାତ୍ରୀ ନାୟକ(୨୮) ଓ ତାଙ୍କ ଶାଶୁ ତୁରୁମୁଙ୍ଗା ଥାନା କାଶୀପୁର ଗ୍ରାମର ଫୁଲମଣୀ ନାୟକ(୭୫)। ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ ଯେ, ଫୁଲମଣୀ ଝିଅ ଘରକୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ରାତିରେ ଘର ଚଟାଣରେ ମା’ ଝିଅ ଶୋଇଥିବା ସମୟରେ ଉଭୟଙ୍କୁ ଏକ ଚିତି ସାପ କାମୁଡ଼ିଥିଲା। ପ୍ରଥମେ ଯାତ୍ରୀଙ୍କୁ ସାପ କାମୁଡ଼ିବା ଜାଣି ପରିବାର ଲୋକେ ତାଙ୍କୁ ଗୁଣିଆ ନିକଟକୁ ନେଇ ଝଡ଼ାଫୁଙ୍କା କରିଥିଲେ। ପରେ ସେ ଗୁରୁତର ହେବାରୁ ଠାକୁରମୁଣ୍ଡା ଓ ପରେ ଘଷିପୁରା ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଯାତ୍ରୀଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଥିଲା। ଫୁଲମଣୀଙ୍କୁ ମଧ୍ୟ ଉକ୍ତ ରାତିରେ ସାପ କାମୁଡ଼ିଥିଲା। ମାତ୍ର ସେ ଜାଣି ନ ପାରି ନିଜ ଗାଁ ତଥା ଘର କାଶୀପୁରକୁ ଚାଲିଯାଇଥିଲେ। ସେଠାରେ ତାଙ୍କର ଶରୀର ଅସୁସ୍ଥ ହେବାରୁ ପରିବାର ଲୋକେ ଡାକ୍ତରଖାନାକୁ ନେଇଥିଲେ। ଶନିବାର ଅପରାହ୍ନରେ ତାଙ୍କର ବି ମୃତ୍ୟୁ ଘଟିଥିଲା। ଯାତ୍ରୀଙ୍କ ମୃତଦେହ ଘଷିପୁରା ମେଡିକାଲରେ ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ କରୁଛି। ତେବେ ଫୁଲମଣୀଙ୍କ ମୃତଦେହ ପରିବାର ଲୋକେ ବ୍ୟବଚ୍ଛେଦ ନ କରାଇ ପୋତି ଦେଇଥିବା ତୁରୁମୁଙ୍ଗା ଥାନା ଅଧିକାରୀ ସୌରଭ ପ୍ରଧାନ କହିଛନ୍ତି।





# ବାପ ଝିଅଙ୍କୁ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ

ବଣ୍ଟା,୨୮।୯(ପରିକ୍ଷିତ ସାହୁ)

ଅନ୍ଧାରୁଆ ରାସ୍ତାରେ ଛକି ରହିଥିଲେ। ବାପଝିଅଙ୍କୁ ଏକୁଟିଆ ଦେଖି ଅଟକାଇବା ସହ ଲୁଟ୍ ଉଦ୍ୟମ କଲେ। ହେଲେ ଏଥିରେ ବିଫଳ ହେବାରୁ ସେମାନଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିବା ସହ ପେଟ୍ରୋଲ ଢାଳି ହତ୍ୟା ଉଦ୍ୟମ କରିଛନ୍ତି ୩ ଯୁବକ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ। ଆହତ ରବି ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

### ଲୁଟ ଉଦ୍ୟମ ବିଫଳରୁ ଆକ୍ରମଣ

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ଭାଗୀରଥିପୁର ଗ୍ରାମର ରବି ସାହୁ ଓ ତାଙ୍କ ଝିଅ ଚେରଖଣ୍ଡି ଓ ଆମ୍ବସରମୁଣ୍ଡା ରାସ୍ତାରେ ଘରକୁ ଫେରୁଥିବାବେଳେ ବାଟରେ ଅନ୍ଧାରୁଆ ସ୍ଥାନରେ ଆଠମଲ୍ଲିକ ଥାନା ଯଦୁପୁର ଗ୍ରାମର ବୀରେନ୍ଦ୍ର ସାହୁ, ବିଭୁ ସାହୁ ଏବଂ ଜିତେନ୍ଦ୍ର ସାହୁ ସେମାନଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ତେବେ ପାଖରେ ଟଙ୍କା ନ ଥିବା କହିବାରୁ ଉଭୟ ବାପଝିଅଙ୍କୁ ଅଭିଯୁକ୍ତମାନେ ଠେଙ୍ଗାରେ ଆକ୍ରମଣ କରିବା ସହ ଝିଅ ପିନ୍ଧିଥିବା ସୁନା କାନଫୁଲକୁ ଛିଣ୍ଡାଇ ନେଇ ଯାଇଥିଲେ। ଏହାକୁ ରବି ପ୍ରତିବାଦ କରିବାରୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ପାଖରେ ରଖିଥିବା ପେଟ୍ରୋଲକୁ ବାପଝିଅଙ୍କ ଉପରକୁ ଢାଳି ଦେବା ସହ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ହେଲେ କୌଶଳକ୍ରମେ ରବି ଏବଂ ତାଙ୍କ ଝିଅ ଚିତ୍କାର କରି ସେଠାରୁ ଖସି ଆସିଥିଲେ। ଉଭୟେ ଆଠମଲ୍ଲିକ ମେଡିକାଲରେ ଚିକିତ୍ସିତ ହେବାପରେ ଶନିବାର ରବି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୨୭୦/୨୫) ରୁଜୁ କରିଛି। ତଦନ୍ତ ଚାଲିଛି, ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି ବୋଲି ଥାନା ଅଧିକାରୀ ଶଶିଭୂଷଣ ବେହେରା କହିଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସକାଳ ୭ଟା ୧୦।
- ରେସିଡେଣ୍ଟସ୍ ୱେଲ୍‌ଫେୟାର ଆସୋସିଏଶନ୍ ପକ୍ଷରୁ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ମହା ସପ୍ତମୀ ପୂଜା, ସ୍ଥାନ: ଶୈଳଶ୍ରୀ ବିହାର, ଫେଜ୍ ୭, ସମୟ: ସକାଳ ୯ଟା।
- ୭୦ତମ ଦୁର୍ଗାପୂଜା ମହୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ଷ୍ଟେଶନ୍ ବଜାର ପୂଜା ମଣ୍ଡପ, ସମୟ: ସକାଳ ୯ଟା।
- ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ଝାରପଡ଼ା ମେଳଣ ପଡ଼ିଆ, ସମୟ: ସକାଳ ୯ଟା ୩୭।
- ବମିଖାଲ ଦୁର୍ଗାପୂଜା ସମିତି ପକ୍ଷରୁ ମହାସପ୍ତମୀ ପୂଜା, ସ୍ଥାନ: ବମିଖାଲ ଦୁର୍ଗାପୂଜା ମଣ୍ଡପ, ସମୟ: ସକାଳ ୯ଟା ୩୭।
- ପୁସ୍ତକ 'ମୋ କର୍ମମୟ ଜୀବନ' ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୪ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଗୋଟିପୁଅ ନୃତ୍ୟ, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ସନ୍ଧ୍ୟା ୭ଟା।
- ଗଡ ନହରକଣ୍ଟା ଦୁର୍ଗା ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ ନହରକଣ୍ଟା ଦୁର୍ଗା ପୂଜା ମଣ୍ଡପ ସମ୍ମୁଖ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କଟକ

- ଶ୍ରୀରାମଚରିତ ମାନସ ଓ ସାମୂହିକ ରାମାୟଣ ପାଠର ସପ୍ତମ ଦିବସ, ସ୍ଥାନ: ଶ୍ରୀରାଧା କୁଟୀର, ମହିଦାସ ବଜାର, ସମୟ: ସକାଳ ୭ଟା।

## ବାଲେଶ୍ୱର

- ଦୁର୍ଗାଦାସ ଫାଉଣ୍ଡେଶନ ଓ ମନ୍ମଥ-ମନୋଜ ଫାଉଣ୍ଡେଶନ ମିଳିତ ସହଯୋଗରେ ଅମୃତ ସନ୍ତାନ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଦାସଙ୍କ ୧୦୬ ତମ ଜୟନ୍ତୀ, ସ୍ଥାନ: ମନ୍ମଥ-ମନୋଜ ସ୍ମାରକୀ କକ୍ଷ, ଶଙ୍ଖାରୀ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମହାସପ୍ତମୀ ପୂଜା, ସ୍ଥାନ: ଗାନ୍ଧୀପଡ଼ିଆ ପୂଜା ମଣ୍ଡପ, ଭଦ୍ରକ, ସମୟ: ପ୍ରାତଃ ୫ଟା ୩୯।
- ପୂର୍ବତନ ସ୍ୱାସ୍ଥ୍ୟ ନିରୀକ୍ଷକ ସ୍ୱର୍ଗତ ମଧୁସୂଦନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ, ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଡାହାଣୀଗଡ଼ିଆ ଶ୍ରୀକୃଷ୍ଣନଗର, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ହାଟଡ଼ିହୀ, ଅଣା, ବଡ଼ରମ୍ପାସ, ଛେନାପଦି, ସମୟ: ସକାଳ ୮ ଟା।
- ବାବା ହଟକେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ହାଟଡ଼ିହୀ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ଜୀବନ ଦୀପ କ୍ଲବ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ୍ ସ୍ଥାନ: ପାଟଣା ବ୍ଲକ୍ ଯମୁନା ପୋଷି ପଞ୍ଚାୟତ ଗୋଡ଼ି ପୋଖରୀ ଫୁଟ୍‌ବଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା,ସ୍ଥାନ: ଛଉ ପଡ଼ିଆ,ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ଭକ୍ତି ସଙ୍ଗୀତ ଓ ନୃତ୍ୟ ଅର୍ଘ୍ୟ, ସ୍ଥାନ: ତାଳପଦା ଦୁର୍ଗାପୂଜା ମଣ୍ଡପ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା,ସ୍ଥାନ:ତୁଳସୀଚଉରା ଦୁର୍ଗାପୂଜା ମଣ୍ଡପ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ

- ମହା ସପ୍ତମୀ ପୂଜା, ସ୍ଥାନ: ବୁଗୁଡ଼ା ବସଷ୍ଟାଣ୍ଡ, ସମୟ: ସନ୍ଧ୍ୟା ୬ ଟା।

## ଢେଙ୍କାନାଳ

- ମହାଷ୍ଟମୀ ଷୋଡଶ ଦିନାତ୍ମକ ପୂଜା ସମାପନ ଉତ୍ସବ, ସ୍ଥାନ: ବନଦୁର୍ଗା ମା ମଲ୍ଲିକେଶ୍ୱରୀ ପୀଠ, ସମୟ: ଦିନ ୧୨ଟା
- ଆର୍ଟ ଆଣ୍ଡ କ୍ରାଫ୍ଟ ସେଂଟର ଉଦଘାଟନ, ସ୍ଥାନ: ଜିଲା ସଂସ୍କୃତି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଭୋଟ ଚୋରି ପ୍ରସଙ୍ଗରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ପ୍ରତି ୱାର୍ଡରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ପଡ଼ିଆ ଦଳୀୟ କାର୍ଯ୍ୟାଳୟ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ତେରୋହୀ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା
- ମହାଷ୍ଟମୀ ଅବସରରେ ମା' ଦୁର୍ଗାଙ୍କ ମହାକାଳୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଛାପୁର, କେନ୍ଦ୍ରାପଡା, ସମୟ: ପ୍ରାତଃ ୫ଟା ।

## ଯାଜପୁର

- ଯାଜପୁର ମା' ବିରଜାଙ୍କ ମହାସ୍ନାନ ରାତ୍ର, ମହାବେଶ ଓ ପୂଜାରମ୍ଭ, ସ୍ଥାନ: ମା' ବିରଜା ମନ୍ଦିର, ସମୟ: ରାତି ୮ଟା ୧୫ ମିନିଟ।
- ବ୍ୟାସନଗର ମା' ବିରଜାଙ୍କ ଅଷ୍ଟମୀ ପୂଜା ଓ ପ୍ରସାଦ ସେବନ, ସ୍ଥାନ: ମନ୍ଦିର ପରିସର, ସମୟ : ଅପରାହ୍ନ ୧ଟା।

## ନୟାଗଡ଼

- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାସପ୍ତମୀରେ ଜଳଯାତ୍ରା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ:ଓଡଗାଁ ବ୍ଲକ ପାଟୁଳିସାହି, ଡିମିଶର, ହରିପୁର ନୟାଗଡ ବ୍ଲକ ଆଡଚେର, ମାନପୁର, ନାଗମୁଣ୍ଡୁଳ. ସମୟ: ସକାଳ ୮ଟା ରୁ ରାତି ୯.୩୦ ।
- ବିଶ୍ୱଶାନ୍ତି ମହଯଜ୍ଞ ଆରମ୍ଭ, ସ୍ଥାନ: କଣ୍ଟିଲୋ ପାଣୁସାହୁ ପାଟଣା, ସମୟ: ସକାଳ ୮ଟା।
- ଦୁର୍ଗାପୂଜା ମହାଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଶୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସର ମହାଅଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦର ମହିଷାଷୁଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସରରେ ମହାଅଷ୍ଟମୀ ପୂଜା, ସ୍ଥାନ:କଣ୍ଟିଲୋ ଶ୍ମଶାନ ଚଣ୍ଡୀ, ସମୟ: ପୂର୍ବାହ୍ନ ୧୦ଟା ।
- ଦୁର୍ଗାପୂଜା ଅବସର ମହାଅଷ୍ଟମୀ ପୂଜା, ସ୍ଥାନ:ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା ।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିବସରେ ରଣପୁର ଫ୍ରେଣ୍ଡସ୍ କ୍ଲବ ବନାମ ମାଣିଆବନ୍ଧ କ୍ରିକେଟ କ୍ଲବ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।
- ମାସେ ଧରି ହେବାକୁ ଥିବା ଦାମୋଦର ପୂଜାର ଶୃଙ୍ଖଳୀତ ନୀତି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ମହାସପ୍ତମୀରେ ପଥରକଟାର ଭାରତଲୀଳା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ ପରିସରସ୍ଥ ଦୁର୍ଗା ମଣ୍ଡପ ସମ୍ମୁଖ, ସମୟ: ଅପରାହ୍ନ ୨ଟାରୁ ରାତ୍ର ୧୦ଟା ।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସଂନ୍ଧ୍ୟା ୭ଟା ।
- ତ୍ରି ଦିନାତ୍ମକ ପାର୍ବଣ ଉତ୍ସବର ୨ୟ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସଂନ୍ଧ୍ୟା ୭ଟା ।

## ନବରଙ୍ଗପୁର

- ମା' ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ସଦର ମହକୁମା ପୂଜା ମଣ୍ଡପ, ସମୟ: ସକାଳ ୮ ଟା।

## କୋରାପୁଟ

- ଦଶହରା ସପ୍ତମୀ ପୂଜା ଓ ଦର୍ଶନ ବିଧି, ସ୍ଥାନ: ବତ୍ରିସ ସିଂହାସନ ଓ ଅନ୍ୟ ଦେବୀ ପୀଠ, ସମୟ: ସକାଳ ୯ଟା।
- ବାଲ୍ୟ ବିବାହ ନିରାକରଣ ବୈଠକ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ୍ ସଭାଗୃହ, ସମୟ:ପୂର୍ବାହ୍ନ ୧୧ଟା।
- ଲୋକ ଶକ୍ତି ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅତିଥି ଭବନ, ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ମା'ଦୁର୍ଗାଙ୍କ ସପ୍ତମୀ ପୂଜା, ସ୍ଥାନ:ମା' ବାଟମଙ୍ଗଳା ମନ୍ଦିର, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା।

## ମାଲକାନଗିରି

- ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ, ସ୍ଥାନ: ସଂଘ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- କ୍ରୀଷ୍ଣା ବିକାଶ ହସ୍ପିଟାଲ ଆୟୋଜନରେ ୱାକାଥନ କାର୍ଯ୍ୟକ୍ରମ, ସ୍ଥାନ: ବୁଢ଼ାରଜା ଜଗନ୍ନାଥ କଲୋନୀ ପାର୍କ, ସମୟ: ସକାଳ ୮ଟା।
- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ମାଁ ମଙ୍ଗଳା କମିଟୀ ପକ୍ଷରୁ ଚଣ୍ଡିପାଠ, ସ୍ଥାନ: ଭୁତାପଡା ସ୍ଥିତ ମଙ୍ଗଳା ମନ୍ଦିର, ସମୟ: ସକାଳ ୯ଟା।
- ମାଁ ସମଲେଇଙ୍କ ଖଣ୍ଡାଧୂଆ ନିତି, ସ୍ଥାନ: ମହାନଦୀ ମଚ୍ଛିନ୍ଦ୍ର ଘାଟ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡି ପୀଠରେ ଅଷ୍ଟମୀ ଓ ଭାଇଜିଉଁନ୍ତିଆ ପୂଜା, ସ୍ଥାନ: ଦାନୀପାଲି ସ୍ଥିତ ମନ୍ଦିର ପରିସର, ସମୟ: ରାତି ୭ଟା।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ରାତି ୭ଟା।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ରାମାୟଣ ମଞ୍ଚସ୍ଥ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ରାତି ୭ଟା।
- ଶାରଦୀୟ ଦଶହରା ପୂଜା ପାଇଁ ପୀଠରେ ଅଷ୍ଟମୀ ପୂଜା, ଭାଇଜିଉଁନ୍ତିଆ ପର୍ବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ରାତି ୮ଟା।
- ସମଲେଇଙ୍କ ଆଖଡ଼ା ପରିକ୍ରମା କାର୍ଯ୍ୟକ୍ରମ, ସ୍ଥାନ: ସମଲେଇ ମନ୍ଦିର ଛକ, ସମୟ: ରାତି ୮ଟା।

## ରାଉରକେଲା

- ଦୁର୍ଗାପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା, ସ୍ଥାନ: ଅଭିମନ୍ୟୁ ନଗର, ସେକ୍ଟର-୩, ସମୟ: ସକାଳ ୮ଟା ୫୨।
- ସ୍ୱର୍ଗତ ରମାଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧା ଅନୁଷ୍ଠାନରେ ଶୈକ୍ଷିକ ଶିବିର, ସ୍ଥାନ: ସେକ୍ଟର-୭, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- ମା'ମାଣିକେଶ୍ୱରୀଙ୍କ ମହାଷ୍ଟମୀ ପୂଜା ଉପଲକ୍ଷେ ଘୁମୁରା ପ୍ରତିଯୋଗିତା ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀଙ୍କ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସାମାଜିକ ଅପେରା ପରିବେଷଣ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଟୈଗୁଡା ଗ୍ରାମ,ସମୟ: ସନ୍ଧ୍ୟା ୭ଟା।
- ଜନତା ଦୁର୍ଗା ପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା ସମାରୋହ, ସ୍ଥାନ: ଭବାନୀପାଟଣା, ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ମହାଷ୍ଟମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଥୁଆମୂଳ ରାମପୁର ମା' ମାଣିକେଶ୍ୱରୀ ମନ୍ଦିର, ସମୟ: ରାତି ୯ଟା ୩୦।

## ଦେବଗଡ଼

- ନବରାତ୍ର ପୂଜା ଅଷ୍ଟମ ଦିବସ, ସ୍ଥାନ: ମା' କନକଦୁର୍ଗା ମନ୍ଦିର, ଶନି ମନ୍ଦିର, ଶିରିଡ଼ି ସାଇ ମନ୍ଦିର, ମା' ପଧାନୀ ଓ ଦକ୍ଷିଣକାଳି ମନ୍ଦିର, ଦେବଗଡ଼ ସହର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମହାଗୌରୀ ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ସକାଳ ୮ଟା ୩୦
- ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ବୀରମହାରାଜପୁର ବସଷ୍ଟାଣ୍ଡ ଦୁର୍ଗା ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା
- ମହାନଦୀରେ ମାହେଶ୍ୱରୀଙ୍କ ମହାସ୍ନାନ, ସ୍ଥାନ: ଦେଉଳି ଘାଟ,ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା
- ସୁବର୍ଣ୍ଣପୁର ସହର ମହାନଦୀର ତେନ୍ତୁଳିଘାଟରେ ମା' ଲଙ୍କେଶ୍ୱରୀଙ୍କ ମହାଆଳତି, ସ୍ଥାନ: ବଡବଜାର ତେନ୍ତୁଳିଘାଟ, ସମୟ: ସନ୍ଧ୍ୟା ୭ଟା ୩୦।
- ଭାଇ ଜିଉଁନ୍ତିଆ ବ୍ରତ, ସ୍ଥାନ: ବୀରମହାରାଜପୁର ଦୁର୍ଗାମନ୍ଦିର, ସମୟ : ରାତି ୮ଟା ।

## ନୂଆପଡ଼ା

- ଶ୍ରୀଦୁର୍ଗା ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ, ସ୍ଥାନ: ବୋଡେନ ବ୍ଲକ ରାମତୀର୍ଥ ପାତାଳ ଗଙ୍ଗା, ସମୟ: ସକାଳ ୭ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜାରେ ମାତା କାଳରାତ୍ରୀ ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ସାପ୍ତାହିକ ବଜାର ପଡ଼ିଆ, ସମୟ: ସକାଳ ୮ ଟା ।
- ନାଗବାଚା ପାର୍ଟି ପକ୍ଷରୁ ଅଷ୍ଟ ମଙ୍ଗଳା ପୂଜା, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ନାଗବାଚା ଗୁଡ଼ି, ସମୟ: ସକାଳ ୯ ଟା।
- ମିଶନ ଶକ୍ତି କମ୍ୟୁନିଟି ସପୋର୍ଟ ଷ୍ଟାଫ ଧାରଣା ଅଷ୍ଟମ ଦିବସ, ସ୍ଥାନ: ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ତ୍ରୟୋଦଶ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜୟହିନ୍ଦ ଯୁବକ ସଂଘ ନବଦୁର୍ଗା କମିଟି ବିରେଶକେଲା ପକ୍ଷରୁ କାଳ୍ପନିକ ନାଟକ ପରିବେଷଣ, ସ୍ଥାନ: ବୋଡେନ ବ୍ଲକ ବିରେଶକେଲା ଗାଁ, ସମୟ: ରାତ୍ର ୯ ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅସୁସ୍ଥ ପାରିବେଶିକ କୁପ୍ରଭାବ, ମାନସିକ ଓ ଶାରୀରିକ ଦିଗ ସକାଶେ ଚିନ୍ତିତ ରହିପାରନ୍ତି। ଆର୍ଥିକ ଅଭିବୃଦ୍ଧି, ଧର୍ମୀୟ ଭାବନା, ବନ୍ଧୁମିଳନ ଓ ସକାଳୁଆ ଯାତ୍ରା ଶାନ୍ତି ପ୍ରଦାୟକ ହେବ। ପାରିବାରିକ, ପରିବହନ ଓ ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିପାରେ। ଉପରିସ୍ଥଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ।

**ବୃଷ** ସ୍ୱାସ୍ଥ୍ୟ ବିଶେଷ ଭଲ ନ ଥିଲେ ମଧ୍ୟ ଗୁରୁତର ସମସ୍ୟା ରହିବ ନାହିଁ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ସାମୟିକ ଲାଗିରହିବାରୁ କର୍ମକ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରା ଓ ବନ୍ଧୁ ମିଳନ, କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ** ପୂର୍ବପରିକଳ୍ପିତ ନୂତନ ଯୋଜନା, ସ୍ଥଗିତ କାମ ଓ ପାରିବାରିକ ସମସ୍ୟାକୁ ସୁଧାରି ନେବେ। ସହନଶୀଳତା ଓ ଉଦାରତା ଗୁଣରୁ ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର ନ କଲେ ପରେ ଅନୁତାପ କରିବେ। ବାଣିଜ୍ୟ, ଆଲୋଚନା, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** ଅନୁକୂଳ ଗ୍ରହସ୍ଥିତି ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟଲାଭର ସୌଭାଗ୍ୟ ପାଇ ଖୁସି ହେବେ। ବିଗତ ଦିନଗୁଡ଼ିକରୁ ରହିଯାଇଥିବା କାମ ସହଜ ଓ ସୁବିଧାରେ ହୋଇପାରିବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବାର ଆଶା ରହିଛି।

**ସିଂହ** ଅପ୍ରିୟ ସତ୍ୟ କହିବାରୁ କିଛିଟା ସମସ୍ୟା ଓ ବିରୋଧର ସମ୍ମୁଖୀନ ହେବେ। ବ୍ୟବସାୟ, ପରିବହନ, ଜମିଜମା, କଳକାରଖାନାରୁ ଲାଭବାନ୍ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ସହ ହଠାତ୍ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ବାରମ୍ବାର ପ୍ରତିବନ୍ଧକ ଲାଗିରହୁଥିବାରୁ କାମ ବିଳମ୍ବରେ ସମ୍ପନ୍ନ ହେବ। ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେଇପାରନ୍ତି କିନ୍ତୁ ତାହା କାମକୁ ଆସି ନ ପାରେ। ସହୃଦୟତା କାରଣରୁ ନିଜର ଆତ୍ମୀୟସ୍ୱଜନଙ୍କ ସମସ୍ୟା ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତ, ସଭାସମିତି, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା, ବ୍ୟବସାୟ,ଯୋଗାଯୋଗ, ଜମିଜମା କାରବାର ପାଇଁ ଶୁଭପ୍ରଦ ହେବ। ସୁସମ୍ପର୍କ ଅଭାବରୁ ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପରୋକ୍ଷ ଶତ୍ରୁତା ହେତୁ ସାମୟିକ ସମସ୍ୟା ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ବିଛା** ଆଜି ଯାହା ପାଇବା ପାଇଁ ଭାବୁଛନ୍ତି ତାହା ପାଇବେ କିନ୍ତୁ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତାଜନିତ କୌଣସି ଗୁଜବ ଅଶାନ୍ତିର କାରଣ ହେବ। ଆବଶ୍ୟକତା ପୂରଣ କରିବା ସକାଶେ ବିଶେଷ ଚିନ୍ତା କରିବାକୁ ପଡ଼ିବାର ଆଶଙ୍କା ରହିଛି। ପାରିବାରିକ ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାଜନିତ ଆନନ୍ଦିତ ହୋଇପାରନ୍ତି।

**ଧନୁ** କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି।

**ମକର** ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭକରି ପ୍ରତ୍ୟେକ କାମକୁ ଦୃଢ଼ ପଦକ୍ଷେପ ନେଇ ହାସଲ କରିପାରିବେ। ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତାରୁ କାମ ହାସଲରେ ପ୍ରତିବନ୍ଧକ ଦେଖାଦେବ। ପୁତ୍ରକନ୍ୟାଙ୍କୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି।

**କୁମ୍ଭ** ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶ ଆପଣଙ୍କୁ ନୂତନ ଭାବରେ କାମ କରିବାକୁ ଅନୁପ୍ରେରିତ କରିବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂର ଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ଆଇନ, ଅଦାଲତ ଓ ସାଂଗଠନିକ କାମରେ ସଫଳତା ହେତୁ ମାନସିକ ସ୍ଥିତି ଠିକ୍ ରହିବ।

**ମୀନ** ବନ୍ଧୁମାନଙ୍କ ସାହାଯ୍ୟରେ ପରିବାରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନସନ୍ କମିଯିବ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଜି ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃଦୟ ବା ହୃତ୍‌ପିଣ୍ଡ ଦିବସ, ସର୍ଜିକାଲ୍ ଷ୍ଟ୍ରାଇକ୍ ଦିବସ, ଆଶ୍ୱିନ ଶୁକ୍ଳପକ୍ଷର ସପ୍ତମୀ ଯୁକ୍ତ ଅଷ୍ଟମୀ ସୋମବାର। ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା, ପୀଠେ ମହାଷ୍ଟମୀ ପୂଜା, ବିମଳା ଦେବୀଙ୍କ ପୂଜା, ଶ୍ରୀମନ୍ଦିରରେ ମହାଷ୍ଟମୀ। ରାଶି ନକ୍ଷତ୍ର-ମୂଳା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୪୦ ଗତେ ଘ. ୦୭।୦୯ ମଧ୍ୟେ, ଘ.୦୮।୫୦ଗତେ ଘ.୧୧।୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ. ୦୭।୦୯ ଗତେ ଘ.୦୮।୩୮ ମଧ୍ୟେ ରାହୁକାଳ ।

# ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ଉମରକୋଟ,୨୮।୯(ସନ୍ତୋଷ ଶତପଥୀ)** ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ସିଂସାରୀ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ରାଜପୁର ପଞ୍ଚାୟତ ଝଲା ଗ୍ରାମର ବଦ୍ଦୁ ଭତ୍ରା(୪୫) ଓ ବୁଦ୍ଦୁ ରାମ ଗୌଡ଼(୨୬)। ସୂଚନାନୁଯାୟୀ, ବଦ୍ଦୁ ଓ ବୁଦ୍ଦୁ କାରାଗାଁରେ ଏକ ଦଶାହ କାର୍ଯ୍ୟରେ ଯୋଗଦେଇ ଘରକୁ ଫେରିବା ବେଳେ ରାସ୍ତାରେ ଅଜଣା ଗାଡ଼ି ପଛ ପଟୁ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ଫେରାର ହୋଇଯାଇଛି। ୨ ମୃତଦେହ ଉମରକୋଟ ହସ୍ପିଟାଲରେ ରଖାଯାଇଛି। ଖବର ଲେଖାଯିବା ସୁଦ୍ଧା ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାରୁ...

### ବିହାର ଭୋଟ ସହ ...

ଝାଡ଼ଖଣ୍ଡର ଘଟଶିଳା, ତେଲଙ୍ଗାନାର ଜୁବଲି ହିଲ୍ସ, ପଞ୍ଜାବର ତାରନ ତରନ ଏବଂ ମିଜୋରାମର ଡମ୍ପା ବିଧାନସଭା ଆସନରେ ମଧ୍ୟ ଉପନିର୍ବାଚନ ଅନୁଷ୍ଠିତ ହେବ। ତେବେ ବିହାର ନିର୍ବାଚନ ସମେତ ଓଡ଼ିଶାର ନୂଆପଡ଼ା ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବରିଷ୍ଠ ଆଇଏଏସ୍, ଆଇପିଏସ୍ ଅଧିକାରୀମାନଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରିବାପାଇଁ ପ୍ରକ୍ରିୟା ଶେଷ ହୋଇଛି। ସେମାନଙ୍କୁ ଏନେଇ ଆସନ୍ତା ୩ତାରିଖରେ ତାଲିମ ପ୍ରଦାନ କରାଯିବ। ଏହାପରେ ସେମାନେ କାର୍ଯ୍ୟରେ ଯୋଗଦେବେ।

ଆୟୋଗଙ୍କ ସୂଚନା ଅନୁଯାୟୀ, ସମ୍ବିଧାନର ଧାରା-୩୨୪ ଏବଂ ଜନପ୍ରତିନିଧିତ୍ୱ ଆଇନ-୧୯୫୧ର ଧାରା ୨୦-ବି' ଅନୁଯାୟୀ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ବାଚନ ସୁପରିଚାଳନା ଲାଗି ନିୟୋଜିତ କରାଯାଇଥାଏ। ପର୍ଯ୍ୟବେକ୍ଷକମାନେ ନିଯୁକ୍ତିଠାରୁ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ଆୟୋଗଙ୍କ ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅଧୀନରେ କାର୍ଯ୍ୟ କରିବାକୁ ବାଧ୍ୟ। ନିର୍ବାଚନ ସମୟରେ ପର୍ଯ୍ୟବେକ୍ଷକମାନେ ନିରପେକ୍ଷତା ବଜାୟ ରଖିବେ ଏବଂ ବିଶ୍ୱସନୀୟତାର ସହ କାର୍ଯ୍ୟ ସମ୍ପାଦନ କରିବେ। ପ୍ରଶାସନିକ ସେବାରେ ବରିଷ୍ଠତା ଏବଂ ଅଭିଜ୍ଞତାସମ୍ପନ୍ନ ଅଧିକାରୀଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଥାଏ, ଯାହାଦ୍ୱାରା ନିର୍ବାଚନରେ ସ୍ୱଚ୍ଛତା ରହିବା ସହିତ କ୍ଷେତ୍ରସ୍ତରରେ ନିର୍ବାଚନ ପ୍ରକ୍ରିୟାର ଦକ୍ଷ ଏବଂ ପ୍ରଭାବଶାଳୀ ପରିଚାଳନାକୁ ମଧ୍ୟ ତଦାରଖ କରନ୍ତି। ଏହାସହିତ ସେମାନେ ପ୍ରାର୍ଥୀଙ୍କ ଖର୍ଚ୍ଚ ଉପରେ ତୀକ୍ଷ୍ଣ ନଜର ରଖିଥାନ୍ତି। ପ୍ରକାଶ ଯେ, ବିହାରରେ ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା ପାଇଁ ଅକ୍ଟୋବର ୪ରେ ଇସି ସେଠାକୁ ଗସ୍ତ କରିବାକୁ ଥିବାବେଳେ ଏହାର ପୂର୍ବଦିନ ପର୍ଯ୍ୟବେକ୍ଷକଙ୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିବେ। ସୂଚନାଯୋଗ୍ୟ, ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ରେ ଶେଷ ହେବାକୁ ଥିବାବେଳେ ସେହି ମାସରେ ନିର୍ବାଚନ ହୋଇପାରେ।

### ପର୍ଯ୍ୟବେକ୍ଷକ ତାଲିକାରେ ...

ଅଧିକାରୀଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବରିଷ୍ଠ ଆଇଏଏସ୍ ତଥା ସମବାୟ ବିଭାଗ ସଚିବ ପାଟିଲ ରାଜେଶ ପ୍ରଭାକର, ପର୍ଯ୍ୟଟନ ବିଭାଗ ସଚିବ ବଲୱନ୍ତ ସିଂହ, ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ୍, ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ହସ୍ତତନ୍ତ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଅର୍ଥବିଭାଗ ଯୁଗ୍ମସଚିବ ସିଦ୍ଧାର୍ଥ ଦାସ ଏବଂ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ରହିଛନ୍ତି। ଏହି ସମସ୍ତ ଅଧିକାରୀ ଆସନ୍ତା ୩ରେ ନିର୍ବାଚନ ସମ୍ପର୍କିତ ତାଲିମ ନେବା ପରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଜଣାଯାଇଛି।

# ୧୨ ସୁଦ୍ଧା ୨୦ ଲକ୍ଷ ଦସ୍ତଖତ ସଂଗ୍ରହ କରିବୁ:କଂଗ୍ରେସ

## 'ଭୋଟ୍ ଚୋର ଗାଦି ଛାଡ଼' ଦସ୍ତଖତ ଅଭିଯାନ

**ଭୁବନେଶ୍ୱର,୨୮।୯(ରବିନାରାୟଣ ଜେନା)** ରାଜ୍ୟରେ ଚଳିତମାସ ୧୭ରୁ ଆରମ୍ଭ ହୋଇଥିବା 'ଭୋଟ୍ ଚୋର-ଗାଦି ଛାଡ଼' ଦସ୍ତଖତ ଅଭିଯାନରେ ଅକ୍ଟୋବର ୧୨ ତାରିଖ ସୁଦ୍ଧା ୨୦ଲକ୍ଷ ଦସ୍ତଖତ ସଂଗ୍ରହ କରିବୁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଛନ୍ତି, ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମରେ ଘରକୁ ଘର ବୁଲି ଅଗଣିତ କଂଗ୍ରେସ ନେତା ଓ କର୍ମୀ ମୋଟ ୫ କୋଟି ଲୋକଙ୍କ ଦସ୍ତଖତ ସଂଗ୍ରହ କରିବେ। ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଏହି ଦସ୍ତାବିଜକୁ ଆସନ୍ତା ୧୫ ଅକ୍ଟୋବର ଭାରତର ରାଷ୍ଟ୍ରପତି ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ କଂଗ୍ରେସ ନେତୃବୃନ୍ଦ ଦାଖଲ କରିବେ। ଏହିକ୍ରମରେ ଓଡ଼ିଶାରେ ଆସନ୍ତା ୧୨ ଅକ୍ଟୋବର ସୁଦ୍ଧା ୨୦ ଲକ୍ଷ ଦସ୍ତଖତ ସଂଗ୍ରହ ହେବ। ଏଆଇସିସିର ଏହି କାର୍ଯ୍ୟକ୍ରମ ଭିତରେ ଆସନ୍ତା ଅକ୍ଟୋବର ୨ତାରିଖ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀଠାରୁ ଓଡ଼ିଶାରେ ବର୍ଷବ୍ୟାପୀ 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରା ଆରମ୍ଭ ହେବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ହକ କଥା ନିମ୍ବ ତିଅଣ**
**ଆଗ ଆଗ ପିତା ପଛକୁ ଗୁଣ ।**

ସାଧାରଣତଃ ନିମ୍ବ ପାଟିକୁ ପିତା ଲାଗିଥାଏ। ତେବେ ପିତା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର ବୋଲି ଏଠାରେ ପ୍ରକାଶ କରାଯାଇଛି।

**ହାଟର କନିଆଁ ବାଟର ବର**
**ଧରିଆଣି ବିଭା କର ।**

ସାଧାରଣତଃ ପୁଅ ହେଉ ବା ଝିଅ, ବାହାଦେବା ପୂର୍ବରୁ ଅନେକ ଧାଁ ଦଉଡ଼ କରିବାକୁ ପଡ଼ିଥାଏ। ଝିଅର ସଂସ୍କାର, ଚାଲିଚଳନ ତଥା ପୁଅର ଗୁଣଗ୍ରାମ, ଚାକିରି, ଘର ପରିବାର ବିଷୟରେ କିଛିକିଛି ଜାଣି ପରଖି ପସନ୍ଦ ଆସିଲେ ଯାଇ ବାହାଘର କରାଯାଏ। ତେବେ ଏଥିରେ ବ୍ୟତିକ୍ରମ ଘଟି ବେଳେବେଳେ ଅଚାନକ ଭାବେ ବାହାଘର ସ୍ଥିର ହୋଇଯାଉଥିବାର ଦେଖିବାକୁ ମିଳିଥାଏ। ହାଟ ସଉଦା କରିବାକୁ ଯାଇ କନିଆଁ ପସନ୍ଦ କରିବସିବା ଭଳି ହଠାତ୍ ବୁଝାବୁଝି ବିଭାଘର ଅନୁଷ୍ଠିତ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆଜି ମହାସପ୍ତମୀ



ଭୁବନେଶ୍ୱରସ୍ଥିତ ବମିଖାଲ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ ।



କେରଳର ଶାସ୍ତ୍ରୀୟ ନୃତ୍ୟ କଥକଳିକୁ ନେଇ ଭୁବନେଶ୍ୱର ନୟାପଲ୍ଲୀଠାରେ ନିର୍ମିତ ତୋରଣ ଭାରତର ଲୋକକଳାକୁ ଜୀବନ୍ତ କରୁଛି । **(ଫଟୋ: ବିକାଶ ନାୟକ)**

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଗୋବିନ୍ଦଙ୍କ ପରିବାର

ଭୁବନେଶ୍ୱର,୨୮।୯(ରବିନାରାୟଣ ଜେନା)

କଳାହାଣ୍ଡି ସ୍କୁଲର ପୃଷ୍ଠପୋଷକ ସ୍ୱର୍ଗତ ଗୋବିନ୍ଦ ସାହୁଙ୍କ ସ୍ତ୍ରୀ ଓ ଝିଅ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟିଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ସୂଚନା ଅନୁଯାୟୀ, ଗୋବିନ୍ଦ ସାହୁଙ୍କ ଆତ୍ମହତ୍ୟା ଘଟଣାରେ ସନ୍ଦେହ ପ୍ରକାଶ କରି ଏହାର ପୁନଃ ତଦନ୍ତ ଦାବି କରିବା ଲାଗି ଗୋବିନ୍ଦଙ୍କ ପରିବାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ଗୋବିନ୍ଦ ସାହୁ ଜଣେ ଅଭିଯୁକ୍ତ ଥିଲେ । ରିପୋର୍ଟ ଅନୁଯାୟୀ ଜେଲ୍‌ରେ ଥିବା ଅବସ୍ଥାରେ ସେ ଆତ୍ମହତ୍ୟା କରିଥିଲେ ।



ଏହି ଅବସରରେ ଗୋବିନ୍ଦଙ୍କ ଝିଅ ଲିପିକା ସାହୁ ଗଣମାଧ୍ୟମକୁ କହିଛନ୍ତି, ମମିତା ମେହେରଙ୍କୁ ଯିଏ ହତ୍ୟା କରିଛି, ସେ ହିଁ ମୋ ବାପାଙ୍କୁ ମାରିଛି । ଏବେ ଆମ ପରିବାର ସମ୍ପୂର୍ଣ୍ଣ ଭାବେ ଭୟଭୀତ ଅବସ୍ଥାରେ ରହିଛୁ । ବିଜେଡି ଲୋକେ ଆମ ଜମିବାଡ଼ି ଛଡ଼େଇ ନେବାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ହଇରାଣ ହରକତ କରୁଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ତ କଥା ଅବଗତ କରାଇଛୁ । ଏହାସହିତ ଉକ୍ତ ଘଟଣାରେ ସିବିଆଇ ତଦନ୍ତ କରିବାକୁ ଦାବି ରଖିଛୁ ବୋଲି ଲିପିକା କହିଛନ୍ତି ।

## ସିବିଆଇ ତଦନ୍ତ ଦାବି କଲେ ଝିଅ

DSPL-216

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ପୂଜା ଓ ପର୍ବପର୍ବାଣୀ ଉପଲକ୍ଷେ
ବିଦ୍ୟୁତ୍ ସତର୍କତା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ପୂଜା ପେଣ୍ଡାଲ୍ ନିର୍ମାଣ ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଅନୁମତି ନିଅନ୍ତୁ
- ସମସ୍ତ ବିଦ୍ୟୁତ୍ ଉପକରଣରେ ଉପଯୁକ୍ତ କ୍ଷମତାର ତାର, ସର୍କିଟ୍ ବ୍ରେକର/ ଫ୍ୟୁଜ୍, ମେନ୍ ସୁଇଚ୍, ଚେଞ୍ଜଓଭର ଇତ୍ୟାଦି ବ୍ୟବହାର କରନ୍ତୁ ଏବଂ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରାନ୍ତୁ
- ବୈଦ୍ୟୁତିକ କାର୍ଯ୍ୟ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର କରନ୍ତୁ ଏବଂ ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା କରାନ୍ତୁ
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର୍. ସି. ସି. ବି (RCCB) ବ୍ୟବହାର କରନ୍ତୁ
- ବିଦ୍ୟୁତ୍ ଆଘାତ ପ୍ରାପ୍ତ ପିଡ଼ିତଙ୍କୁ ଉଦ୍ଧାର କରିବା ବେଳେ ଖାଲିହାତ ବା ଓଦା ବସ୍ତୁ ଦ୍ୱାରା ସ୍ପର୍ଶ କରନ୍ତୁ ନାହିଁ, ଶୁଖିଲା କାଠବାଡ଼ି କିମ୍ବା ବିଦ୍ୟୁତ୍ କୁପରିବାହୀ ବସ୍ତୁର ବ୍ୟବହାର କରନ୍ତୁ
- ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା କରାନ୍ତୁ

ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ
ଜୀବନ ସୁରକ୍ଷିତ ରଖନ୍ତୁ

OIPR-04066/13/0043/2526

ଶକ୍ତି ବିଭାଗ, ଓଡ଼ିଶା ସରକାର

DSPL-247

Tele MANAS 14416

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆପଣଙ୍କ ସେବାରେ
ରାଷ୍ଟ୍ରୀୟ 'ଟେଲି ମାନସ' ସେବା ସହାୟତା
୧୪୪୧୬ କିମ୍ବା ୧୮୦୦-୮୯-୧୪୪୧୬ରେ ଯୋଗାଯୋଗ କରନ୍ତୁ

ଉପଲବ୍ଧ ପରାମର୍ଶ ସେବା

- ମାନସିକ, ସ୍ନାୟବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା

ମହିଳା ସହାୟତା କେନ୍ଦ୍ର ୧୮୧ ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ ।

OIPR-10003/13/0294/2526

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

DSPL-287

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ହୃତ୍‌ପିଣ୍ଡ ଦିବସ
୨୯ ସେପ୍ଟେମ୍ବର ୨୦୨୫

ପ୍ରତିଟି ହୃତ୍‌ସ୍ପନ୍ଦନ ଜୀବନ ପାଇଁ ମୂଲ୍ୟବାନ
ଏଥିପ୍ରତି ଜାଗ୍ରତ ଓ ସତର୍କ ରୁହନ୍ତୁ

- ସରକାରୀ ଡାକ୍ତରଖାନାରେ ହୃଦ୍‌ରୋଗର ଚିହ୍ନଟ ଓ ଚିକିତ୍ସା ମାଗଣାରେ ଉପଲବ୍ଧ
- ରାଷ୍ଟ୍ରୀୟ ବାଲସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଶିଶୁମାନଙ୍କ ପାଇଁ ହୃଦ୍‌ଶଲ୍ୟ ଚିକିତ୍ସା ଦେଶର ପ୍ରମୁଖ ସୁନାମଧନ୍ୟ ହସ୍ପିଟାଲରେ ବିନା ଦେୟରେ ମିଳୁଅଛି
- ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଅଣସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ରକ୍ତଚାପ ଓ ମଧୁମେହ ରୋଗର ପରୀକ୍ଷା ଓ ଚିକିତ୍ସା କରି ହୃଦ୍‌ରୋଗର ନିରାକରଣ କରାଯାଇପାରୁଛି
- ସୁଷମ ଖାଦ୍ୟ, ବ୍ୟାୟାମ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ହୃଦ୍‌ରୋଗକୁ ପ୍ରତିରୋଧ କରାଯାଇପାରିବ

ହୃତ୍‌ପିଣ୍ଡର ଯତ୍ନ ନିଅନ୍ତୁ, ସୁସ୍ଥ ଜୀବନ ଆପଣାନ୍ତୁ

OIPR-10003/13/0290/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା

-ପାଠ ମହାଷ୍ଟମୀ, ଶ୍ରୀମୃଣ୍ମୟୀ ଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା



# କ୍ଷୁବ୍ଧ ଲଦାଖ

କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଥିଲେ। ଏହା ଦ୍ୱାରା ଜମ୍ମୁ ଓ କଶ୍ମୀର ଦୀର୍ଘବର୍ଷ ଧରି ପାଇ ଆସୁଥିବା ବିଶେଷ ସୁବିଧା ହରାଇଥିଲା। ଏଭଳି ପଦକ୍ଷେପ ଜମ୍ମୁ ଓ କଶ୍ମୀରକୁ ଭାଙ୍ଗି ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ(ୟୁଟି)ରେ ପରିଣତ କରିଥିଲା। ଗୋଟେ ଜମ୍ମୁ ଓ କଶ୍ମୀର ନାମ ଧାରଣ କରିଥିବା ବେଳେ ଅନ୍ୟଟି ଲଦାଖ ହୋଇଥିଲା। ଦେଖିବାକୁ ଗଲେ ଜମ୍ମୁରେ ହିନ୍ଦୁ, କଶ୍ମୀରରେ ମୁସଲମାନ ସଂଖ୍ୟାଗରିଷ୍ଠ ଥିବା ବେଳେ ଲଦାଖ ପ୍ରାୟତଃ ବୌଦ୍ଧବହୁଳ। ଲଦାଖର ବୈଶିଷ୍ଟ୍ୟ ଦେଖିଲେ ଏହାର ପୂର୍ବରେ ଚାଇନା ଥିବା ବେଳେ ପଶ୍ଚିମରେ ପାକିସ୍ତାନ ରହିଛି। ଫଳରେ ଏହା ଭାରତ ପାଇଁ ଅତ୍ୟନ୍ତ ରଣନୀତିକ ମହତ୍ତ୍ୱ ରଖୁଛି। ଏହାର ଅଧିବାସୀ ବେଶ୍ ଶାନ୍ତିପ୍ରିୟ ଭାବେ ଜଣାଶୁଣା। ଭୌଗୋଳିକ ଦୃଷ୍ଟିରୁ ଏହା ଜମ୍ମୁ ଓ କଶ୍ମୀର ଭିତରେ ଥିବାରୁ ସ୍ୱତନ୍ତ୍ରତା ପାଇପାରୁ ନ ଥିଲା। ଯେବେ ଏହା ଜମ୍ମୁ ଓ କଶ୍ମୀରଠାରୁ ଅଲଗା ହୋଇଗଲା ସେବେ ଲେହ ରାସ୍ତାରେ ଲୋକେ ଉଲ୍ଲସିତ ହୋଇଯାଇଥିଲେ। ୫ ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଲଦାଖର ରାଜନୈତିକ ଭବିଷ୍ୟତ ଅସ୍ପଷ୍ଟ ରହିଛି। ଉତ୍ତମ ଶାସନ ଓ ଅଧିକ ପ୍ରତିନିଧିତ୍ୱର ପ୍ରତିଶ୍ରୁତି ଏବେ ତିକ୍ତତାରେ ପରିଣତ ହେଲା ଭଳି ପ୍ରତୀୟମାନ ହେଉଛି। ତେଣୁ ଲଦାଖକୁ ରାଜ୍ୟ ମାନ୍ୟତା ଓ ସଂଖ୍ୟାଗରିଷ୍ଠ ଲଦାଖି ସମ୍ପ୍ରଦାୟ ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ଅନ୍ତର୍ଭୁକ୍ତ ହେବାର ଯୋଗ୍ୟତା ପୂରଣ କରିଥିବା ଦାବି କରୁଛନ୍ତି। ଲଦାଖ ସିଡ୍ୟୁଲ ସନ୍ନିବେଶିତ ହେଲେ ଏହା ସ୍ଥାନୀୟବାସୀଙ୍କୁ ଅଧିକ ରାଜନୈତିକ ଓ ଆର୍ଥିକ ସ୍ୱାୟତ୍ତତା ପ୍ରଦାନ କରିବ। ସୂଚନା ଦିଆଯାଇପାରେ ଯେ, ସମ୍ବିଧାନର ୬ଷ୍ଠ ସିଡ୍ୟୁଲ ଆଦିବାସୀବହୁଳ ତ୍ରିପୁରା, ମେଘାଳୟ, ମିଜୋରାମ ଓ ଆସାମରେ ଲାଗୁ ହୋଇଛି। ତେବେ ଲଦାଖୀଙ୍କ ଅସନ୍ତୋଷ ୨୪ ସେପ୍ଟେମ୍ବରରେ ଲେହର ରାସ୍ତାରେ ପ୍ରକାଶ ପାଇଥିଲା ଯେତେବେଳେ ରାଜ୍ୟ ମାନ୍ୟତା ଓ ସାମ୍ବିଧାନିକ ସୁରକ୍ଷା ଦାବି କରୁଥିବା ବିକ୍ଷୋଭକାରୀମାନେ ଦୁଇ ଅନଶନକାରୀ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ହିଂସାତ୍ମକ ହୋଇପଡ଼ିଥିଲେ। କ୍ରୁଦ୍ଧ ବିକ୍ଷୋଭକାରୀଙ୍କର ପୋଲିସ ସହ ସଂଘର୍ଷ ହୋଇଥିଲା ଓ ଭାଜପାର ସ୍ଥାନୀୟ କାର୍ଯ୍ୟାଳୟକୁ ସେମାନେ ଜାଳି ଦେଇଥିଲେ। ହିଂସା ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିବା ସହ ଲାଠିଚାର୍ଜ ଓ ଗୁଳିଚାଳନା କରିବାରୁ ପରିଣତି ସ୍ୱରୂପ ୪ ଜଣ ବିକ୍ଷୋଭକାରୀଙ୍କ ଜୀବନ ଯାଇଥିବା ବେଳେ ଅନେକେ ଆହତ ହୋଇଛନ୍ତି। ସ୍ଥିତି ଅସମ୍ଭାଳ ହେବାରୁ ପ୍ରଶାସନ ସେଠାରେ କର୍ଫ୍ୟୁ ଜାରି କରିବା ସହ ଇଣ୍ଟରନେଟ୍ ବନ୍ଦ କରିବାକୁ ବାଧ୍ୟ ହୋଇଛି। ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ସାମାଜିକ ତଥା ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କ ହାତ ରହିଛି ବୋଲି କୁହାଯାଉଛି। ଏପରି କି ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍. ଡି. ସିଂ ଜମୱାଲ ପାକିସ୍ତାନ ସହ ୱାଙ୍ଗଚୁକଙ୍କ ସମ୍ପର୍କ ଥିବା ନେଇ ତଦନ୍ତ କରାଯାଉଥିବା କହିଛନ୍ତି। ଇତିମଧ୍ୟରେ ତାଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନ୍ଏସ୍ଏ) ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ କାରାଗାରକୁ ପଠାଇ ଦିଆଯାଇଛି। ତେବେ ବିକ୍ଷୋଭକାରୀ ନେତାମାନେ ପୋଲିସର ଅଭିଯୋଗକୁ ଅସ୍ୱୀକାର କରିଛନ୍ତି।

ମନେପକାଇ ଦିଆଯାଇପାରେ ଯେ ଇଞ୍ଜିନିୟରରୁ ଇନୋଭେଟର ପାଲଟିଥିବା ତଥା ଚର୍ଚ୍ଚିତ '୩ ଇଡିଅଟ୍ସ' ଚଳଚ୍ଚିତ୍ର କାହାଣୀର ପ୍ରେରଣାଦାୟୀ ଚରିତ୍ର ସୋନମ ୱାଙ୍ଗଚୁକ୍ ମଧ୍ୟ ଲଦାଖ କେନ୍ଦ୍ର ଶାସିତ ଅଞ୍ଚଳ ହେବା ପରେ ତାହାକୁ ସ୍ୱାଗତ କରିଥିଲେ। କେନ୍ଦ୍ର ଶାସିତ ଅଞ୍ଚଳ ଦେଖିବାକୁ ପ୍ରତୀକ୍ଷା କରିଥିବା ଲୋକଙ୍କ ଉତ୍ସାହ ଶୀଘ୍ର ହ୍ରାସ ପାଇଲା ଯେତେବେଳେ ଲଦାଖୀମାନେ ଉପଲବ୍ଧି କଲେ ସେମାନଙ୍କ ୟୁଟିରେ କୌଣସି ବିଧାନସଭା ରହିବ ନାହିଁ। ଏପରିକି ଏହି ଅଞ୍ଚଳ ପୂର୍ବର ଜମ୍ମୁ ଓ କଶ୍ମୀର ବିଧାନସଭାରେ ଥିବା ୪ ବିଧାୟକ ପଦବୀକୁ ହରାଇଲା ଏବଂ ଏହାର ପ୍ରଶାସନ ସମ୍ପୂର୍ଣ୍ଣ ନୂଆଦିଲ୍ଲୀ ନିଯୁକ୍ତ ଅମଲାତନ୍ତ୍ରୀଙ୍କ ହାତରେ ରହିଲା। ଦେଖିବାକୁ ଗଲେ ଏହା ୨୦୧୯ ପୂର୍ବର ଶାସନ ବ୍ୟବସ୍ଥାଠାରୁ ମଧ୍ୟ ଖରାପ ଥିଲା। ଏହି ଅସନ୍ତୋଷ ଜମି ଅଧିକାର, ନିଯୁକ୍ତି ଏବଂ ଲଦାଖର ଜନସଂଖ୍ୟା, ପରିବେଶ ଓ ସଂସ୍କୃତିର ସଂରକ୍ଷଣ ନେଇ ଅନେକ ଭୟ ସୃଷ୍ଟି କରିଛି। ଜମ୍ମୁ ଓ କଶ୍ମୀରରେ ପରିବର୍ତ୍ତିତ ବାସସ୍ଥାନ (ଡୋମିସାଇଲ) ନିୟମ ଲଦାଖରେ ସମାନ ନୀତି ଦ୍ୱାରା ଜନସାଂଖ୍ୟିକ ପରିବର୍ତ୍ତନର ଆଶଙ୍କାକୁ ବଢ଼ାଇଛି। ଫଳରେ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା, ସମ୍ବିଧାନର ୬ଷ୍ଠ ପରିଚ୍ଛେଦ ଅଧୀନରେ ସୁରକ୍ଷା (ଯେଉଁଥିରେ ବିଧାନପାଳିକା ଓ ନ୍ୟାୟିକ କ୍ଷମତା ସହିତ ସ୍ୱୟଂଶାସିତ ଜିଲା ପରିଷଦ ଗଠନକୁ ଅନୁମତି ଦେଇଥାଏ) ଏବଂ ନିଯୁକ୍ତି ଓ ରାଜନୈତିକ ପ୍ରତିନିଧିତ୍ୱକୁ ସୁନିଶ୍ଚିତ କରିବା ଲାଗି ଦାବି ବଢ଼ିଲା।

କୁହାଯାଇପାରେ ଯେ, ଲୋକଙ୍କ ସ୍ୱାଧୀନତାକୁ ସଙ୍କୁଚିତ କରିଦିଆଗଲେ ତାହାର ପ୍ରତିବାଦରେ ନାଗରିକ ତୀବ୍ର ସ୍ୱର ଉତ୍ତୋଳନ କରିବା ସ୍ୱାଭାବିକ। ଗଣତନ୍ତ୍ରରେ ଲୋକଙ୍କ ସ୍ୱରକୁ ଅଗ୍ରାହ୍ୟ କରି ଦିଆଯାଇଥିବାରୁ ଅଧିବାସୀଙ୍କ ମଧ୍ୟରେ ପ୍ରଥମେ ଅସନ୍ତୋଷ ଓ ପରେ ତାହା ବିକ୍ଷୋଭର ରୂପ ଧାରଣ କଲା ବୋଲି କୁହାଯାଉଛି। ମୌଳିକ ଆବଶ୍ୟକତା ପୂରଣ ନ ହେଲେ ବିଦ୍ରୋହ ଅବଶ୍ୟମ୍ଭାବୀ। ଅନ୍ୟପକ୍ଷରେ ଲଦାଖରେ ଦେଖାଯାଇଥିବା ଅପ୍ରୀତିକର ସ୍ଥିତି ପାଇଁ ଜଳବାୟୁ କର୍ମୀ ୱାଙ୍ଗଚୁକ୍ ବ୍ୟକ୍ତିଗତ ଭାବେ ଯଦି କାର୍ଯ୍ୟ କରିଥିବେ, ତାହା ହେଲେ ସେ ମଧ୍ୟ ଆଇନର ଊର୍ଦ୍ଧ୍ୱରେ ନୁହନ୍ତି। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ନୂଆଦିଲ୍ଲୀ ଓ ଲଦାଖ ମଧ୍ୟରେ ଅବିଶ୍ୱାସ ଢେର ବଢ଼ିଯାଇଛି। ତେଣୁ ଏହାକୁ ସଂଘର୍ଷ ଭାବେ ନ ଦେଖି ବରଂ ଅତି ସତର୍କତାର ସହିତ ପରିଚାଳନା କରାଯିବା ଦରକାର। ଲଦାଖ କେବଳ ଏକ ସୀମାନ୍ତ ଅଞ୍ଚଳ ନୁହେଁ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୀମାରେଖା, ଯାହାର ଲୋକମାନେ ନିଜକୁ ଭାରତୀୟ ଭାବେ ଗର୍ବ ଅନୁଭବ କରିଥାଆନ୍ତି। ଦୀର୍ଘ ଦଶନ୍ଧି ଧରି ଲଦାଖୀମାନେ ଭାରତର ସୀମାକୁ ରକ୍ଷା କରିଆସିଛନ୍ତି। ଏପରିକି ଚାଇନା କିମ୍ବା ପାକିସ୍ତାନର ଅନୁପ୍ରବେଶ ବିରୋଧରେ ପ୍ରଥମ ପ୍ରତିରୋଧ ରେଖା ଭାବେ ମଧ୍ୟ ସେମାନେ କାର୍ଯ୍ୟ କରିଛନ୍ତି। ଭିନ୍ନମତ ପ୍ରକାଶ କରୁଥିବା ଲଦାଖୀମାନଙ୍କୁ 'ଦେଶବିରୋଧୀ' ଭାବେ ଅଭିହିତ କରାଗଲେ ତାହା ବିଚ୍ଛିନ୍ନତାକୁ ବଢ଼ାଇବା ଆଶଙ୍କା ରହୁଛି। ଏଭଳି ସ୍ଥଳେ ଲଦାଖର ଲୋକମାନଙ୍କୁ ଆଶ୍ୱାସନା ଦିଆଯିବା କଥା ଯେ ସେମାନଙ୍କ ଗଣତାନ୍ତ୍ରିକ ଆକାଂକ୍ଷା ଓ ସାଂସ୍କୃତିକ ପରିଚୟ ଜାତୀୟ ନିରାପତ୍ତାକୁ ଦୁର୍ବଳ ନ କରି ସୁରକ୍ଷିତ ହୋଇପାରିବ।

ଲଦାଖରେ ଅଶାନ୍ତି ନୂଆଦିଲ୍ଲୀ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ବିଶେଷକରି ମଣିପୁର ସଙ୍କଟର ଭୁଲ୍ ପରିଚାଳନା ଯୋଗୁ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଜାତିଗତ ହିଂସା ଆରମ୍ଭ ହେବାର ୨ ବର୍ଷ ୮ ମାସ ପରେ ମଧ୍ୟ ଜଳୁଛି। ଏପରି ଅଶାନ୍ତି ଦେଶର ସୀମା ମଧ୍ୟରେ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକରେ ନୂଆଦିଲ୍ଲୀର ବିଭ୍ରାନ୍ତିକର ବହିର୍ବ୍ୟାପାର ନୀତି ଦ୍ୱାରା ସୃଷ୍ଟ ସମସ୍ୟାଗୁଡ଼ିକୁ ଆହୁରି ଜଟିଳ କରୁଛି।

# ମୁକ୍ତିମଣ୍ଡପ ଓ ପଣ୍ଡିତ ସଭା



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀମନ୍ଦିରର ଦକ୍ଷିଣ ଭାଗରେ ଥିବା ମଣ୍ଡପଟି ହେଉଛି ମୁକ୍ତିମଣ୍ଡପ। ଶ୍ରୀଜୀଉମାନଙ୍କ ଦର୍ଶନ ପରେ ମୁକ୍ତିମଣ୍ଡପରେ ମୁଣ୍ଡିଆ ମାରି ଶ୍ରୀମନ୍ଦିରରୁ ଫେରିବା ବିଧି ରହିଛି। କିନ୍ତୁ ଏହି ମୁକ୍ତିମଣ୍ଡପ ନାମକରଣ ପଛରେ କୌଣସି ଐତିହାସିକ ସ୍ୱୀକୃତି ନ ଥିବାବେଳେ ଏହାର ନିର୍ମାଣ ଅବଧି ମଧ୍ୟ ଦ୍ୱନ୍ଦ୍ୱ ମୁକ୍ତ ନୁହେଁ। ଦକ୍ଷିଣ ଦିଗର ଅଧିପତି ଯମଙ୍କ ଦର୍ପ ଚୂର୍ଣ୍ଣ ପାଇଁ ଯଜ୍ଞାଦି କର୍ମରେ ଦକ୍ଷିଣ ପାର୍ଶ୍ୱରେ ବ୍ରହ୍ମାଙ୍କୁ ସ୍ଥାନ ଦେବାର ବିଧି ରହିଛି। 'ଦକ୍ଷିଣ ତୋ ବ୍ରହ୍ମାସନଂ'। ତେଣୁ ପ୍ରଥମେ ବ୍ରହ୍ମାସନ ବା ବ୍ରହ୍ମବେଦୀ ଏବଂ ପରେ ବାରାଣସୀର ମୁକ୍ତିମଣ୍ଡପ ଅନୁକରଣରେ ଏହାର ନାମକରଣ ହୋଇଛି ବୋଲି ଐତିହାସିକମାନେ ମତବ୍ୟକ୍ତ କରିଛନ୍ତି। ଏହି ମଣ୍ଡପକୁ ଆକବରଙ୍କ ହିନ୍ଦୁ ସେନାପତି ମାନସିଂହଙ୍କ ପତ୍ନୀ ଗୌରୀ ରାଣୀ ନିର୍ମାଣ କରିଥିଲେ ବୋଲି ମାଦଳାପାଞ୍ଜିରେ ଲିଖିତ ଅଛି। କିନ୍ତୁ ଐତିହାସିକଙ୍କ ତଥ୍ୟ ଅନୁଯାୟୀ ଏହି ମଣ୍ଡପ ମାନସିଂହଙ୍କ ଓଡ଼ିଶା ଆଗମନର ବହୁ ପୂର୍ବରୁ ବିଦ୍ୟମାନ ଥିଲା। ତାଙ୍କ ପତ୍ନୀ ଗୌରୀ ରାଣୀ ଷୋଡ଼ଶ ଶତାବ୍ଦୀର ଶେଷଭାଗରେ ଏହାର ସଂସ୍କାର ବା ନବୀକରଣ କରାଇଥିଲେ। ଏଥିରେ ଷୋଳଟି ସ୍ତମ୍ଭ ଥିବାରୁ ଷୋଳ ଶାସନର ବ୍ରାହ୍ମଣମାନେ ଏହା ଉପରେ ବସିବା ପାଇଁ ପ୍ରାଧିକୃତ ବୋଲି କୁହାଯାଏ। ଏହା ମଧ୍ୟ ସତ୍ୟତା ଉପରେ ପର୍ଯ୍ୟବସିତ ନୁହେଁ। କାରଣ ପ୍ରତ୍ୟେକ ଯଜ୍ଞବେଦୀ ନର୍ମାଣରେ ଯଜ୍ଞଶାଳାରେ ଚାରି ଓ ବାହ୍ୟ ଯଜ୍ଞଶାଳାରେ ବାର ଏପରି ଷୋଳଟି ସ୍ତମ୍ଭ ରହିବାର ବିଧି ରହିଛି। କେଉଁ ଷୋଳ ଶାସନର ବ୍ରାହ୍ମଣମାନେ ସେଠାରେ ବସିବାକୁ ପ୍ରାଧିକୃତ ସେ ସମ୍ପର୍କରେ କୌଣସି ତଥ୍ୟ କେଉଁଠି ମଧ୍ୟ ଉପଲବ୍ଧ ନାହିଁ। ସ୍ୱତ୍ୱଲିପି ଅନୁଯାୟୀ ଚବିଶଟି ଶାସନ ଗ୍ରାମର ବ୍ରାହ୍ମଣ ମହାଜନମାନେ ସେଠାରେ ବସିବାକୁ ପ୍ରାଧିକୃତ ହୋଇଥିବା ବେଳେ ଦଣ୍ଡୀ ସନ୍ନ୍ୟାସୀ, ରାଜଗୁରୁ , ଶ୍ରୀମନ୍ଦିର ପୁରୋହିତ ମଧ୍ୟ ବସିବାର ସ୍ୱତ୍ୱଲିପି ରହିଛି। ଜଗଦଗୁରୁ ଶଙ୍କରାଚାର୍ଯ୍ୟ ମଣ୍ଡପରେ ଆସନ ପକାଇ ଅଧିଷ୍ଠିତ ହେବାର ବିଧି ରହିଛି। କିଛି ଶାସନର ଅଧିକାର ଉପରେ ମାମଲା ଏବେ ଅଦାଲତରେ ବିଚାରାଧୀନ ଅଛି।

ଶ୍ରୀମନ୍ଦିରର ପ୍ରତ୍ୟେକ ଧାର୍ମିକ ବ୍ୟବସ୍ଥା ସହ ମୁକ୍ତିମଣ୍ଡପ ଓଡ଼ିଶାର ଧାର୍ମିକ କ୍ଷେତ୍ରରେ ଅଖଣ୍ଡ ପ୍ରଭାବ ବିସ୍ତାର କରିଥିଲା। ତାହାର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବିବେଚିତ ହେଉଥିଲା। ସ୍ୱୟଂ ଗଜପତି ମଧ୍ୟ ସେଥିରେ ହସ୍ତକ୍ଷେପ କରୁ ନ ଥିଲେ। ବ୍ରିଟିଶ ଶାସନ ସମୟରେ ପୁରୀ କଲେକ୍ଟର ଗ୍ରୋମ ସାହେବ ୧୮୦୫ ମସିହାରେ ମୁକ୍ତିମଣ୍ଡପ ଦ୍ୱାରା ପରୀକ୍ଷା କରାଯାଇ ଶ୍ରୀମନ୍ଦିର ସେବାପୂଜାରେ ସେବକ ନିଯୁକ୍ତି ପାଇଁ ସୁପାରିସ କରିଥିବାର ପ୍ରମାଣ ରହିଛି। ସେଠାରେ ବ୍ରାହ୍ମଣମାନେ ପ୍ରତିଦିନ ବିଭିନ୍ନ ଶାସ୍ତ୍ର ଆଲୋଚନା କରୁଥିବା ଏବଂ ଏଥିପାଇଁ ଶ୍ରୀମନ୍ଦିର ତରଫରୁ ଥାଳି ଖେଚୁଡ଼ି ବ୍ୟବସ୍ଥା ଥିବା ସ୍ୱତ୍ୱଲିପିରେ




ଲିଖିତ ଅଛି। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିରେ ମୁକ୍ତିମଣ୍ଡପର ଜଣେ ସଭ୍ୟ ପ୍ରତିନିଧିତ୍ୱ କରନ୍ତି। ଏବେବି ଓଡ଼ିଶାର ଜନସାଧାରଣଙ୍କ ମନରେ ଅତୁଟ ବିଶ୍ୱାସ ଥିବାରୁ କୌଣସି ଧାର୍ମିକ ସଂକଟ ହେଲେ ମୁକ୍ତିମଣ୍ଡପର ନିର୍ଣ୍ଣୟ ସର୍ମାନ୍ୟ ହୋଇଥାଏ। କିନ୍ତୁ ଶ୍ରୀମନ୍ଦିରରେ ନକଲି ସେବକ, ନକଲି ବ୍ରାହ୍ମଣଙ୍କ ଉପସ୍ଥିତି ପରି 'ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା' ନାମରେ ଆଉ ଗୋଟିଏ ଅନୁଷ୍ଠାନ ରହିଛି। ଶ୍ରୀମନ୍ଦିର ପରିସରରେ କୌଣସି ଭିତ୍ତି ବା ସ୍ୱତ୍ୱଲିପିରେ ନଥିବା ମୁକ୍ତିମଣ୍ଡପ ବ୍ୟବସ୍ଥା ସଭା ନାମରେ ସେଇ ଅନୁଷ୍ଠାନ ବେନିୟମ ଭାବରେ ନିଜର ସ୍ଥିତି ଜାହିର କରୁଛି। ଶ୍ରୀମନ୍ଦିର ପରିସରରେ ଏଭଳି କିଛି ଅନୁଷ୍ଠାନ ନାହିଁ ବୋଲି ପ୍ରଶାସନିକ ଆଦେଶ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏହା ସାଧାରଣ ଭକ୍ତଙ୍କୁ ମଧ୍ୟ ବିଭ୍ରାନ୍ତ କରାଉଛି। ଏହା ସହିତ ମୁକ୍ତିମଣ୍ଡପ ପଣ୍ଡିତ ସଭା ନାମରେ ଗୋଟିଏ ଅନୁଷ୍ଠାନ ମଧ୍ୟ ରହିଛି। ଉପଲବ୍ଧ ଥିବା କାଗଜାଦିରୁ ଜଣାଯାଏ ଯେ, ୧୯୦୫ ମସିହାରେ ଅନେକ ପଣ୍ଡିତ ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣମାନେ ବିଶୃଙ୍ଖଳିତ ହେବା, ପବିତ୍ର ସ୍ଥାନକୁ ଅପବିତ୍ର କରି କେବଳ ଅର୍ଥ ଲାଳସା ଚରିତାର୍ଥ ପାଇଁ ଗୋପନରେ ବ୍ୟବସ୍ଥା ଦେଉଥିବାରୁ ମର୍ମାହତ ହୋଇଥିଲେ। ଲୋକଙ୍କ ଧର୍ମ ରକ୍ଷା ପାଇଁ ଶ୍ରୀମନ୍ଦିର ମ୍ୟାନେଜରଙ୍କ ପରାମର୍ଶକ୍ରମେ ତତ୍କାଳୀନ ଶଙ୍କରାଚାର୍ଯ୍ୟ ଶ୍ରୀ ଶଙ୍କର ମଧୁସୂଦନ ତୀର୍ଥ ସ୍ୱାମୀଙ୍କ ଅଧ୍ୟକ୍ଷତାରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠନ କରିଥିଲେ। ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କୁ ସମ୍ପାଦକ ମନୋନୀତ କରାଯାଇଥିଲା, ଯାହାକି ୧୯୭୩ ମସିହାରେ ସମବାୟ ନିୟମରେ ଅନୁବନ୍ଧିତ ହୋଇଛି। ଏହାର ପ୍ରାଧିକୃତ ଶାସନ ସଂଖ୍ୟା ୩୧ ହୋଇଥିବା ବେଳେ ମୁକ୍ତିମଣ୍ଡପର ପାଠାଗାର ଗୃହରେ ଏହାର କାର୍ଯ୍ୟାଳୟ ରହିଛି। ଉଭୟ ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଏବଂ ପୃଷ୍ଠପୋଷକ ଗଜପତି ମହାରାଜା ଦୁଇ ଅନୁଷ୍ଠାନକୁ ମିଶାଇ ଗୋଟିଏ ଅନୁଷ୍ଠାନ କରିବାକୁ ପ୍ରୟାସ କରିଥିଲେ। ଶାସନ ସଂଖ୍ୟାରେ ତାରତମ୍ୟ ଯୋଗୁ ସ୍ୱତ୍ୱଲିପି ଆଧାରରେ ତାହା ସମ୍ଭବ ହୋଇନାହିଁ। ମୁକ୍ତିମଣ୍ଡପରେ ବସୁଥିବା ବ୍ରାହ୍ମଣଙ୍କ ଶୃଙ୍ଖଳା ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ସୁପରିଣ୍ଟେଣ୍ଡେଣ୍ଟ ତତ୍କାଳୀନ ଗଜପତି ବୀରକିଶୋର ଦେ ତା୧୦।୮।୧୯୫୯ରିଖରେ କିଛି ନିୟମ ସହ ସେମାନେ କୌଣସି ବ୍ୟବସ୍ଥା ଦେଇପାରିବେ ନାହିଁ ବୋଲି ଆଦେଶ ଦେଇଥିଲେ, ଯାହାକି ଶ୍ରୀମନ୍ଦିର କାର୍ଯ୍ୟାଳୟର ମହାଫିସ ଖାନାରେ ଉପଲବ୍ଧ ଅଛି। କିନ୍ତୁ ମୁକ୍ତିମଣ୍ଡପ ଏବେବି ବିବିଧ ବ୍ୟବସ୍ଥା ଦେଇ ଚାଲିଛି। ମୁକ୍ତିମଣ୍ଡପରେ ବସୁଥିବା ବ୍ୟକ୍ତିମାନେ ଯେଉଁ ଶାସନର ଅଧିବାସୀ ଭାବରେ ପରିଚୟ ଦେଉଛନ୍ତି ସେ ଶାସନରେ ତାଙ୍କର ଘର ବା ଗ୍ରାମ୍ୟ କୋଠ ବ୍ୟବସ୍ଥାରେ ହକରା ଡାକରା ନାହିଁ। ଏ ସମ୍ପର୍କରେ ଅନେକ ଲିଖିତ ଅଭିଯୋଗ ସତ୍ତ୍ୱେ ମୁକ୍ତିମଣ୍ଡପ ଉପରେ ନିୟନ୍ତ୍ରଣ ଅଧିକାର ଥାଇ ମଧ୍ୟ ଶ୍ରୀମନ୍ଦିର ପ୍ରଶାସନର ନୀରବତା ନିଶ୍ଚିତ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ଅନୁଷ୍ଠାନ ୨୦୧୬ ମସିହାରୁ ଆତ୍ମଘୋଷିତ ସଭାପତି ଓ ସମ୍ପାଦକଙ୍କ ନିୟନ୍ତ୍ରଣରେ ଚାଲିଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ଜଗଦଗୁରୁ ଶଙ୍କରାଚାର୍ଯ୍ୟ କ୍ଷୁବ୍ଧ ହୋଇ ତା'ର ସଂସ୍କାର ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପ୍ରଶାସକଙ୍କ ବଦଳି ପରେ ପ୍ରସ୍ତାବରେ ପୂର୍ଣ୍ଣଚ୍ଛେଦ ପଡୁଥିବାରୁ ସେ ମଧ୍ୟ ନୀରବ ରହିଛନ୍ତି।

ମୁକ୍ତିମଣ୍ଡପ ପଣ୍ଡିତ ସଭାର ମଧ୍ୟ ନିର୍ବାଚିତ କାର୍ଯ୍ୟ ନିର୍ବାହିକା ପରିଷଦର କାର୍ଯ୍ୟକାଳ ୨୦୨୦ ମସିହା ଏପ୍ରିଲ ମାସରୁ ଶେଷ ହୋଇଥିବାବେଳେ କୌଣସି ନିର୍ବାଚନ ହେଉନାହିଁ। ସ୍ଥାୟୀ ସଭାପତିଙ୍କ ଅନୁମୋଦନ ବିନା ପଣ୍ଡିତ ସଭାର ପ୍ରତ୍ୟେକ କାର୍ଯ୍ୟ ବା ନିର୍ଣ୍ଣୟ ଉପରେ ଅନିୟମିତତା ଅଭିଯୋଗ ମଧ୍ୟ ଉଠୁଛି। ଯେଉଁ ମହତ ଉଦ୍ଦେଶ୍ୟରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ଗଠିତ ହୋଇଥିଲା, ଯେଉଁଠାରେ ମୂର୍ଦ୍ଧନ୍ୟ ପଣ୍ଡିତମାନଙ୍କର ଶାସ୍ତ୍ରାଲୋଚନା ହେଉଥିଲା ତାହା ଏବେ କିଛି ଅବସରପ୍ରାପ୍ତ ମଧ୍ୟମା ଶିକ୍ଷକ, କିରାଣି, ଓକିଲଙ୍କ ଦ୍ୱାରା ପରିଚାଳିତ ହେଉଛି। ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତ ପଞ୍ଜିକା ତ୍ରୁଟିଯୁକ୍ତ ବୋଲି ନିୟମିତ ଗଣମାଧ୍ୟମରେ ପ୍ରକାଶ ପାଉଛି। ଚଳିତ ବର୍ଷର ରଥ ଅନୁକୂଳ ଏକ ରିକ୍ତା ତିଥିରେ ଆରମ୍ଭ ହେବାରୁ ତାହା ଅନେକ ଅଘଟଣର କାରଣ ବୋଲି ମଧ୍ୟ ପ୍ରକାଶ ପାଇଛି। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ କୌଣସି ଦୃଷ୍ଟି ନଦେଇ ବୈଧତା ନଥିବା ପଣ୍ଡିତ ସଭା ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବା ପ୍ରୟାସ କରିଚାଲିଛି। ବିଡ଼ମ୍ବନାର ବିଷୟ ହେଉଛି ଯେ, ରାଜ୍ୟରେ ଧାର୍ମିକ ଭାବନା ସୃଷ୍ଟି ପାଇଁ ଉଦ୍ଦିଷ୍ଟ ପଣ୍ଡିତ ସଭା ପ୍ରତ୍ୟେକ ଗୃହସ୍ଥ ନିଜ ଘରେ ମୃତ ବ୍ୟକ୍ତିଙ୍କ ଶ୍ରାଦ୍ଧ ନିଶ୍ଚିତ କରିବେ ଏବଂ କୌଣସି ପରିସ୍ଥିତିରେ ଶ୍ରାଦ୍ଧ ବନ୍ଦ ହେବନାହିଁ ବୋଲି ନିଜ ସ୍ୱୀକୃତ ପଞ୍ଜିକାରେ ଉଲ୍ଲେଖ କରୁଛନ୍ତି। କିନ୍ତୁ ପଣ୍ଡିତ ସଭାରେ ଅର୍ଥ ଜମାକରି ଶ୍ରାଦ୍ଧ ଦିବସରେ ବ୍ରାହ୍ମଣ ଭୋଜନ କରାଇବାକୁ ସେଇ ପଞ୍ଜିକାରେ ବିଜ୍ଞାପନ ଦେଉଛନ୍ତି। ଏବେବି ପଣ୍ଡିତ ସଭାରେ ପାଞ୍ଚ ହଜାରରୁ ଅଧିକ ଦୁଷ୍ପ୍ରାପ୍ୟ ଶାସ୍ତ୍ରୀୟ ପୁସ୍ତକ ରହିଥିଲେ ବି ଗତ ଦୁଇ ଦଶନ୍ଧି ଧରି ପୁସ୍ତକ ଆଲମିରା ଖୋଲାଯାଇ ନାହିଁ। ଶ୍ରୀମନ୍ଦିରରେ ଧାର୍ମିକ ବାତାବରଣ ସୃଷ୍ଟି ପାଇଁ ସଂସ୍କାର ନିଶ୍ଚିତ ଜରୁରୀ। ଶ୍ରୀମନ୍ଦିର ପରିଚାଳନା ନିୟମରେ ମୁକ୍ତିମଣ୍ଡପ ଓ ମୁକ୍ତିମଣ୍ଡପ ପଣ୍ଡିତ ସଭା ଉପରେ ପ୍ରଶାସନିକ କର୍ତ୍ତୃତ୍ୱ ରହିଛି। ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟି ଏହାକୁ ଗୁରୁତ୍ୱ ଦେଇ ସର୍ବୋପରି ଆମର ଧାର୍ମିକ ଭାବନାରେ ଦେଶ ବା ରାଜ୍ୟର ମଙ୍ଗଳ ପାଇଁ ଦକ୍ଷ ପଣ୍ଡିତ ସଭା ଗଠନ ସହ ଅପ୍ରାଧିକୃତ ଓ ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଏଂ ଉଭୟ ଅନୁଷ୍ଠାନର ଗୌରବ ରକ୍ଷା ପ୍ରଶାସନ ସହ ସରକାରଙ୍କର ନିଶ୍ଚିତ କର୍ତ୍ତବ୍ୟ।

୧୧୩- ଗୁଣ୍ଡିଚା ବିହାର, ପୁରୀ
ମୋ: ୭୯୭୮୭୮୫୪୭୮

# ନୂତନ ସୁଯୋଗ



ଡ. ଷ୍ଟାଲିନ ମିଶ୍ର

ସମ୍ପ୍ରତି ଯୁକ୍ତରାଷ୍ଟ୍ର ଆମେରିକା ଏଚ୍.ୱାନ୍.ବି ଭିସା ଦେୟ ବୃଦ୍ଧି କରିଛି। ଅଚାନକ ଏହି ଦେୟ ଦେଢ଼ ହଜାର ଆମେରିକୀୟ ଡଲାରରୁ ଏକ ଲକ୍ଷ ଆମେରିକୀୟ ଡଲାରକୁ ବୃଦ୍ଧି କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଅନେକେ ଏହାକୁ ଭାରତୀୟ ସୂଚନା ପ୍ରଯୁକ୍ତି ବୃତ୍ତିଜୀବୀ ଓ କମ୍ପାନୀମାନଙ୍କ ପାଇଁ ବିପରୀତ ଭାବେ ଦେଖୁଛନ୍ତି। କିନ୍ତୁ ବାସ୍ତବରେ ଏହା ବିପଦ ନୁହେଁ ବରଂ ଭାରତ ପାଇଁ ନୂତନ ସୁଯୋଗ। ଏପରିକି ଏହି ଦେୟ ବୃଦ୍ଧି ପାଇଁ ଭାରତର ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କ ବିଫଳ ବିଦେଶ ନୀତି ଦାୟୀ ବୋଲି କହୁଛନ୍ତି।

ଏଚ୍.ୱାନ୍.ବି ଭିଜା କ'ଣ ? ଏଚ୍.ୱାନ୍.ବି ଭିଜା ହେଉଛି ଯୁକ୍ତରାଷ୍ଟ୍ର ସରକାରଙ୍କ ଅଣ-ପ୍ରବାସୀ ଭିଜା କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ଆମେରିକୀୟ କମ୍ପାନୀମାନେ ବିଦେଶୀ ଦକ୍ଷ ପେସାଜୀବୀଙ୍କୁ ନିଯୁକ୍ତ କରନ୍ତି। ବିଶେଷତଃ ସୂଚନା ପ୍ରଯୁକ୍ତି କ୍ଷେତ୍ର, ପ୍ରଯୁକ୍ତିବିଦ୍ୟା କ୍ଷେତ୍ର, ଅଟୋମୋଟିଭ ଶିଳ୍ପ, ଆର୍ଥିକ ପରାମର୍ଶ, ଚିକିତ୍ସା ସେବା କ୍ଷେତ୍ର ଭଳି କ୍ଷେତ୍ରରେ ଏହାର ବ୍ୟବହାର ଅଧିକ ହୁଏ। ଏହି ଭିଜାଧାରୀମାନେ ସାଧାରଣତଃ ତିନି ବର୍ଷ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ରରେ ରହି କାମ କରିପାରନ୍ତି, ଯାହାକୁ ପରେ ସର୍ବାଧିକ ୬ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ। ଆମେରିକାର ଶ୍ରମ ବିଭାଗର ନିର୍ଦ୍ଦେଶ ଅନୁସାରେ ଏହି ଭିଜାଧାରୀଙ୍କ ବାର୍ଷିକ ସର୍ବନିମ୍ନ ବେତନ ଷାଠିଏ ହଜାର ଆମେରିକୀୟ ଡଲାର ରହିଛି। ନିକଟ ଅତୀତରେ ଏହାକୁ ଦେଢ଼ଲକ୍ଷ ଡଲାରକୁ ବୃଦ୍ଧି କରିବାକୁ ଯୋଜନା ହେଉଛି। ଏହି ଭିଜାର ଅନ୍ୟ ସୁବିଧାଗୁଡ଼ିକ ଯେପରିକି ଗ୍ରୀନକାର୍ଡ ଆବେଦନ, ଜୀବନସାଥୀଙ୍କୁ ଆମେରିକାରେ କାର୍ଯ୍ୟ କରିବାକୁ ଅନୁମତି ଇତ୍ୟାଦି ଏହାକୁ ଅଧିକ ଲୋକପ୍ରିୟ କରିଥିଲା। ଏହା ପ୍ରକୃତରେ ଅସ୍ଥାୟୀ ରୂପେ କୁଶଳୀ କର୍ମଚାରୀଙ୍କୁ ବିଦେଶରୁ ଆଣି ଉଚ୍ଚ କୁଶଳୀ କ୍ଷେତ୍ରଗୁଡ଼ିକରେ ଆମେରିକୀୟ ବୃତ୍ତିଜୀବୀଙ୍କୁ ସାହାଯ୍ୟ କରିବା ପାଇଁ ସୃଷ୍ଟି କରାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କମ୍ପାନୀଗୁଡ଼ିକ ନିଜ ଲାଭ ପାଇଁ କମ୍ ଦରମାରେ ଅର୍ଦ୍ଧକୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି କରି ଆମେରିକୀୟ କୁଶଳୀ କର୍ମଚାରୀଙ୍କର ବିକଳ୍ପ ରୂପେ ବ୍ୟବହାର କରୁଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଲା। ଫଳ ସ୍ୱରୂପ ପ୍ରବାସୀଙ୍କ ବିରୋଧରେ ଏକ ବାତାବରଣ ସୃଷ୍ଟି ହୋଇ କଠୋର ନିୟମ ଆଣିବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟି ହେଲା।

ବିଷୟଟିକୁ ଆଲୋଚନା କଲେ ସ୍ପଷ୍ଟ ହୁଏ ଯେ ଏହା ଆମ ପାଇଁ ବାଧା ନୁହେଁ, ବରଂ ସୁଯୋଗର ଦ୍ୱାର ଖୋଲିଦେଇଛି। ଡଲାର-ଟଙ୍କାର ଉଚ୍ଚ ବିନିମୟ ମୂଲ୍ୟ ହିଁ ବିଦେଶୀ କମ୍ପାନୀଗୁଡ଼ିକ ଭାରତୀୟ ପ୍ରତିଭାଙ୍କୁ ଅଗ୍ରାଧିକାର ଦେବାର ପ୍ରକୃତ କାରଣ। ଏହି ଉଚ୍ଚ ବିନିମୟ ମୂଲ୍ୟ ଲୋଭରେ ଭାରତରୁ ଅନ୍ୟ ଦେଶକୁ ଚାଲିଯାଉଥିବା କୁଶଳୀମାନେ ପରୋକ୍ଷରେ ଅନ୍ୟ ଦେଶର ଆର୍ଥିକ, ସାମାଜିକ ତଥା ଉଦ୍ୟୋଗ ବିକାଶର କାରଣ ହେଉଛନ୍ତି। ଯଦି ବର୍ଦ୍ଧିତ ଭିଜା ଦେୟ ପାଇଁ ବିଦେଶୀ କମ୍ପାନୀମାନେ ଭାରତୀୟଙ୍କୁ ନିଯୁକ୍ତି ଦେବାକୁ ଅସମର୍ଥ ହେବେ, ତେବେ ପରୋକ୍ଷରେ ସେମାନେ ତାଙ୍କ କାମକୁ ଭାରତକୁ ଆଉଟସୋର୍ସିଂ କରିବାକୁ ବାଧ୍ୟ ହେବେ। କାରଣ ସୂଚନା ପ୍ରଯୁକ୍ତି ବିଦ୍ୟା ତଥା ଅନ୍ୟ




ଟେକ୍ନୋଲୋଜି କ୍ଷେତ୍ରରେ ଭାରତୀୟ ପ୍ରତିଭାଙ୍କର କର୍ତ୍ତୃତ୍ୱ ବଜାୟ ରହିଛି। ବିଦେଶୀ କମ୍ପାନୀମାନଙ୍କ ପାଇଁ ଏହାର ବିକଳ୍ପ ନାହିଁ। ଭିଜା ଦେୟ ବଢ଼ିବାରୁ ଯୁକ୍ତରାଷ୍ଟ୍ର କମ୍ପାନୀମାନେ ପ୍ରଫେସନାଲଙ୍କୁ ନେଇଯିବା ପରିବର୍ତ୍ତେ ଭାରତକୁ କାମ ଆଉଟସୋର୍ସ କରିବାକୁ ପସନ୍ଦ କରିବେ। ଏହା ସୂଚନା ପ୍ରଯୁକ୍ତି ସେବାକୁ ନେଇ ଭାରତର ପ୍ରଭାବକୁ ଆହୁରି ବିଶ୍ୱବ୍ୟାପୀ କରାଇବ। ଆଉଟସୋର୍ସିଂ ବଢ଼ିଲେ, ସେହି ପ୍ରତିଭା ଦେଶରେ ରହି ଭାରତର ଅର୍ଥନୀତିକୁ ଶକ୍ତିଶାଳୀ କରିପାରିବ। କୋଭିଡ-୧୯ ପରେ ରିମୋଟ ୱାର୍କ (ଘରୁ କାମ କରିବା ) ଏକ ସାଧାରଣ କଥାରେ ପରିଣତ ହୋଇଛି। ଭିଜାଦେୟ ବୃଦ୍ଧି ଏହାକୁ ଅଧିକ ଗତିଶୀଳ କରିବ ତଥା ଆଞ୍ଚଳିକ ବିକାଶ ପାଇଁ ବାଟ ଖୋଲିଦେବ। ଭାରତୀୟ ସହର ଏପରିକି ଗ୍ରାମାଞ୍ଚଳ ଗୁଡ଼ିକରେ ରହି ପ୍ରଫେସନାଲମାନେ ସିଲିକନ ଭ୍ୟାଲି ପାଇଁ କାମ କରିପାରିବେ। ଭାରତୀୟ ଷ୍ଟାର୍ଟଅପଗୁଡ଼ିକ ପାଇଁ ସୁବର୍ଣ୍ଣ ସମୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ଆଇ, ତଥ୍ୟ ବିଜ୍ଞାନ, ବ୍ଲକଚେନ, ଫିନଟେକ, ସାଇବର ନିରାପତ୍ତା ଭଳି ଉଦୀୟମାନ କ୍ଷେତ୍ରରେ ଭାରତୀୟ ଷ୍ଟାର୍ଟଅପଗୁଡ଼ିକ ବିଶ୍ୱସ୍ତରୀୟ କ୍ଲାଇଣ୍ଟ ପାଇବାର ସୁଯୋଗ ମିଳିବ। ଏହା ନୂତନ ଉଦ୍ୟମୀମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆଣିପାରେ।

ସୁଯୋଗକୁ ଚରିତାର୍ଥ କରିବା ପାଇଁ ଆମକୁ ଦକ୍ଷତା ବିକାଶ, ଛୋଟ ସହର ତଥା ଗ୍ରାମାଞ୍ଚଳ ଗୁଡ଼ିକରେ ସୂଚନା ପ୍ରଯୁକ୍ତି ଭିତ୍ତିଭୂମି ଉପଲବ୍ଧ କରାଇବା, ନବସୃଜନ ଷ୍ଟାର୍ଟଅପ ଅନୁକୂଳ ନୀତି ଓ ସରକାରୀ ପ୍ରୋତ୍ସାହନକୁ ପ୍ରାଥମିକତା ଦେବା ଆବଶ୍ୟକ। ଆମ ଉଚ୍ଚ କୁଶଳୀ ଯୁବପ୍ରତିଭା ଭାରତର ସବୁଠାରୁ ବଡ଼ ଶକ୍ତି। ଆତ୍ମନିର୍ଭର ଭାରତର ସ୍ଲୋଗାନକୁ ବାସ୍ତବତାର ରୂପ ଦେବା ପାଇଁ ଏହା କୃଷ୍ଟ ସମୟ। କୁଶଳୀ ଭାରତୀୟମାନେ ଏକ କୁଶଳ ତଥା ଆତ୍ମନିର୍ଭର ଭାରତ ନିର୍ମାଣରେ ଭାଗୀଦାରି ହେବା ଗୌରବର କଥା ନୁହେଁ କି ?

ବିଦେଶରେ ଭାରତୀୟମାନଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବେ ଈର୍ଷା ଓ ହିଂସା ପ୍ରଦର୍ଶନର ଖବର ବ୍ୟାପକ ହେଉଛି। ମୋ ମତରେ ନିଜ ଦେଶରେ ରହି ନିଜକୁ ତଥା ନିଜ ପିଲାଙ୍କୁ ବିଶ୍ୱର ସର୍ବୋତ୍ତମ ସଂସ୍କୃତି ଭାରତୀୟ ସଂସ୍କୃତିରେ ଗଢିତୋଳିବା ଶ୍ରେୟସ୍କର ନୁହେଁ କି ? ଅଧିକ ଅର୍ଥ ଉପାର୍ଜନ ଲୋଭରେ ନିଜ ଦେଶ, ପରିବାର ଓ ସଂସ୍କୃତିର ପ୍ରତିକୂଳରେ ଯାଇ ନିଜକୁ ତଥା ନିଜର ଆଗାମୀ ପିଢ଼ିକୁ ଏକ ଅନିଶ୍ଚିତ ଦୁନିଆରେ ପ୍ରତିଷ୍ଠିତ କରାଇବାର ଆକାଂକ୍ଷା କେତେ ବୁଦ୍ଧିମତ୍ତା ତାହା ପୁନଃ ବିଶ୍ଳେଷଣ କରିବା ଉଚିତ ଯେତେବେଳେ ଆମ ଦେଶ ଭାରତ ନୂତନ ସୁଯୋଗର ଭୂମି ଭାବେ ଉଦୀୟମାନ ହୋଇ ସାରା ବିଶ୍ୱରୁ ଉଦ୍ୟୋଗପତିଙ୍କୁ ଭାରତରେ ନିବେଶ କରାଇବା ପାଇଁ ପ୍ରବର୍ତ୍ତାଇ ପାରୁଛି ସେତେବେଳେ ଅନ୍ୟ ଦେଶରେ ପ୍ରବାସୀ ବା ତୃତୀୟଶ୍ରେଣୀ ନାଗରିକ ହୋଇ ପ୍ରତି ମୁହୂର୍ତ୍ତରେ ଭୟ ଓ ଅନିଶ୍ଚିତତାକୁ ଆଲିଙ୍ଗନ କରିବାର ଆବଶ୍ୟକତା କ'ଣ ? ତେଣୁ ମୁଁ ଆଉ ଥରେ କହିବି ଭିସା ଶୁଳ୍କ ବୃଦ୍ଧି ଭାରତୀୟ ଉଦ୍ୟୋଗ କ୍ଷେତ୍ର ପାଇଁ ବିପଦ ନୁହେଁ। ବରଂ ଏହା ଆମ ନିଜସ୍ୱ ପ୍ରତିଭାକୁ ନୂତନ ସୁଯୋଗ ଦେଇ ବିଶ୍ୱକୁ ନେତୃତ୍ୱ ଦେବାର ରାସ୍ତା ଖୋଲିଛି।

ସୂଚନା ପ୍ରଯୁକ୍ତିବିତ୍, ସିଙ୍ଗାପୁର
ମୋ:୯୩୪୩୯୩୫୩୪୧

## ଏଇ ଭାରତରେ

ଦିଲ୍ଲୀର ଏକ ବସ୍ତିରେ ରହି ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଲାଭ କରି ଜଣେ କନ୍‌ଷ୍ଟେବଲ ଭାବେ ଚାକିରି କରୁଛନ୍ତି ଥାନ୍ ସିଂ। ଚାକିରିର ଦାୟିତ୍ୱ ଭିତରୁ ସମୟ ବାହାର କରି ସେ ବସ୍ତି ପିଲାମାନଙ୍କୁ ପଢାଉଛନ୍ତି। ଦିଲ୍ଲୀ ଲାଲକିଲ୍ଲା ନିକଟସ୍ଥ ପାର୍କିଂ ସ୍ଥାନ ନିକଟସ୍ଥ ସାଇ ମନ୍ଦିରରେ ସେ ଏକ ପାଠଶାଳା ଖୋଲି ପିଲାମାନଙ୍କୁ ମାଗଣାରେ ପଢାଉଛନ୍ତି। ଥାନ୍ ସିଂ ଡ୍ୟୁଟି କରିବା ସମୟରେ ବସ୍ତି ପିଲାମାନେ ରାସ୍ତାରେ ପାଣିବୋତଲ ବିକିବା, ଜରି ଗୋଟାଇବା ଭଳି କାମ କରୁଥିବା ଦେଖିବା ପରେ ସେ ସେମାନଙ୍କୁ ପଢ଼ାଇବା ଲାଗି ନିଷ୍ପତ୍ତି ନେଇଥିଲେ। କାରଣ ତାଙ୍କ ପିଲାଦିନ ବି ବସ୍ତିରେ ବହୁ କଷ୍ଟରେ କଟିଥିଲା। ଥାନ୍‌ଙ୍କ ଜନ୍ମ ରାଜସ୍ଥାନର ଭରତପୁରରେ। ସେ ତାଙ୍କ ପରିବାର ସହ ଆସି ଦିଲ୍ଲୀର ଏକ ବସ୍ତିରେ ରହୁଥିଲେ। ତାଙ୍କ ପିତା ପୋଷାକ ଇସ୍ତ୍ରି କରି ଯାହା ରୋଜଗାର କରୁଥିଲେ ସେଥିରେ ସେମାନେ କଷ୍ଟରେ ଚଳୁଥିଲେ। ଏପରିକି ଥାନ୍‌ଙ୍କୁ ବି ମକା ବିକି ରୋଜଗାର କରିବାକୁ ପଡ଼ିଥିଲା। ଅନ୍ୟ କୌଣସି ବସ୍ତି ପିଲାଙ୍କ ଭାଗ୍ୟରେ ଏହା ନ ଘଟୁ ତାହା ବିଚାର କରି ୨୦୧୫ରେ ସେ ୩ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଥାନ୍‌ଙ୍କ ଏହି ସ୍କୁଲର ସକାରାତ୍ମକ ପ୍ରଭାବ ଏବେ ସ୍ପଷ୍ଟ ହୋଇଛି। ପିଲାମାନେ ରାସ୍ତାରେ ବୁଲି ଜିନିଷ ବିକିବା ପରିବର୍ତ୍ତେ ସ୍କୁଲକୁ ଆସୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୭୬

- ଭାରତ ଓ ନାଇରୁ ସାଧାରଣତନ୍ତ୍ର ମିଳିତ ଉଦ୍ୟମରେ ଫସଫରିକ ଏସିଡ ପ୍ରସ୍ତୁତ ପାଇଁ ଏକ କାରଖାନା ସ୍ଥାପନ ନିମନ୍ତେ ଚୁକ୍ତିବଦ୍ଧ ହୋଇଛନ୍ତି।
- ଜାତୀୟ କୋଠାବାଡ଼ି ନିର୍ମାଣ ସଂସ୍ଥା ପକ୍ଷରୁ ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ସ୍ୱଳ୍ପ ବ୍ୟୟରେ ଗୃହ ନିର୍ମାଣ।

## ଚିରନ୍ତନୀ

ଅଞ୍ଚଳ ତବ ଚଞ୍ଚଳ ବାତେ
ସ୍ୱର୍ଣ୍ଣ ଜରିର ଧଟୀ
ନଚାଇ ସବେଗେ ନ ଚାଲୁ ତୁମର
ଚରଣ ନବୀନା ନଟୀ !
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | 4 | 8 | | | |
| | 8 | | 5 | | | | 6 | 3 |
| | | | | | 6 | | | |
| | 6 | 5 | | | | | | 7 |
| | 2 | 7 | | | 5 | 8 | 9 | |
| | | | 2 | | | | | 4 |
| | | 2 | | 1 | 4 | | | |
| 5 | | | 8 | | | | | 1 |
| | | | | | | 9 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 4 | 6 | 1 | 2 | 8 | 7 | 3 |
| 7 | 3 | 6 | 9 | 8 | 5 | 1 | 4 | 2 |
| 8 | 2 | 1 | 4 | 7 | 3 | 5 | 9 | 6 |
| 2 | 4 | 8 | 3 | 5 | 9 | 6 | 1 | 7 |
| 9 | 1 | 7 | 8 | 4 | 6 | 3 | 2 | 5 |
| 3 | 6 | 5 | 1 | 2 | 7 | 9 | 8 | 4 |
| 1 | 5 | 9 | 7 | 3 | 4 | 2 | 6 | 8 |
| 4 | 8 | 3 | 2 | 6 | 1 | 7 | 5 | 9 |
| 6 | 7 | 2 | 5 | 9 | 8 | 4 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଥ ହେଲାଣି ପଥଭ୍ରଷ୍ଟ


ମହାଶୟ,
ରାଜ୍ୟର ଚତୁର୍ଥ ବୃହତ୍ତମ ସହର କେନ୍ଦ୍ରାପଡ଼ା । ଏହା ତୁଳସୀ କ୍ଷେତ୍ର ନାମରେ ବିଦିତ। ଆଧ୍ୟାତ୍ମିକ, ସାଂସ୍କୃତିକ ଐତିହ୍ୟ ପରମ୍ପରାର ମହାନ୍ ଶୋଭନୀୟ ଓ ସୌନ୍ଦର୍ଯ୍ୟମୟ ଏହି ସହର। ମୁଖ୍ୟ ପ୍ରସଙ୍ଗ କେନ୍ଦ୍ରାପଡ଼ାର ତିନିମୁହାଣୀ, ଗରାପୁର ସଂଲଗ୍ନ ରାସ୍ତାଟି ହେଉଛି ବଳଦେବଜୀଉ ପଥ। ପରିତାପର ବିଷୟ ଉକ୍ତ ପଥଟି ଖାଲଖମା ଯୋଗୁ ଯାନବାହନ ଚଳାଚଳରେ ଘୋର ସମସ୍ୟା ଦେଖାଦେଲାଣି। କେନ୍ଦ୍ରାପଡ଼ା ସହରର ଜନସାଧାରଣ ବହୁ ଆଲୋଚନା ସମାଲୋଚନା କରନ୍ତି ସତ, ଫଳ କିନ୍ତୁ ଶୂନ। ବିକାଶ ନାଁରେ କୋଟି କୋଟି ଟଙ୍କା ଆସି ଫେରିଯାଏ। ରାଜ୍ୟ ସରକାରଙ୍କ ବାହୁସ୍ଫୋଟ ଭାଷଣକୁ କେନ୍ଦ୍ରାପଡ଼ାର ଲକ୍ଷ ଲକ୍ଷ ଜନସାଧାରଣ କର୍ଣ୍ଣପାତ କରନ୍ତି ସତ ହେଲେ ଉପଯୁକ୍ତ ପଥଟିକୁ ପାସୋରି ପକାନ୍ତି। ଯାହା ଫଳରେ ପ୍ରଶାସନକୁ ଚେଇଁ ଶୋଇବାକୁ ଯଥେଷ୍ଟ ସୁଯୋଗ ମିଳେ। ତଥାପି ରାଜ୍ୟ ସରକାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଧୂଳିସାତ ନ କରନ୍ତୁ।

-ଆଦିକନ୍ଦ ସାହୁ, ଆଳି ବ୍ଲକ୍, ଏକମାଣିଆ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଗୋଟିଏ ବି ହୃତ୍‌ସ୍ପନ୍ଦନ ହରାନ୍ତୁ ନାହିଁ



ବର୍ତ୍ତମାନ ଯେଉଁ କେତୋଟି ସ୍ୱାସ୍ଥ୍ୟ ସମସ୍ୟା ପ୍ରମୁଖ ଭାବରେ ଆମେ ସମ୍ମୁଖୀନ ହେଉଛେ ତନ୍ମଧ୍ୟରୁ ହୃଦ୍‌ଜନିତ ସମସ୍ୟା ଅନ୍ୟତମ। ପ୍ରତ୍ୟେକ ତିନିଗୋଟି ମୃତ୍ୟୁର କାରଣ ହେଉଛି ହୃଦ୍‌ରୋଗଜନିତ। ଆମର ହାତମୁଠା ଆକାର ହୃତ୍‌ପିଣ୍ଡଟି ଛାତିର ବାମ ପଟେ ତିର୍ଯ୍ୟକ୍ ଭାବରେ ଅବସ୍ଥାପିତ। ଏହା ଗର୍ଭ ସଞ୍ଚାରର ୨ ମାସଠାରୁ ଆରମ୍ଭ କରି ଜୀବନର ଶେଷ ପର୍ଯ୍ୟନ୍ତ ନିରବଚ୍ଛିନ ଭାବେ କାମ କରିଥାଏ। ହୃତ୍‌ପିଣ୍ଡର ଚାରିଗୋଟି ଅଳିନ୍ଦ (artium)ଗୁଡ଼ିକର ମାଂସପେଶୀ ପତଳା ଓ ନିଳୟ (ventricle)ର ମାଂସପେଶୀ ଅପେକ୍ଷାକୃତ ମୋଟ। ଦକ୍ଷିଣପଟ ହୃତ୍‌ପିଣ୍ଡରୁ ଅମ୍ଳଜାନ ସଂଯୁକ୍ତ ହେବା ପାଇଁ ରକ୍ତ ଫୁସ୍‌ଫୁସ୍‌କୁ ଯାଏ ଓ ତା'ପରେ ଏହା ଫୁସ୍‌ଫୁସୀୟ ଶିରା ଦ୍ୱାରା ବାମ ପଟକୁ ଆସି ସାରା ଶରୀରରେ ପ୍ରବାହିତ ହୁଏ।

ଜଣେ ବୟସ୍କ ବ୍ୟକ୍ତିର ହୃତ୍‌ପିଣ୍ଡ ମିନିଟ୍‌କୁ ୭୨ ଥର ସ୍ପନ୍ଦିତ ହୋଇଥାଏ ଏବଂ ଗୋଟିଏ ଦିନରେ ଏହା ପାଖାପାଖି ଲକ୍ଷେ ଚାରି ହଜାର ଥର ସ୍ପନ୍ଦିତ ହୁଏ। ଆମ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ପାଖାପାଖି ୫ ଲିଟର ରକ୍ତ ସଞ୍ଚାରଣ କରିଥାଏ ଓ ଗୋଟିଏ ଦିନରେ ଏହା ୭୦୦୦-୮୦୦୦ ଲିଟର ରକ୍ତ ପମ୍ପ କରିଥାଏ।

ସାଧାରଣତଃ ହୃଦ୍‌ଯନ୍ତ୍ର କାମ କରିବା ବନ୍ଦ କରିଦେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ପ୍ରତି ବର୍ଷ ଦୁଇ କୋଟିରୁ ଊର୍ଦ୍ଧ୍ୱ ଲୋକ ହୃଦ୍‌ରୋଗ କାରଣରୁ ମୃତ୍ୟୁବରଣ କରିଥାଆନ୍ତି। ଏହା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏହା ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ମୃତ୍ୟୁକୁ ଆଗୁଆ ନିଦାନ ଦ୍ୱାରା ଟାଳି ଦିଆଯାଇପାରନ୍ତା, ମାତ୍ର ଜନସଚେତନତାର ଅଭାବରୁ ଏହା ହୋଇପାରୁନାହିଁ। ଏହା ମଧ୍ୟ ସ୍ୱାସ୍ଥ୍ୟସେବାର ବ୍ୟାପକତା, ସୁବିଧା ତଥା ପ୍ରାଥମିକ ସ୍ତରରେ ଯାଞ୍ଚ ଦ୍ୱାରା ପ୍ରତିହତ କରାଯାଇପାରନ୍ତା।



ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ 'ବିଶ୍ୱ ହୃତ୍‌ପିଣ୍ଡ ଦିବସ' (World Heart Day) ଭାବରେ ପାଳନ କରାଯାଇ ଆସୁଅଛି। ଚଳିତ ବର୍ଷର ଏ ନେଇ ବାର୍ତ୍ତା ରହିଛି-'ଗୋଟିଏ ବି ହୃତ୍‌ସ୍ପନ୍ଦନ ହରାନ୍ତୁ ନାହିଁ (Don't miss a beat)।

ହୃତ୍‌ପିଣ୍ଡଜନିତ ରୋଗଗୁଡ଼ିକ ମଧ୍ୟରେ ସିଏଡି ବା କରୋନାରି ଆର୍ଟେରି ରୋଗ ପ୍ରମୁଖ। ଏଥିରେ ହୃତ୍‌ପିଣ୍ଡର ମାଂସପେଶୀକୁ ରକ୍ତ ଯୋଗାଉଥିବା ମୁଖ୍ୟ ଏବଂ ସହଯୋଗୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ମାଂସପେଶୀ କାମ କରିପାରି ନ ଥାଏ। ଉଚ୍ଚ ରକ୍ତଚାପ ମଧ୍ୟ ଏକ ନୀରବ ଘାତକ ରୋଗ। ଏହା ବାହାରକୁ ଜଣାପଡ଼ି ନ ଥାଏ ମାତ୍ର ପରୀକ୍ଷା ବେଳେ ଜଣାପଡ଼େ। ଏଥିଲାଗି ନିୟମିତ ଯାଞ୍ଚ ଓ ଔଷଧ ସେବନ ଆବଶ୍ୟକ। ହଠାତ୍ ହୃଦ୍‌ଘାତ ଓ କାର୍ଡିଆକ୍ ଆରେଷ୍ଟ ମଧ୍ୟ ଖୁବ୍ କମ୍ ସମୟ ମଧ୍ୟରେ ଜୀବନ ନେଇଯାଇଥାଏ। ହୃଦ୍‌ଯନ୍ତ୍ରର କାର୍ଯ୍ୟହୀନତା ଓ ହୃତ୍‌ସ୍ପନ୍ଦନରେ ଅନିୟମିତତା (arrythmia) ଅନ୍ୟ ଦୁଇଗୋଟି ପ୍ରମୁଖ ରୋଗ। ଏହା ବ୍ୟତୀତ ଜନ୍ମଜନିତ ହୃଦ୍‌ରୋଗ, ମାଂସପେଶୀ ସଂକ୍ରମଣ, କାର୍ଡିଓ ମାୟୋପାଥି, ଗଣ୍ଠିବାତଜନିତ ହୃଦ୍‌ରୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ଚିକିତ୍ସା ବିଜ୍ଞାନର ବ୍ୟାପକ ଅଗ୍ରଗତି ଦ୍ୱାରା ସହଜରେ ଅଳ୍ପ ସମୟ ମଧ୍ୟରେ ହୃଦ୍‌ରୋଗର ନିର୍ଣ୍ଣୟ ସହିତ ଉପଯୁକ୍ତ ଚିକିତ୍ସା କରାଯାଇ ପାରୁଅଛି। ତେଣୁ ଏବର୍ଷର ବାର୍ତ୍ତା ଜଣାଉଛି ଯେ ହୃଦ୍‌ରୋଗର ଯାଞ୍ଚ ଓ ନିର୍ଣ୍ଣୟ ତଥା ଚିକିତ୍ସାରେ କୌଣସି ପ୍ରକାର ଅବହେଳା କରିବା ଉଚିତ ନୁହେଁ। ହୃଦ୍‌ରୋଗ ହେବାର ପ୍ରମୁଖ ବିପଦ ସୃଷ୍ଟିକାରୀ ବିଷୟଗୁଡ଼ିକ ହେଉଛି-ଅତ୍ୟଧିକ ଧୂମପାନ, ଅତ୍ୟଧିକ ମେଦବହୁଳତା, ଶାରୀରିକ କର୍ମରହିତ ଜୀବନ, ଡାଇବେଟିସ, ଅତ୍ୟଧିକ ରକ୍ତରେ ଚର୍ବି, ଅସନ୍ତୁଳିତ ଉଚ୍ଚ ରକ୍ତଚାପ ଏବଂ ଅତ୍ୟଧିକ ମାନସିକ ଅବସାଦ। ଏହା ସହିତ ପାରିବାରିକ ରୋଗ ପ୍ରାଦୁର୍ଭାବ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା।

ହୃଦ୍‌ରୋଗକୁ ପ୍ରତିହତ କରିବାର ସହଜ ଉପାୟଗୁଡ଼ିକ ମଧ୍ୟରେ ରହିଛି- ରକ୍ତଚାପ, ଚର୍ବି ବହୁଳତା ଏବଂ ମେଦବହୁଳତାର ନିୟନ୍ତ୍ରଣ। ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ ବର୍ଜନ, ଶାରୀରିକ ପରିଶ୍ରମ ଓ ନିୟମିତ ବ୍ୟାୟାମ, ଚାଲିବା, ପହଁରିବା, ସାଇକେଲ ଚାଳନା ଇତ୍ୟାଦି ମଧ୍ୟ ଉପଯୋଗୀ। ପ୍ରତିଦିନ ଅଧ ଘଣ୍ଟାଏ ବ୍ୟାୟାମ ମନ ଏବଂ ଶରୀରକୁ ସୁସ୍ଥତା ପ୍ରଦାନ କରେ। ଅବସାଦ ଏବଂ ମାନସିକ ଚାପରୁ ଦୂରରେ ରହି ରାତିରେ ଅନ୍ତତଃ ୮ ଘଣ୍ଟା ଭଲରେ ଶୋଇବା ଉଚିତ। ହୃଦ୍‌ରୋଗର ନିୟନ୍ତ୍ରଣ ଓ ଚିକିତ୍ସା ପାଇଁ ହୃଦ୍‌ରୋଗ ବିଶେଷଜ୍ଞମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାଧାରଣ ପରୀକ୍ଷା ଯଥା-ଇସିଜି, ଇକୋ, ଷ୍ଟ୍ରେସ୍ ଟେଷ୍ଟ, ବ୍ଲଡ୍ ଟେଷ୍ଟ, କାର୍ଡିଆକ୍ କ୍ୟାଥେଟରାଇଜେଶନ, ଆଞ୍ଜିଓଗ୍ରାମ ଏବଂ ଷ୍ଟେଣ୍ଟିଙ୍ଗ ଇତ୍ୟାଦି ଦ୍ୱାରା ହୃଦ୍‌ରୋଗର ସଫଳ ଚିକିତ୍ସା କରାଯାଇପାରୁଅଛି।

**- ଡା. ରାମଚନ୍ଦ୍ର ରାଉତ, ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର**

## ଯୁବମାନଙ୍କ ମଧ୍ୟରେ ବଢୁଥିବା ହୃଦ୍‌ଘାତ ଗୁରୁତର ସାମାଜିକ ସଙ୍କଟ

ହୃଦ୍‌ଘାତ (Heart Attack) ପୂର୍ବରୁ ୫୦ ବର୍ଷରୁ ଅଧିକ ବୟସରେ ଦେଖାଯାଉଥିବା ରୋଗ ବୋଲି ମନେ କରାଯାଉଥିଲା। କିନ୍ତୁ ଏବେ ପରିସ୍ଥିତି ଦ୍ରୁତ ବଦଳିଛି। ଭାରତରେ ପ୍ରାୟ ୫୦% ହୃଦ୍‌ଘାତ ୫୦ ବର୍ଷରୁ କମ୍ ବୟସରେ ହେଉଛି, ଯେଉଁଥିରୁ ୨୫% କେସ୍ ୪୦ ବର୍ଷରୁ କମ୍ ବୟସରେ ଦେଖାଯାଉଛି। ଓଡ଼ିଶାରେ ମଧ୍ୟ ଏହି ପ୍ରବୃତ୍ତି ସ୍ପଷ୍ଟ। କେତେକ କେସ୍‌ରେ ୨୦-୨୫ ବର୍ଷ ବୟସରେ ଯୁବକମାନେ ମଧ୍ୟ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଓଡ଼ିଶାର କାର୍ଡିଆକ୍ ସେଣ୍ଟରଗୁଡ଼ିକରେ ୪୦ ବର୍ଷରୁ କମ୍ ବୟସୀ ରୋଗୀଙ୍କ ସଂଖ୍ୟା ୩୦% ପର୍ଯ୍ୟନ୍ତ ପହଞ୍ଚିଛି।



Dr. Ritesh Acharya
Cardiologist/Electrophysiologist
Hi-Tech Medical College

### କାହିଁକି ଯୁବମାନେ ହୃଦ୍‌ଘାତରେ ପୀଡ଼ିତ

- ✓ ଧୂମପାନ ଓ ମଦ୍ୟପାନ : ୨୦-୩୫ ବର୍ଷ ବୟସରେ ଅଧିକାଂଶ ରୋଗୀଙ୍କ ସାଧାରଣ କାରଣ।
- ✓ ମଧୁମେହ, ଉଚ୍ଚ ରକ୍ତଚାପ ଓ କଲେଷ୍ଟେରଲ : "Silent Killers" ଯାହା ଯୁବବର୍ଗରେ ଅନୁଦିଷ୍ଟ ଅବସ୍ଥାରେ ରହିଥାଏ।
- ✓ ଅସୁସ୍ଥ ଖାଦ୍ୟାଭ୍ୟାସ : ଫାଷ୍ଟ ଫୁଡ୍, ତେଲ-ମସଲା ଖାଦ୍ୟ, ଶର୍କରାଧିକ ପାନୀୟ।
- ✓ ନିଷ୍କ୍ରିୟ ଜୀବନଶୈଳୀ : Mobile-TV-Laptop ପାଖରେ ଘଣ୍ଟା, ଅଭ୍ୟାସର ଅଭାବ।
- ✓ ଚାପ ଓ ଅତିରିକ୍ତ କାର୍ଯ୍ୟଭାର : ଯୁବମାନଙ୍କ ପାଇଁ ମାନସିକ ଚାପର ପ୍ରବନ୍ଧନ ବହୁତ କମ୍।
- ✓ ପରିବାରରେ ହୃଦ୍‌ରୋଗର ପୂର୍ବ ଇତିହାସ : Genetic Predisposition

### ସାମାଜିକ ପ୍ରଭାବ

୧. ଅର୍ଥନୈତିକ ଚାପ : ୨୦-୪୦ ବର୍ଷରେ ପରିବାରର ପ୍ରଧାନ ଉପାର୍ଜନକାରୀ ଯଦି ହୃଦ୍‌ଘାତରେ ପୀଡିତ, ସାରା ପରିବାର ଆଘାତିତ।
୨. ଉତ୍ପାଦନଶୀଳତାର ହାନି : ସମାଜର କାର୍ଯ୍ୟକ୍ଷମ ବର୍ଗରେ ରୋଗ ବଢିବା।
୩. ମାନସିକ ପ୍ରଭାବ : ପରିବାରରେ ଭୟ, ଉଦ୍‌ବେଗ ଓ ନିରାଶା।

### ପ୍ରତିରୋଧ କିପରି ?

- ✓ ସୁସ୍ଥ ଖାଦ୍ୟ - ଅଧିକ ଶାକ-ସବ୍‌ଜୀ, ଫଳ, ଡାଲି, ପୂର୍ଣ୍ଣାନ୍ନ, କମ୍ ତେଲ, ଲୁଣ, ଚିନି।
- ✓ ନିୟମିତ ବ୍ୟାୟାମ - ପ୍ରତିଦିନ ୩୦-୪୫ ମିନିଟ୍।
- ✓ ନିୟମିତ ଚେକ୍‌ଅପ୍ - ୩୦ ବର୍ଷ ପରେ ଡାୟାବେଟିଜ୍, ରକ୍ତଚାପ ଓ କଲେଷ୍ଟେରଲ ପରୀକ୍ଷା।
- ✓ ମାନସିକ ଚାପର ପ୍ରବନ୍ଧନ - ପ୍ରତିଦିନ ଧ୍ୟାନ, ପ୍ରାଣାୟମ, ପରିବାର ସହିତ ସମୟ।
- ✓ ଧୂମପାନ ଓ ମଦ୍ୟପାନକୁ "ନା"।

### ସାରକଥା

ହୃଦ୍‌ଘାତର "ଯୁବ ପ୍ରବଳତା" ସମାଜ ପାଇଁ ଗୁରୁତର ସଙ୍କେତ। ୫୦% ହୃଦ୍‌ଘାତ ୫୦ ବର୍ଷରୁ କମ୍ ବୟସରେ ଘଟୁଥିବା ତଥ୍ୟ ସଚେତନତା ପାଇଁ ପର୍ଯ୍ୟାପ୍ତ ସମୟରେ ସୁସ୍ଥ ଜୀବନଶୈଳୀ, ନିୟମିତ ପରୀକ୍ଷା ଓ ମାନସିକ ସ୍ୱାସ୍ଥ୍ୟରେ ଯତ୍ନ - ଏହାହିଁ ଯୁବମାନଙ୍କୁ ହୃଦ୍‌ଘାତରୁ ରକ୍ଷା କରିପାରିବ।

**"ଯୁବମାନଙ୍କ ହୃଦୟ ସୁସ୍ଥ - ରାଷ୍ଟ୍ରର ଭବିଷ୍ୟତ ସୁସ୍ଥ"**

# ହୃତ୍‌ପିଣ୍ଡ ଅନୁକୂଳ ଖାଦ୍ୟ



ଶରୀରର ସବୁ ଅଙ୍ଗ ଭଳି ହୃତ୍‌ପିଣ୍ଡ ମଧ୍ୟ ଖାଦ୍ୟ ଉପାଦାନ ଓ ଅକ୍ସିଜେନ୍ ଦରକାର କରିଥାଏ। ଏହା ସେ ପାଇଥାଏ ହୃତ୍‌ଧମନୀ ନାମକ ରକ୍ତନଳୀ ସାହାଯ୍ୟରେ। ହୃତ୍‌ଧମନୀର ରନ୍ଧ୍ର ସରୁ ହୋଇଗଲେ ହୃତ୍‌ପିଣ୍ଡ ଆଶାନୁରୂପ ଖାଦ୍ୟ ଉପାଦାନ ଓ ଅମ୍ଳଜାନ ବା ଅକ୍ସିଜେନ ପାଇପାରେନି। ଫଳରେ ଜାତ ହୁଏ ମାରାତ୍ମକ ଧରଣର ହୃଦ୍‌ରୋଗ। ସ୍ୱାସ୍ଥ୍ୟ ହିତକର ଖାଦ୍ୟ ଖାଇ ନିୟମିତ ବ୍ୟାୟାମ କଲେ ହୃତ୍‌ପିଣ୍ଡ ସୁସ୍ଥ ରହେ।

**କ'ଣ ଖାଇବେ:** ହୃତ୍‌ପିଣ୍ଡ ସୁସ୍ଥ ରହିବା ପାଇଁ କ'ଣ ଖାଇବେ ? ସୁସ୍ଥ ହୃତ୍‌ପିଣ୍ଡ ଖାଦ୍ୟ ତାଲିକାରେ ରହିଛି ରୁଟି, ଭାତ, ଚୁଡ଼ା, ମୁଢ଼ି, ଖଇ, ସୁଜି, ଡାଲି, ଆଳୁ, ଶାଗ, ସାଲାଡ, ସବୁ ପ୍ରକାରର ତଟକା ସବୁଜ ପନିପରିବା, ତଟକା ଫଳମୂଳ, ଲେମ୍ବୁ, ସର କଢ଼ା କ୍ଷୀର, ସର କଢ଼ା କ୍ଷୀରରେ ପ୍ରସ୍ତୁତ ଦହି ଓ ଛେନା। ରୋଷେଇ କରିବା ସମୟରେ ଅଳ୍ପ ପରିମାଣର ସୋରିସ ତେଲ ବ୍ୟବହାର କରନ୍ତୁ। ଏହା ବ୍ୟତୀତ ସୋୟାବିନ ତେଲ, ସୂର୍ଯ୍ୟମୁଖୀ ତେଲରେ ଖାଦ୍ୟ ପ୍ରସ୍ତୁତ କରିପାରିବେ। ଚିନି, ଗୁଡ଼, ମାଛ, ଲୁଣିମାଛ, କୁକୁଡା ମାଂସ, ଅଣ୍ଡାର ଧଳା ଅଂଶ ଖାଇପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଅଳ୍ପ ଅଳ୍ପ ପରିମାଣରେ ଦିନକୁ ପାଞ୍ଚ-ଛଅ ଥର ଆହାର କରନ୍ତୁ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ଖାଆନ୍ତୁ।

**କ'ଣ ଖାଇବେନି:** ଲହୁଣି, ଘିଅ, କ୍ଷୀରସର, କ୍ରିମ୍, ତେଲରେ ଛଣାଛଣି ଏବଂ ଭଜାଭଜି ଖାଦ୍ୟ, ନଡିଆ, ବନସ୍ପତି, ମାଂସର ଚର୍ବି, ଛେଳି, ମେଣ୍ଢା, ଗୋରୁ, ଘୁଷୁରି ମାଂସ, ଅଣ୍ଡାର କେଶର, ବେଶି ତନ୍ତୁଯୁକ୍ତ ଓ ମିଷ୍ଟାନ୍ନ, ବେଶି ଲୁଣ, ଲୁଣିଆ ଖାଦ୍ୟ, ପାମ୍ପଡ଼, ଚଟଣି, ଆଚାର, କଳିଜା, ଚିଙ୍ଗୁଡି, କଙ୍କଡ଼ା, କଫି, ଫାଷ୍ଟଫୁଡ୍, କୋଲ୍ଡ ଡ୍ରିଙ୍କ୍ସ ଇତ୍ୟାଦି। କିନ୍ତୁ ଏଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ ନ କରି ଅଳ୍ପ ଅଳ୍ପ ଖାଇପାରିବେ। କିନ୍ତୁ ନିୟମିତ ସବୁଦିନ ଖାଇବା ମନା।

ଅଧିକ ପରିମାଣର ତନ୍ତୁଜାତୀୟ ଖାଦ୍ୟ, ଅଳ୍ପ ପରିମାଣର ତେଲ, ନିୟମିତ ବ୍ୟାୟାମ, ଅଳ୍ପ ପରିମାଣର ୫-୬ ଥର ଆହାର ବ୍ୟତୀତ ଧୂମପାନ, ମଦ୍ୟପାନ ବର୍ଜନ କରନ୍ତୁ। ଏହାଦ୍ୱାରା ହୃତ୍‌ପିଣ୍ଡ ସୁସ୍ଥ ରହିଥାଏ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ**
ଅଭୀପ୍‌ସା, ପ୍ଲଟ ନଂ-୧୧୩୧,
ସେକ୍ଟର-୬, ସିଡିଏ, କଟକ

# ହୃଦ୍‌ରୋଗର ଆୟୁର୍ବେଦୀୟ ଉପଚାର

**ହୃତ୍‌ପିଣ୍ଡ ଆମ ଶରୀରର ରକ୍ତକୁ ପମ୍ପିଙ୍ଗ କରି ଶରୀରର ସମସ୍ତ ଅଙ୍ଗର କୋଷକୁ ପହଞ୍ଚାଇଥାଏ। ଏପରିକି ହୃତ୍‌ପିଣ୍ଡ ଧମନୀ ଦ୍ୱାରା ହୃତ୍‌ପିଣ୍ଡକୁ ପୋଷଣ କରିଥାଏ। ଯଦି ତେଲ, ଚର୍ବିଜାତୀୟ ଖାଦ୍ୟ ଅଧିକ ଖାଇଲେ ପରିଶ୍ରମ ନ କଲେ ତା'ହେଲେ ଶରୀରରେ ଚର୍ବି ଜମା ହୋଇଥାଏ। ଏହା ଫଳରେ ଧମନୀ ରାସ୍ତା ସଙ୍କୁଚିତ ହୁଏ। ତା' ସହ ଅଧିକାଂଶ ସମୟ ଚିନ୍ତା, ଅବସାଦରେ ରହିଲେ ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହି ସମସ୍ୟାର କେତେକ ଆୟୁର୍ବେଦୀୟ ଉପଚାର ରହିଛି।**




- ଅର୍ଜୁନ ଛେଲି ରସ ଦୁଇ ଚାମଚ ଉଷୁମ କ୍ଷୀର ଏକ କପ ସହ ମିଶାଇ ସକାଳେ ଖାଲି ପେଟରେ ଖାଇବେ।
- ଓସ୍ତପତ୍ର ରସ ବା ପତ୍ର ୬ଟି ପାଣିରେ ପକାଇ ଫୁଟାଇ ତାହାକୁ ଥଣ୍ଡା କରି ଦିନକୁ ଦୁଇ ଥର ପିଇବେ।
- ଅର୍ଜୁନାରିଷ୍ଟ, ସର୍ପଗନ୍ଧାରିଷ୍ଟ, ହୃଦୟବଲ୍ଲଭ ରସ, ଅକୀକ ଭସ୍ମ, ନାଗାର୍ଜୁନାଭ୍ର ଇତ୍ୟାଦି ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶରେ ଖାଇବେ।
- ମନ୍ଥର ଗତିରେ ଚାଲିବେ। ବାମ କଡ଼ ମାଡି ଶୋଇବେ, ଅନୁଲୋମ, ବିଲୋମ କରିବେ। କଞ୍ଚା ଲଙ୍କା ଅଳ୍ପ ପରିମାଣରେ ଖାଇବେ।
- ପୁରୁଣା ଚାଉଳ ଭାତ, ମୁଗ, ପୋଟଳ, ପାଣିକଖାରୁ, କଷିମୂଳା, ଛୋଟ ମାଛ, ଆମ୍ବ, ଡାଳିମ୍ବ, କିସ୍‌ମିସ୍, ରସୁଣ ଓ ଅଦା ଖାଇବା ହୃତ୍‌ପିଣ୍ଡ ପାଇଁ ହିତକର।
- ଦୂଷିତ ପାଣି ପିଇବେ ନାହିଁ, ଗୁରୁପାକ ଖାଦ୍ୟ ଏବଂ ଖଟା ଖାଇବେ ନାହିଁ।

**-ଡା. ଆଶିଷ ବାନାର୍ଜୀ, ବେତନଟୀ, ମୟୂରଭଞ୍ଜ**









# ରକ୍ତ ଚନ୍ଦ୍ରମା



ନିକୁଞ୍ଜ ବିହାରୀ ସାହୁ

''ସୂର୍ଯ୍ୟର କିଛି ଲାଲ୍ ରଶ୍ମି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ପ୍ରତିସରଣ ପ୍ରଭାବରୁ ବଙ୍କେଇ ଯାଇ ଚନ୍ଦ୍ର ଉପରେ ପଡ଼ିଥାଏ। ପୁଣି ବାୟୁମଣ୍ଡଳରେ ଥିବା ଧୂଳିକଣାର ବିଚ୍ଛୁରଣ ଫଳରେ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ରଶ୍ମି ବିଚ୍ଛୁରିତ ହୋଇ ଏଣେତେଣେ ଚାଲିଯାଏ ଏବଂ କେବଳ ଅଧିକ ତରଙ୍ଗ ଦୈର୍ଘ୍ୟର ଲାଲ୍ କିରଣ ହିଁ ଚନ୍ଦ୍ରପୃଷ୍ଠରେ ପହଞ୍ଚିଥାଏ। ଫଳରେ ଗ୍ରହଣର ଚରମ ଅବସ୍ଥାରେ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ନ ହୋଇ ଏକ ରକ୍ତ ବର୍ଣ୍ଣର ପିଣ୍ଡ ସଦୃଶ ଆକାଶରେ ଝୁଲି ରହେ। ଏହାକୁ ହିଁ 'ରକ୍ତ ଚନ୍ଦ୍ରମା' କହନ୍ତି।''



ଚଳିତ ମାସ ୭ ତାରିଖରେ ଏକ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ଦେଖିବାକୁ ମିଳିଥିଲା। ଏହା ଭାରତ ସମେତ ପୃଥିବୀର ଅଧିକାଂଶ ଭୂଭାଗରେ ଦେଖାଯାଇଥିଲା। ଏହା ଏକ ରକ୍ତ ଚନ୍ଦ୍ରମା ଥିବାରୁ ଏହାର ଦର୍ଶନ ସାଧାରଣ ଜନତାଙ୍କ ମନରେ ଗଭୀର କୌତୂହଳ ଓ ଆଶଙ୍କା ସୃଷ୍ଟି କରିଥିଲା। ଏହି ଚନ୍ଦ୍ରଗ୍ରହଣ ସମୟରେ ଲୋକଙ୍କ ମନରେ ଅନେକ ଅନ୍ଧବିଶ୍ୱାସ ଓ ଭ୍ରାନ୍ତ ଧାରଣା ପରିଲକ୍ଷିତ ହୋଇଥିଲା। ମନ୍ଦିରରେ ଦେବନୀତିରେ ପରିବର୍ତ୍ତନ କରାଯାଇଥିଲା। ପାକ ପ୍ରକ୍ରିୟା, ଦୂର ଯାତ୍ରା ତଥା ଭୋଜନ ଉପରେ କଟକଣା ଜାରି କରାଯାଇଥିଲା। ଗ୍ରହଣ ଉପରାନ୍ତେ ଲୋକେ ନଦୀ କିମ୍ବା ପୁଷ୍କରିଣୀରେ ତୁରନ୍ତ ସ୍ନାନ କରିଥିଲେ। ତେବେ ପ୍ରଶ୍ନ ହେଉଛି: ଚନ୍ଦ୍ର ଗ୍ରହଣ କାହିଁକି ହୁଏ ଏବଂ ବେଳେବେଳେ ରକ୍ତ ଚନ୍ଦ୍ରମା ଦେଖିବାକୁ ମିଳେ କାହିଁକି? ଏ ସମ୍ପର୍କରେ ଥିବା ଆମର ପାରମ୍ପରିକ ଧାରଣା କେତେ ଦୂର ଯଥାର୍ଥ ?


ପ୍ରକୃତରେ ଚନ୍ଦ୍ରଗ୍ରହଣ ଏକ ମହାକାଶୀୟ ଘଟଣା ଏବଂ ଛାଇ ଆଲୁଅର ଖେଳ। ସୂର୍ଯ୍ୟ ଚାରିପଟେ ପୃଥିବୀ ଓ ଚନ୍ଦ୍ର ନିଜ କକ୍ଷପଥରେ ଘୂରୁଥିଲାବେଳେ କେବେ କେବେ ଏକ ପୂର୍ଣ୍ଣିମା ତିଥିରେ ସେ ତିନୋଟି ପିଣ୍ଡ ଏକ ସରଳରେଖାରେ ରହିଯାନ୍ତି। ଏହି ଅବସ୍ଥାରେ ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟରେ ପୃଥିବୀ ରହିଗଲେ ପୃଥିବୀର ଛାଇ ଚନ୍ଦ୍ର ଉପରେ ପଡ଼େ ଏବଂ ଚନ୍ଦ୍ର କ୍ଷଣିକ ପାଇଁ ଆକାଶରୁ ଅନ୍ତର୍ହିତ ହୋଇଯାଏ। ଏହା ହିଁ ଚନ୍ଦ୍ର ଗ୍ରହଣ। ମାତ୍ର ପୃଥିବୀର କକ୍ଷତଳ ପ୍ରତି ଚନ୍ଦ୍ରର କକ୍ଷତଳର ଆନତି ହେତୁ (ପ୍ରାୟ ୫ ଡିଗ୍ରୀ) ସବୁ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ହୁଏ ନାହିଁ; କେତେକ ନିର୍ଦ୍ଦିଷ୍ଟ ପୂର୍ଣ୍ଣମୀରେ ହିଁ ଚନ୍ଦ୍ରଗ୍ରହଣ ହୋଇଥାଏ। ତେବେ ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ ସମୟରେ ସୂର୍ଯ୍ୟ ଆକାଶରୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇ ଯାଉଥିଲାବେଳେ ଏକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣରେ କିନ୍ତୁ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ହୁଏ ନାହିଁ; ଏହା ଏକ ମଳିନ ଲାଲ କିମ୍ବା କମଳା ବର୍ଣ୍ଣର ପିଣ୍ଡ ରୂପେ ଆକାଶରେ ରହିଯାଏ। ଏହାର କାରଣ ସୂର୍ଯ୍ୟର କିଛି ଲାଲ ରଶ୍ମି ପୃଥିବୀର ବାୟୁମଣ୍ଡଳ ଦ୍ୱାରା ପ୍ରତିସରଣ ପ୍ରଭାବରୁ ବଙ୍କେଇ ଯାଇ ଚନ୍ଦ୍ର ଉପରେ ପଡ଼ିଥାଏ। ପୁଣି ବାୟୁମଣ୍ଡଳରେ ଥିବା ଧୂଳିକଣାର ବିଚ୍ଛୁରଣ ଫଳରେ କମ୍ ତରଙ୍ଗ ଦୈର୍ଘ୍ୟ ବିଶିଷ୍ଟ ନୀଳ ରଶ୍ମି ବିଚ୍ଛୁରିତ ହୋଇ ଏଣେତେଣେ ଚାଲିଯାଏ ଏବଂ କେବଳ ଅଧିକ ତରଙ୍ଗ ଦୈର୍ଘ୍ୟର ଲାଲ କିରଣ ହିଁ ଚନ୍ଦ୍ର ପୃଷ୍ଠରେ ପହଞ୍ଚ ଥାଏ। ଫଳରେ ଗ୍ରହଣର ଚରମ ଅବସ୍ଥାରେ ଚନ୍ଦ୍ର ସମ୍ପୂର୍ଣ୍ଣ ଅଦୃଶ୍ୟ ନ ହୋଇ ଏକ ରକ୍ତ ବର୍ଣ୍ଣର ପିଣ୍ଡ ସଦୃଶ ଆକାଶରେ ଝୁଲି ରହେ। ଏହାକୁ ହିଁ 'ରକ୍ତ ଚନ୍ଦ୍ରମା' କହନ୍ତି।

ଚନ୍ଦ୍ର ଗ୍ରହଣ ସମ୍ପର୍କରେ ବିଭିନ୍ନ ସଂସ୍କୃତିରେ ଅନେକ ବିଶ୍ୱାସ, ଅନ୍ଧବିଶ୍ୱାସ ରହିଛି। ମଧ୍ୟ ଆମେରିକାରେ ଖ୍ରୀଷ୍ଟପୂର୍ବ ୨୦୦୦ରେ ବାସ କରୁଥିବା ମୟମାନେ ବିଶ୍ୱାସ କରୁଥିଲେ ଯେ, ଚନ୍ଦ୍ରକୁ ଆକାଶରେ ଏକ ଜାଗୁଆର ଭଳି ହିଂସ୍ର ଜୀବ ଭକ୍ଷଣ କରିବାରୁ ଚନ୍ଦ୍ର ସାମୟିକ ପାଇଁ ଅଦୃଶ୍ୟ ହୋଇଯାଏ। ସେହିପରି ଦକ୍ଷିଣ ଆମେରିକାରେ ୧୪୦୦ରୁ ୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ବାସ କରୁଥିବା ଇନକାମାନେ ବିଶ୍ୱାସ କରୁଥିଲେ ଯେ, ଏକ ହେଟାବାଘ ଜାତୀୟ ଜୀବ ଚନ୍ଦ୍ରଗ୍ରହଣ ସମୟରେ ଚନ୍ଦ୍ରକୁ ଆକାଶରେ ଖାଇଦିଏ। ଫଳରେ ଚନ୍ଦ୍ର ରକ୍ତ ବର୍ଣ୍ଣ ପାଲଟିଯାଏ। ସେମାନଙ୍କ ବିଶ୍ୱାସ ଯେ, ଏହି ଜୀବ ଆକାଶରେ ଚନ୍ଦ୍ରକୁ ଭକ୍ଷଣ କଲାପରେ ପଥିବୀକୁ ଫେରି ସମସ୍ତ ଜୀବଜନ୍ତୁଙ୍କୁ ମଧ୍ୟ ଖାଇଯିବ। ତେଣୁ ସେମାନେ ଏହି ଜୀବକୁ ଘଉଡ଼ାଇବା ପାଇଁ ବାଜା ବଜେଇ ଆକାଶକୁ ତୀର ଓ ବର୍ଛା ନିକ୍ଷେପ କରୁଥିଲେ। ଚାଇନାରେ ଲୋକଙ୍କର ବିଶ୍ୱାସ ଥିଲା ଯେ, ଏକ ଭୟଙ୍କର ଡ୍ରାଗନ କିମ୍ବା ପୁରାଣ ବର୍ଣ୍ଣିତ 'ଚନ୍ ଚୁ' ନାମକ ଏକ ବିଚିତ୍ର ତିନିଗୋଡ଼ିଆ ବେଙ୍ଗ ଆକାଶରେ ଚନ୍ଦ୍ରକୁ ଭକ୍ଷଣ କରେ। ମେସୋପଟାମିଆ ସଭ୍ୟତାରେ ଲୋକେ ବିଶ୍ୱାସ କରୁଥିଲେ ଯେ, ଚନ୍ଦ୍ର ଗ୍ରହଣ ସମୟରେ ସାତୋଟି ରାକ୍ଷସ ଚନ୍ଦ୍ରକୁ ଆକ୍ରମଣ କରିଥାନ୍ତି। ସେମାନେ ବିଶ୍ୱାସ କରୁଥିଲେ ଯେ, ସେହି ରାକ୍ଷସମାନେ ଚନ୍ଦ୍ରକୁ ଆକ୍ରମଣ କଲାପରେ ପୃଥିବୀକୁ ଫେରି ନିଜ ରାଜାଙ୍କୁ ମଧ୍ୟ ଆକ୍ରମଣ କରିବେ। ସେଥିପାଇଁ ସେମାନେ ନିଜ ରାଜାଙ୍କୁ ରକ୍ଷା କରିବା ପାଇଁ ତାଙ୍କୁ ଲୁଚାଇ ଏକ ନକଲି ରାଜାଙ୍କ ଅବତାରଣା କରୁଥିଲେ। ଗ୍ରହଣ ସମ୍ପୂର୍ଣ୍ଣ ଛାଡିଗଲା ପରେ, ସେମାନେ ପ୍ରକୃତ ରାଜାଙ୍କୁ ଗୋପନରୁ ବାହାର କରି ନକଲି ରାଜାଙ୍କୁ ଲୁଚାଇ ଦେଉଥିଲେ କିମ୍ବା ବିଷ ଦେଇ ଜୀବନରୁ ମାରି ଦେଉଥିଲେ। ହିନ୍ଦୁମାନଙ୍କର ବିଶ୍ୱାସ ଯେ, ରାହୁ ନାମକ ଏକ କ୍ଷୁଧିତ ଦାନବ ଚନ୍ଦ୍ର ଗ୍ରହଣ ସମୟରେ ଚନ୍ଦ୍ରକୁ ଗିଳି ଦିଏ। ମାତ୍ର ଭଗବାନ ଶ୍ରୀକୃଷ୍ଣ ସୁଦର୍ଶନ ଚକ୍ରରେ ରାହୁର ଶିର କାଟି ଦେଇଥିବାରୁ ଚନ୍ଦ୍ର କିଛି ସମୟ ପରେ ରାହୁ ଦାନବର ଗଳା ମଧ୍ୟରୁ ନିର୍ଗତ ହୋଇ ଆକାଶରେ ଦୃଶ୍ୟ ହୁଏ ; ଅର୍ଥାତ ଗ୍ରହଣ ସମ୍ପୂର୍ଣ୍ଣ ଛାଡିଯାଏ। ରକ୍ତ ଚନ୍ଦ୍ରମା ସମ୍ପର୍କରେ ବାଇବେଲରେ ମଧ୍ୟ ବର୍ଣ୍ଣନା ଅଛି। ଏହା ସମୁଦାୟ ଖ୍ରୀଷ୍ଟ ଜଗତ ପାଇଁ ଅଶୁଭର ସଙ୍କେତ ବୋଲି ବିଶ୍ୱାସ କରାଯାଏ।

ଅତୀତରେ ପ୍ରଖ୍ୟାତ ଇଟାଲୀୟ ନାବିକ କଲମ୍ବସ ଥରେ ଏହିପରି ଏକ ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇ ଜାମାଇକାର ସ୍ଥାନୀୟ ଅଧିବାସୀମାନଙ୍କୁ ଚମତ୍କୃତ କରି ଦେଇଥିଲେ। ଖ୍ରୀଷ୍ଟାବ୍ଦ ୧୫୦୪ରେ କଲମ୍ବସଙ୍କ ଅଭିଯାତ୍ରୀ ଦଳଟି ପହଞ୍ଚିଥିଲେ ଜାମାଇକା ଦ୍ୱୀପପୁଞ୍ଜରେ। ସ୍ଥାନୀୟ ଅଧିବାସୀମନେ କିନ୍ତୁ ଏହି ଶ୍ୱେତାଙ୍ଗ ଅଭିଯାତ୍ରୀ ଦଳକୁ କୌଣସି ସାହାଯ୍ୟ ସହଯୋଗ କଲେ ନାହିଁ। ଏଥିରେ କଲମ୍ବସ ରାଗିଯାଇ ଘୋଷଣା କଲେ ଯେ ସେ ସେହି ଦିନ ରାତିରେ ସେମାନଙ୍କ ପ୍ରିୟ ଦେବତା ଚନ୍ଦ୍ରକୁ ସମ୍ପୂର୍ଣ୍ଣ ଲୁଚାଇ ଦେବେ। ଶେଷରେ ସେହି ବହୁ ପ୍ରତୀକ୍ଷିତ ସମୟ ଆଗତ ହେଲା। ଅକସ୍ମାତ ଆକାଶରେ କାହୁଁ କଳାହାଣ୍ଡିଆ ବାଦଲଖଣ୍ଡଟିଏ ମାଡି ଆସିଲା ଏବଂ ଚନ୍ଦ୍ରକୁ ସଙ୍ଗେ ସଙ୍ଗେ କବଳିତ କରି ଢାଙ୍କି ଦେଲା। ନିଜ ପ୍ରିୟ ଦେବତା ଚନ୍ଦ୍ରର ଏ ଦଶା ଦେଖି ସ୍ଥାନୀୟ ଅଧିବାସୀମାନେ କଲମ୍ବସଙ୍କୁ ଦେବତା ତୁଲ୍ୟ ମଣି ପ୍ରାର୍ଥନା କଲେ ଚନ୍ଦ୍ର ପୂର୍ବ ତେଜ ପୁଣି ଫେରାଇ ଦେବା ନିମନ୍ତେ। କଲମ୍ବସଙ୍କ ନିର୍ଦ୍ଦେଶରେ କିଛି ସମୟ ପରେ ଚନ୍ଦ୍ରର ପୂର୍ବ ତେଜ ପୁଣି ଫେରି ଆସିଲା। ମାତ୍ର କଲମ୍ବସ ଯେ ଏହି ଚମତ୍କାରିତା ଦେଖାଇବା ପାଇଁ ଏକ ପୂର୍ଣ୍ଣ ଚନ୍ଦ୍ରଗ୍ରହଣର ସାହାଯ୍ୟ ନେଇଥିଲେ ତାହା ମୂର୍ଖ ଜାମାଇକାବାସୀମାନେ ଜାଣିପାରିଲେ ନାହିଁ ! (କ୍ରମଶଃ..)

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର-୧୩
ମୋ : ୮୯୧୭୬୩୭୯୭୪

## ହୃତ୍‌ପିଣ୍ଡ : କିଛି କଥା




ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର ଓଜନ ହେଉଛି ମାତ୍ର ୩୦୦-୪୦୦ ଗ୍ରାମ୍। ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃତ୍‌ପିଣ୍ଡଟି ଗର୍ଭ ସଞ୍ଚାରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ହୃତ୍‌ପିଣ୍ଡ ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃତ୍‌ପିଣ୍ଡଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃତ୍‌ପିଣ୍ଡ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍, ହୃତ୍‌ପିଣ୍ଡ ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ହୃତ୍‌ପିଣ୍ଡର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ। ହୃଦ୍‌ଜନିତ ସମସ୍ୟା ଥରେ ଜଣାପଡ଼ିଲେ ଏଥିପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

## ଧୂମପାନ ତ୍ୟାଗ କରିବାର ସହଜ ଉପାୟ




ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀର୍ଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କୁଇଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସ୍‌ଫୁସ୍‌ର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ ଏବଂ ସ୍ମାର୍ଟ ଲାଗେ।

# ଦନ୍ତ କ୍ଷୟରୁ ରକ୍ଷା କରେ କ୍ଷୀର



କ୍ଷୀର ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ଆମେ ସମସ୍ତେ ପ୍ରାୟ ଜାଣିଛେ ଯେ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ରହିଛି। ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ନିୟମିତ କ୍ଷୀର ପିଇଲେ ତାହା ଦନ୍ତକ୍ଷୟଜନିତ ସମସ୍ୟା ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ଦାନ୍ତଜନିତ ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଚିକିତ୍ସା କରିବା ସମୟରେ ସେମାନେ ଏହି ଉପାୟକୁ ଅନୁସରଣ କରିଥିଲେ। ସେମାନଙ୍କୁ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କର ଦାନ୍ତ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। ନିୟମିତ କ୍ଷୀର ପିଇବା ଫଳରେ ଦାନ୍ତ ସନ୍ଧିରେ ଲୁଚି ରହିଥିବା ଜୀବାଣୁମାନଙ୍କୁ ଏହା ମାରିଦେଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜାଣି ରଖନ୍ତୁ



➔ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ସମସ୍ତେ ଜାଣିବା ଦରକାର। ଏହାର ବଶବର୍ତ୍ତୀ ହେଲେ ଏବଂ ଏହା ଏକ ନିଶାରେ ପରିଣତ ହୋଇଗଲେ ତାହା ପରବର୍ତ୍ତୀ ସମୟରେ ହୃଦ୍‌ଜନିତ ସମସ୍ୟାର କାରଣ ସାଜିଥାଏ।

➔ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିବା ସହ କିଛି ହାଲୁକା ଫୁଲକା ବ୍ୟାୟାମ କରନ୍ତୁ।

➔ସବୁବେଳେ ରାତିରେ ଏକ ନିର୍ଦ୍ଦିଷ୍ଟ ସମୟରେ ଶୁଅନ୍ତୁ। କାରଣ ନିଦ୍ରାରେ ଅନିୟମିତତା ହେଲେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➔ଚର୍ବିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଧୀରେ ଧୀରେ ଶରୀରରେ କୋଲେଷ୍ଟରଲ୍ ସ୍ତର ବଢ଼ାଇ ଦେଇଥାଏ।

➔କେତେକ ରୋଗକୁ ଚିହ୍ନଟ କରିବା ପାଇଁ ଡାକ୍ତର ପାଥୋଲୋଜିକାଲ ଟେଷ୍ଟ ପାଇଁ ଲେଖିଥାଆନ୍ତି। ସବୁବେଳେ ଏଭଳି ପରୀକ୍ଷା ଭଲ ପାଥୋଲୋଜିରେ କରାଇ ନିଅନ୍ତୁ।

➔ଫଳରସ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହାର ସୁପ୍ରଭାବ ମଧ୍ୟ ହୃତ୍‌ପିଣ୍ଡର କାର୍ଯ୍ୟଧାରା ଉପରେ ପଡିଥାଏ।

# ମାନସିକ ସ୍ୱାସ୍ଥ୍ୟର ଯତ୍ନ: ବର୍ତ୍ତମାନ ସମୟର ଆହ୍ୱାନ

(ଶେଷ ଭାଗ)



ଲୋକମାନେ ମଧ୍ୟ ଭାବି ଥାଆନ୍ତି ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଖାଇଲେ ଦେହର ବିଭିନ୍ନ ଅଙ୍ଗ ପ୍ରତ୍ୟେଙ୍ଗ ଉପରେ ଖରାପ ପ୍ରଭାବ ପକାଇଥାଏ। ମାତ୍ର ଏସବୁ ଭୁଲ ଧାରଣା। ସମସ୍ତେ ଜାଣିରଖିବା ଉଚିତ ଯେ ମାନସିକ ରୋଗର ଚିକିତ୍ସା ନିମନ୍ତେ ଉଦ୍ଦିଷ୍ଟ ଔଷଧଗୁଡ଼ିକୁ ଖାଇଲେ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଉପରେ କୌଣସି ଖରାପ ପ୍ରଭାବ ପଡ଼ି ନ ଥାଏ।

ଆମ ସମାଜରେ ଲୋକଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ। ବରଂ ବିବାହ ଏହି ରୋଗୀଙ୍କୁ ଅଯଥାରେ ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ପରିସ୍ଥିତିକୁ ଠେଲିଦିଏ। ମାନସିକ ଅବସ୍ଥା ଠିକ ନ ଥିଲା ବେଳେ ସଂସାର ଆରମ୍ଭ କରିବା, ପରସ୍ପରର ଦାୟିତ୍ୱ ନେବା ବରଂ ଚିନ୍ତାଜନକ ହୋଇପାରେ ଓ ରୋଗର ପରିଣତି ଉପରେ କୁପ୍ରଭାବ ପକାଇପାରେ। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ। ଲୋକମାନେ ଭାବିଥାନ୍ତି ଯେ ମାନସିକ ରୋଗଗୁଡ଼ିକର ଚିକିତ୍ସା କେବଳ ଔଷଧ ଦ୍ୱାରା ହିଁ ହୋଇପାରିବ। ମାତ୍ର ସମସ୍ତେ ଜାଣିରଖିବା ଉଚିତ କେତେକ ମାନସିକ ସମସ୍ୟା (ଯେମିତିକି ଡିପ୍ରେସନ, ଆଙ୍ଗଜାଇଟି) ଅଛି ଯେଉଁଥିରେ ଯଦି ଆପଣ ପ୍ରାରମ୍ଭିକ ଅବସ୍ଥାରେ ଚିକିତ୍ସା ପାଇଁ ଆସୁଛନ୍ତି ତେବେ ଆପଣ କେବଳ ନିୟମିତ କାଉନସେଲିଙ୍ଗ ଦ୍ୱାରା ମଧ୍ୟ ଭଲ ହୋଇପାରିବେ।

ବେଳେବେଳେ ଦରକାର ପଡ଼ିଲେ କେତେକ ମାନସିକ ସମସ୍ୟାରେ (ସ୍କିଜୋଫ୍ରେନିଆ, କାଟାଟୋନିଆ, ବାଇପୋଲାର) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦରକାର ପଡ଼ିଥାଏ। ଯେତେବେଳେ ରୋଗୀ ଔଷଧରେ ଆରୋଗ୍ୟ ଲାଭ କରେ ନାହିଁ, ରୋଗୀ ଔଷଧ ଖାଇବାକୁ ଆଦୌ ରାଜି ହୁଏ ନାହିଁ, ରୋଗୀଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଏ, ରୋଗୀ ଖାଦ୍ୟ ଖାଇବା ବନ୍ଦ କରିଦିଏ କିମ୍ବା ରୋଗୀ ଅଧିକାଂଶ ସମୟ ଉତ୍ତେଜିତ ହୋଇ ରହେ ସେତେବେଳେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ଦରକାର ପଡ଼ିଥାଏ। ଲୋକମାନଙ୍କ ମଧ୍ୟରେ ଏକ ଧାରଣା ଅଛି ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ବହୁତ କଷ୍ଟଦାୟକ, ଯେମିତି ଫିଲ୍ମରେ ସକ୍ ଦିଆଯିବାର ଦେଖାଯାଏ, ସେହିପରି ହସ୍ପିଟାଲରେ ମଧ୍ୟ ସକ୍ ଥେରାପି ଦିଆଯାଏ। ମାତ୍ର ବର୍ତ୍ତମାନ ବ୍ୟବହାର କରାଯାଉଥିବା ବୈଦ୍ୟୁତିକ ଚିକିତ୍ସା ପଦ୍ଧତି ସମ୍ପୂର୍ଣ୍ଣ ସୁରକ୍ଷିତ। ଏବେ ନିଶ୍ଚେତକ ସାହାଯ୍ୟରେ ବୈଦ୍ୟୁତିକ ଚିକିତ୍ସା ପଦ୍ଧତି (ଇସିଟି) ଦିଆଯାଉଛି। ଏହାର ବ୍ୟବହାର ଦ୍ୱାରା ରୋଗୀଠାରେ କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ଦେଖା ଦେଉ ନାହିଁ କି ରୋଗୀକୁ କୌଣସି କଷ୍ଟ ହେଉନାହିଁ।

ତେଣୁ ମାନସିକ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ସମ୍ବନ୍ଧରେ ଆମେ ସମସ୍ତେ ସଚେତନ ରହିବା ଉଚିତ। ମାନସିକ ରୋଗ ସହିତ ଜଡ଼ିତ ନିନ୍ଦା, ଅପବାଦ ଓ ଲାଜକୁ ଆମ ସମାଜରୁ ସମ୍ପୂର୍ଣ୍ଣ ଭାବେ ଦୂରେଇବାର ସମୟ ଆସିଯାଇଛି। ପ୍ରାରମ୍ଭିକ ଅବସ୍ଥାରେ ଉପଯୁକ୍ତ ଚିକିତ୍ସା କଲେ ସବୁ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ।

-ଡା. ସତ୍ୟକାମ ମହାପାତ୍ର
ମାନସିକ ରୋଗ ବିଶେଷଜ୍ଞ,
ମହାନଦୀ ବିହାର, କଟକ
ମୋ : ୮୮୯୫୨୯୩୯୯୭

## ସ୍ୱାସ୍ଥ୍ୟ ସୂଚନା

➢ବୟସ ୫୦ ଟପିଥିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେଣୁ ଏହି ସମୟରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➢ନିଜକୁ ସୁସ୍ଥ ରଖିବା ଏକ ଖାଦ୍ୟପେୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ତେଲଜାତୀୟ, ଅଧିକ ରାଗ-ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।



➢ଫଳମୂଳ ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। କାରଣ ଫଳମୂଳରେ ଜଳୀୟ ଅଂଶ ଭରି ରହିଛି।

➢ପ୍ରତିଦିନ କିଛି ସମୟ ନିଜକୁ ଶାନ୍ତ ପରିବେଶରେ ରଖନ୍ତୁ। ଏହାଦ୍ୱାରା ମାନସିକତା କେତେକାଂଶରେ ସକାରାତ୍ମକ ରହିଥାଏ।

➢ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ କଥା ହେବା ବେଳେ ସେ କେତେକ ବିଷୟ ଉପରେ ଜାଣିବାକୁ ଚାହିଁଥାଆନ୍ତି। ତେଣୁ ସେହି ସମୟରେ ତାଙ୍କୁ ସେସବୁ ନ ଲୁଚାଇ ସମ୍ପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କାରଣ ତାହାକୁ ଅନୁଧ୍ୟାନ କରି ଡାକ୍ତର ରୋଗ ବିଷୟରେ କେତେକ ସୂଚନା ପାଇଥାଆନ୍ତି।

➢ମହୁ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଉଷୁମ ପାଣି ସହ ମହୁକୁ ମିଶାଇ ପିଇଲେ ତାହା ଥଣ୍ଡାଜନିତ ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ପବିତ୍ରନଗର,(ନିରୋଜ ପ୍ରଧାନ): କଣିହାଁ ବନାଞ୍ଚଳ ରେଙ୍ଗାଳି ଥାନା ଶୁଶୁବା ପଞ୍ଚାୟତ ପୋଡ଼ାଗଡ ଗ୍ରାମରେ ଚାଷ କାମ ବେଳେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡିଛି । ମହିଳା ଜଣକ ହେଲେ ପୋଡ଼ାଗଡ଼ ଗ୍ରାମର ସୁଭଦ୍ରା ଦେହୁରୀ (୪୦)। ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କଣିହାଁ ବନାଞ୍ଚଳ ଅଧିକାରୀ ନୀଳାଦ୍ରି ନାଥ ସାହୁ କହିଛନ୍ତି, ସେ ଜଙ୍ଗଲ ନିକଟରେ ଥିବା ବିଲକୁ ଚାଷ କାମକୁ ଯାଇଥିଲେ । ଭାଲୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି । ବିଭାଗ ତରଫରୁ ନିୟମ ଅନୁସାରେ ସହାୟତା ଯୋଗାଇ ଦିଆଯିବ।

## ସଂକ୍ଷେପରେ

### ୩୦ ଲିଟର ମଦ ଜବତ, ଜଣେ ଗିରଫ

ବଁଅରପାଳ,୨୮।୯(ସୁବାସ ଚନ୍ଦ୍ର ସାହୁ)

ଅନୁଗୋଳ ଜିଲାରେ ଚୋରା ମଦ କାରବାର ବଢ଼ିଥିବାବେଳେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢାଉ ଜାରି ରହିଛି। ସୂଚନା ଅନୁଯାୟୀ, ନାଲ୍‌କୋ ଥାନା ଅଧୀନରେ ଥିବା ବଳରାମପ୍ରସାଦ କେନ୍ଦୁପାଟଣା ଅଞ୍ଚଳରେ ବିଭିନ୍ନ ପାନ ଦୋକାନ ଓ ତେଜରାତି ବ୍ୟବସାୟୀଙ୍କୁ ଚୋରା ମଦ ଯୋଗାଇ ଦିଆଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ରବିବାର ନାଲ୍‌କୋ ପୋଲିସ ଚଢାଉ କରିଥିଲା। ଏହି ସମୟରେ ଚୋରା ମଦ ନେଇ ଯାଉଥିବାବେଳେ ବଁଅରପାଳ ବ୍ଲକ ଅନ୍ତର୍ଗତ ଗୋତମରା ଗ୍ରାମର ପ୍ରକାଶ ସାହୁ(୫୯)ଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୩୦ଲିଟର ବେଦେଶୀ ମଦ ଜବତ କରିଛି। ଚୋରା ମଦ କାରବାର ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚଢ଼ାଉବେଳେ ନାଲ୍‌କୋ ଥାନା ଏଏସ୍‌ଆଇ ପବିତ୍ର ନାଗ ଓ ତଦନ୍ତକାରି ଅଧିକାରୀ ଏଏସ୍‌ଆଇ ଦୀପକ ସିଂ ସୂଚନା ଦେଇଛନ୍ତି।

### ଓସିଏସ୍‌ରେ ୧୯୬ ର୍‍ୟାଙ୍କ୍ ରଖିଲେ ରୋଜାଲିନ

ବନ୍ତଳା,୨୮।୯(ସୁଶିତ ସାହୁ)

ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତ ହମାମୀରା ଗାଁର ବସନ୍ତ ପଟ୍ଟନାୟକ ଏବଂ ସସ୍ମିତା ପଟ୍ଟନାୟକଙ୍କ ସାନ ଝିଅ ରୋଜାଲିନ ପଟ୍ଟନାୟକ ଚଳିତ ବର୍ଷ ପ୍ରକାଶ ପାଇଥିବା ଓସିଏସ୍ ପରୀକ୍ଷାରେ ୧୯୬ ର୍‍ୟାଙ୍କ୍ ରଖି ସଫଳତା ପାଇଛନ୍ତି। ସରକାରୀ ସ୍କୁଲରୁ ପ୍ରାଥମିକ ଶିକ୍ଷା ପରେ ବିବି ହାଇସ୍କୁଲ ଢେଙ୍କାନାଳ ଓ ପରେ ଢେଙ୍କାନାଳ ମହାବିଦ୍ୟାଳୟରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ଆଇଜିଆଇଟି ସରାଙ୍ଗରୁ ଇଞ୍ଜିନିୟରିଂରେ ସଫଳତା ପାଇଥିଲେ ରୋଜାଲିନ। କିଛିଦିନ ପାରଳାଖେମୁଣ୍ଡି ଇଞ୍ଜିନିୟରିଂ କଲେଜରେ ଶିକ୍ଷକତା ଓ ପରେ ତାଳଚେର ପୌରପରିଷଦରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିଲେ। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅହରହ ଚେଷ୍ଟା ଜାରି ରଖି ଶେଷରେ କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ଓ ଅଧ୍ୟବସାୟ ତାଙ୍କୁ ସଫଳତା ଆଣିଦେଇଛି ବୋଲି ଆତ୍ମ ବିଭୋର ହୋଇ କହିଛନ୍ତି ରୋଜାଲିନଙ୍କ ବାପା। ସେ ଢେଙ୍କାନାଳ ପୌରପାଳିକା ଓ ପରେ କଟକ ମହାନଗର ନିଗମରୁ ୩ୟ ଶ୍ରେଣୀ କର୍ମଚାରୀ ଭାବେ କିଛି ମାସ ପୂର୍ବରୁ ଅବସର ଗ୍ରହଣ କରିଥିଲେ। ରୋଜାଲିନଙ୍କ ସଫଳତା ପାଇଁ ଗାଁରୁ ବ୍ଲକ ଓ ଜିଲା ପର୍ଯ୍ୟନ୍ତ ଖୁସିର ଲହର ଖେଳି ଯାଇଥିବାବେଳେ ଶୁଭେଚ୍ଛା ବାର୍ତ୍ତା ଛୁଟିଛି। ମୋ ଝିଅ ଜିଲା, ବ୍ଲକ ତଥା ଗାଁର ଗର୍ବ ଆଣି ଦେଇଛି ବୋଲି ଭାବପ୍ରବଣତାରେ କହିଛନ୍ତି ରୋଜାଲିନଙ୍କ ମା’ ।



### ଚାଳକ ଗିରଫ, ବାଇକ୍ ଜବତ

ବଇଣ୍ଡା,୨୮।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ ପୋଲିସ ଶନିବାର ଠାକୁରଗଡ ଅଞ୍ଚଳରେ ଗାଡି ମୋଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ମଦ୍ୟପାନ କରି ବାଇକ୍ ଚଲାଉଥିବା ଅଭିଯୋଗରେ ଗୋପପୁର ଅଞ୍ଚଳର ସୁଶାନ୍ତ କଅଁରଙ୍କୁ ଗିରଫ କରାଯିବା ସହ ତାଙ୍କ ବାଇକ୍‌କୁ ଜବତ କରାଯାଇଛି। ଏନେଇ ପୋଲିସ କେସ୍ ନମ୍ବର ୨୭୧/୨୫ରେ ଏକ ମାମଲା ରୁଜୁ କରିଛି। ସେ ମଦ୍ୟପାନ କରି ବାଇକ୍ ଚଲାଉଥିବାବେଳେ ପୋଲିସ ତାଙ୍କୁ ଯାଞ୍ଚ କରି ଗିରଫ କରିଥିଲା।

# ମୁଖ୍ୟ ଆକର୍ଷଣ ସାଜିବ ହେମସୁରପଡ଼ାର ରାବଣପୋଡ଼ି

ଆଶ୍ୱିନ ମାସର ନିର୍ମଳ ଆକାଶ ସହ ଧରାପୃଷ୍ଠରେ କାଶତଣ୍ଡି ଫୁଲର ଶୋଭା ଦୁର୍ଗା ମା’ଙ୍କ ଆଗମନକୁ ପରିପ୍ରକାଶ କରିଥାଏ। ଏହି ପ୍ରାକୃତିକ ପରିବେଶ ମଧ୍ୟରେ ଦେବୀ ଦୁର୍ଗା ଧରାପୃଷ୍ଠକୁ ଅବତରଣ କରିଛନ୍ତି। ଏଥିପାଇଁ ଅନୁଗୋଳ ସହର ଏବେ ଚଳଚଞ୍ଚଳ ହୋଇପଡିଛି। ସମସ୍ତ ପୂଜା ମଣ୍ଡପଗୁଡିକ ନିଜର ସାଜସଜ୍ଜା ବେଶ୍ ଧୂମଧାମରେ ଚଳାଇଛନ୍ତି। ସହରରେ ଦଶଟି ପୂଜା ମଣ୍ଡପରେ ପୂଜା ପାଇବେ ମା’ ଦଶଭୂଜା। ହେସୁରପଡା, ଅମଲାପଡା, ଗାନ୍ଧୀଛକ, ହୁଲୁରସିଂହା, ଭଣ୍ଡୁବର, ଦଶହରାପଡିଆ, ଏମିତି ଛୋଟବଡ଼ ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ଏହା ସହ ଅନୁଗୋଳ ଦଶହରା ପଡିଆଠାରେ ଦୁର୍ଗାଶଙ୍କର ପୂଜା ସମିତି ଏବର୍ଷ ୮୬ବର୍ଷ ପୂଜା କରିବାକୁ ଯାଉଛି। ଏନେଇ ସମିତିର ସମସ୍ତ କର୍ମକର୍ତ୍ତା ଓ ସହରବାସୀଙ୍କ ମଧ୍ୟରେ ଉତ୍କଣ୍ଠା ଭରିରହିଛି।

## ଦୁର୍ଗାଶଙ୍କର ପୂଜା ସମିତି

ଅନୁଗୋଳ, ୨୮।୯ (ଜ୍ୟୋତିରଞ୍ଜନ ସାହୁ)

ଚଳିତ ବର୍ଷ ପାର୍ବଣର ଆଗମନରେ ଘରେ ଘରେ ପୁରେ ପୁରେ ଦେବୀ ଦୁର୍ଗାଙ୍କ ଆରାଧନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅନୁଗୋଳ ସହର ମଧ୍ୟରେ ଏକ ପୁରାତନ ପୂଜା ସମିତି ଭାବେ ଦୁର୍ଗା ଶଙ୍କର ପୂଜା ସମିତି ବେଶ ଜଣାଶୁଣା। ଏହି ସମିତି ଚଳିତ ବର୍ଷ ତା’ର ୮୬ବର୍ଷ ପୂଜା ପାଳନ କରୁଛି। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ମଧ୍ୟ ଚାଲିଛି। ଦୀର୍ଘ ୨୮ ବର୍ଷ ହେବ ଏହି ସମିତିର ସଭାପତି ଦାୟିତ୍ୱ ତୁଲାଇ ଆସୁଥିବା ସୁନୀଲ କୁମାର ସାହୁ କୁହନ୍ତି, ଚଳିତ ବର୍ଷ ମା’ଙ୍କ ଆଗମନରେ ଆମେ ଅଧିକ ଉତ୍ସାହିତ ଅଛୁ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଧୂମଧାମରେ ଆମ ପୂଜା ସମିତି ତାର ବିଶେଷ ପୂଜାନୀତି ଆରମ୍ଭ କରିବାକୁ ଯାଉଛି। ଭାଦ୍ରବ ମାସର ଜନ୍ମାଷ୍ଟମୀ ପରଦିନ ମା’ଙ୍କ ମୃଣ୍ମୟୀ ବିଗ୍ରହ ପାଇଁ ମାଟି ଅଣାଯାଇ ପୂଜା ହୋଇଥାଏ। ଏହା ପର ଠାରୁ ବିଗ୍ରହ ଗଠନ ଆରମ୍ଭ ହୋଇଥାଏ। ମାସ ସାରା କଲିକତାରୁ ଆସିଥିବା କାରିଗରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ ଚାଲିଥିବା ବେଳେ ମହାଳୟା ଅମାବାସ୍ୟା ବା ଖଡିଲାଗି ଅମାବାସ୍ୟା ଦିନ ମା’ଙ୍କ ଦେହରେ ପ୍ରଥମ ଖଡ଼ି ରଙ୍ଗ ଲାଗି ହୋଇଥାଏ। ଏହା ପରଠାରୁ ରଙ୍ଗ କାମ ସରିବା ପରେ ମା’ଙ୍କ ସମସ୍ତ କର୍ମ ଯଥା ଷଷ୍ଠୀ ପୂଜା, ବିଲ୍ୱବରଣ ନୀତି ଅନୁଷ୍ଠିତ ହୋଇଥାଏ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ୫ ଦିନ ଧରି ମା’ଙ୍କ ବିଶ୍ୱ ଶାନ୍ତି ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହେବ। ଏଥିରେ ସମ୍ପୂର୍ଣ୍ଣ ଚଣ୍ଡୀ ପାଠ ସହ ମା’ଙ୍କ ଆହୁତି କାର୍ଯ୍ୟକ୍ରମ ମଧ୍ୟ ରହିଛି। ଲୋକଙ୍କ ବିଶ୍ୱାସ ରହିଛି ଯେ, ଏହି ସମୟରେ ଯଜ୍ଞରେ ବସିଲେ ଓ ମା’ଙ୍କୁ ଦୁଃଖ ଜଣାଇଲେ ମା’ ଦୁଃଖ ହରଣ କରିଥାନ୍ତି। ସେହିପରି ଯେଉଁ ଭକ୍ତ ସମୁଦାୟ ମା’ଙ୍କ ନବରାତ୍ର ପୂଜା ବ୍ରତ କରିଥାନ୍ତି, ଛୋଟ ଛୋଟ ବାଳିକାମାନଙ୍କ ମଧ୍ୟରେ ମା’ଙ୍କ ସ୍ୱରୂପକୁ ଉପଲବ୍ଧି କରି ସେମାନଙ୍କୁ ପୂଜା କରାଯାଇଥାଏ। ପୂଜା ମଣ୍ଡପରେ ପ୍ରତ୍ୟକ ଦିନ ୨ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଏ। ଏଥିସହ ମୁଖ୍ୟ ଆକର୍ଷଣ ଦଶମୀର ଦହି ପଖାଳ। ବିଭିନ୍ନ ପ୍ରକାର ଶୁଦ୍ଧ ସାକାହାରୀ ବ୍ୟଞ୍ଜନ ସହ ଏହି ଦହି ପଖାଳ ଲୋକଙ୍କ ମନ କିଣି ନେଇଥାଏ।

୧୯୩୬ରୁ ଏହି ପୂଜା ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ମଧ୍ୟ ଲୋକଙ୍କ ଆଗ୍ରହ ଓ ସହଯୋଗ ଯୋଗୁ ପୂଜା ଆଗକୁ ଯିବ ବୋଲି ସଭାପତି ସୁନୀଲ କୁମାର ସାହୁ ଜଣାଇଛନ୍ତି। ସେହିପରି ହେମସୁରପଡାଠାରେ ରାବଣ ପୋଡି ମୁଖ୍ୟ ଆକର୍ଷଣ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି । ଅମଲାପଡା ଠାରେ ଚଳିତ ବର୍ଷ କେଦାରନାଥ ମନ୍ଦିର ତୋରଣ ବିଶେଷ ଆକ୍ରଷଣ ହେବ ।





## ୬୮ତମ ଅନ୍ତର୍ଜାତୀୟ ବଧିର ସପ୍ତାହ ପାଳିତ

ଅନୁଗୋଳ ୨୮।୯ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ବଧିର ସଂଘ ତରଫରୁ ଅନ୍ତର୍ଜାତୀୟ ବଧିର ସପ୍ତାହ ରବିବାର ପାଳିତ ହୋଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମୂକ ଓ ବଧିର ଭାଇ ଭଉଣୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ସ୍ୱେଚ୍ଛାସେବୀ ପ୍ରତାପ ମହାପାତ୍ର, ଦୁର୍ଗା ହୋଟେଲ ମ୍ୟାନେଜର ସୁନିଲ କୁମାର ସାହୁ ଓ ଓଡିଶା ବଧିର ସଂଘର ଉପାଧ୍ୟକ୍ଷ ମନୋରଞ୍ଜନ ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନୁଗୁଳ ଜିଲ୍ଲା ବଧିର ସଂଘର ସଭାପତି ପର୍ଶୁରାମ ଦାଶ, ସମ୍ପାଦକ ବିଶ୍ୱଜିତ ହୋତା ଓ ଉପ ସଭାପତି ସନ୍ତୋଷ ବେହେରା, ସାଂକେତିକ ଭାଷା ଉପସ୍ଥାପକ ସମୀର କୁମାର ନାୟକ ଓ ବଧିର ସଂଘ ସଦସ୍ୟ ଇତିଶ୍ରୀ ଗଡ଼ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ବଧିରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ବଡ଼ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା ଅଭିଯୋଗ

ବଇଣ୍ଡା, ୨୮।୯ (ପରିକ୍ଷୀତ ସାହୁ)

ଅନୁଗୋଳ ଜିଲା କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମରେ ରବିବାର ସନ୍ଧ୍ୟାରେ ବଡ଼ଭାଇ କଛି ପ୍ରଧାନଙ୍କୁ ସାନ ଭାଇ ହଜାରୀ ପ୍ରଧାନ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏ ନେଇ କଛିଙ୍କ ସ୍ତ୍ରୀ ଗୌରୀଙ୍କ ଅଭିଯୋଗ କ୍ରମେ କିଶୋରନଗର ପୋଲିସ କେସ୍ ନଂ. ୨୮୭/୨୫ରେ ମାମଲା ରୁଜୁ କରିଛି। ଘଟଣା ସ୍ଥଳରେ କିଶୋରନଗର ଆଇଆଇସି ବିଭୁତି ପ୍ରଧାନ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିଛନ୍ତି । ପୋଲିସ ସୂଚନା ଅନୁସାରେ, ଜେ ହଜାରୀ ଅବିବାହିତ ଥିଲେ। ତାଙ୍କ ପୈତୃକ ସମ୍ପତିକୁ ଏକା ହଡ଼ପ କରିବା ପାଇଁ ଯୋଜନା କରୁଥିବା ବେଳେ ହଜାରୀଙ୍କୁ କୌଣସି ଭାଗ ମଧ୍ୟ ଦେଉ ନ ଥିଲେ। ଏ ନେଇ ଅନେକ ସମୟରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିରହୁଥିଲା। ରବିବାର ସନ୍ଧ୍ୟାରେ ପୈତୃକ ସମ୍ପତି ଭାଗ ପାଇଁ ହଜାରୀ କଛିଙ୍କୁ କହିଥିଲେ। ହେଲେ କଛି ତାଙ୍କୁ ମନା କରିବା ସହ ଏକ ଚାପଡ଼ା ମାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ହଜାରି ଘରେ ଥିବା ଏକ ଟାଙ୍ଗିଆ ଆଣି କଛିଙ୍କୁ ହାଣିଦେଇଥିଲେ। ଘଟଣାସ୍ଥଳରେ କଛିଙ୍କର ମୃତ୍ୟୁ ଘଟିଥିଲା। ପରେ ହଜାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ପୋଲିସ କହିଛି। ତେବେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ଭାଜପା ପକ୍ଷରୁ ଶତାବ୍ଦୀ ଉଦ୍‌ଘାଟନ ଉତ୍ସବ

ବଇଣ୍ଡା,୨୮।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବରପଡ଼ିଆ ପରିସରରେ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଶତାବ୍ଦି ଉତ୍ସବ ଉଦ୍‌ଘାଟିତ ହେବା ସହ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ମାୟାଧାର ସାହୁ ଯୋଗଦେଇ ଶତାବ୍ଦି ସମ୍ପର୍କରେ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଅର୍ଜୁନ କୁମାର ସାହୁ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ଅରବିନ୍ଦ ସାହୁ, ମାନସ ସାହୁ, ଅଜିତ୍ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ଅଜିତ୍ ପ୍ରଧାନ, ଧନଞ୍ଜୟ ପ୍ରଧାନ, ହେମନ୍ତ ବିଶ୍ୱାଳ, ସଞ୍ଜୀବ ପାତ୍ରଙ୍କ ସମେତ ବହୁ ଭାଜପା କର୍ମୀ ଯୋଗଦେଇ ଶତାବ୍ଦି ଉତ୍ସବ ଉଦ୍‌ଘାଟନ କରିବା ସେ ସମ୍ପର୍କରେ ଆଲୋକପାତ କରିଥିଲେ।

## ୭୫ ବର୍ଷରେ ପାଦ ଥାପିଲା ଜରପଡା ଦୁର୍ଗାପୂଜା ମଣ୍ଡପ

ଛେଣ୍ଡିପଦା,୨୮।୯(ଅଜିତ୍ ଧଳ)

ଅନୁଗୋଳ ଜିଲାର ବିଭିନ୍ନ ପୂଜା ମଣ୍ଡପରେ ଆରମ୍ଭ ହୋଇଛି ଆଶ୍ୱିନ ଷଷ୍ଠୀ ପୂଜା । ବିଭିନ୍ନ ପୂଜା ମଣ୍ଡପରେ ଏହି ପୂଜା ପାଇଁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଛି। ଜିଲାର ବିଭିନ୍ନ ଶକ୍ତିପୀଠ ଗୁଡିକରେ ମଧ୍ୟ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଚାଲିଛି । ଶାରଦୀୟ ଦୁର୍ଗାପୂଜାକୁ ନେଇ ସାରା ଜିଲାରେ ଉତ୍ସବର ମାହୋଲ ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ଜରପଡା ଦୁର୍ଗାପୂଜା କମିଟି ପକ୍ଷରୁ ମଧ୍ୟ ଜୋରଦାର ପ୍ରସ୍ତୁତି ଆରମ୍ଭ କରାଯାଇଛି । ଜରପଡାରେ ଦୁର୍ଗାପୂଜା କମିଟି ପକ୍ଷରୁ ୧୯୫୦ ମସିହାରୁ ଜରପଡା ହାଟପଦା ଠାରେ ଥିବା ମଣ୍ଡପରେ ପୂଜା ପାଇ ଆସୁଛନ୍ତି । ସେଠାରେ ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ବାଳକୃଷ୍ଣ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଚଳିତ ବର୍ଷ ମଣ୍ଡପ ୭୪ ବର୍ଷ ପୂର୍ତ୍ତି କରି ୭୫ ବର୍ଷରେ ପାଦ ଥାପିଛି। ଦୁର୍ଗାପୂଜା କମିଟି ସଭାପତି ତ୍ରିନାଥଶ୍ୱେର ପ୍ରଧାନ ଓ ଜରପଡା ଗ୍ରାମ୍ୟ କମିଟି ସଭାପତି ବିନୋଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଜେଇ ହୋଇ ସାରିଲାଣି ସୁଉଚ୍ଚ ତୋରଣ ଓ ଆଖି ଝଲସିଲା ପରି ମେଢ । ମଣ୍ଡପରେ ପୂଜକ ପଣ୍ଡିତ ରାଧା ସଭାପତି ତ୍ରିନାଥଶ୍ୱେର ପ୍ରଧାନ ଓ ଜରପଡା ଗ୍ରାମ୍ୟ କମିଟି ସଭାପତି ବିନୋଦ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଜେଇ ହୋଇ ସାରିଲାଣି ସୁଉଚ୍ଚ ତୋରଣ ଓ ଆଖି ଝଲସିଲା ପରି ମେଢ । ମଣ୍ଡପରେ ପୂଜକ ପଣ୍ଡିତ ରାଧା ପଣ୍ଡାଙ୍କ ଦ୍ୱାରା ମାଙ୍କର ନୀତିକାନ୍ତି ଅନୁଯାୟୀ ଷଷ୍ଠୀ ପୂଜା ଆରମ୍ଭ ହୋଇଛି । ଷଷ୍ଠୀ ପୂଜା ପାଇଁ ଆଜି ଏକ ବିରାଟ ପାଟପଟୁଆର ଗ୍ରାମ୍ୟ ଦେବୀ ମା’ ବୁଢ଼ୀ ଠାକୁରାଣୀଙ୍କ ସାଙ୍ଗରେ ନେଇ ଗାଁ ନିକଟରେ ବାହୀ ଯାଉଥିବା ବାଉରୀ ନାଳ ନିକଟରେ ପୂଜା ଅର୍ଚ୍ଚନା କରିବା ପରେ କଳସ ପୂର୍ଣ୍ଣ କରି ନାମ ସଂକୀର୍ତ୍ତନ କରି ଜରପଡା ଗ୍ରାମ ପରୀକର୍ମା କରିବା ପରେ ମଣ୍ଡପ ନିକରେ ପହଁଚିଥିଲେ । ଏହା ପରେ ବେଲଗଛ ମୂଳେ ଷଷ୍ଠୀ ପୂଜା କରାଯାଇଥିଲା । ବିଳମ୍ବିତ ରାତିରେ ପୂଜା ଅର୍ଚ୍ଚନା କରାଯାଇ ମା’ଙ୍କୁ ମଣ୍ଡପକୁ ଆବାହନ କରାଯିବ ।ଏହି ମଣ୍ଡପରେ ଯଜ୍ଞ କର୍ତ୍ତା ଭାବେ ଗ୍ରାମର ରସାନନ୍ଦ ସାହୁ, ସହ ଧର୍ମଣୀ ରେବତୀ ସାହୁ ଯଜ୍ଞ ମଣ୍ଡପରେ ମାଙ୍କର ପୂଜା ସୁଚାରୁ ରୂପେ ସମ୍ପାଦନ କରିବେ । ଚଳିତ ବର୍ଷ ଏତିହାସିକ ମଣ୍ଡପ ଭାବେ ସରକାର ଜରପଡା ପୂଜା ମଣ୍ଡପକୁ ସରକାରୀ ସହାୟତା ଯୋଗାଇ ଦେଇଥିବାରୁ କମିଟି ପକ୍ଷରୁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି ।

# କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରରେ ମାତୃ କର୍ମଶାଳା



ତାଳଚେର, ୨୮।୯ (ମନୋଜ ନନ୍ଦ)

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିଶୁବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ଦୁର୍ଯ୍ୟୋଧନ ସାହୁ ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ତପନ କୁମାର ସାହୁ, କୋଷାଧ୍ୟକ୍ଷ ପଞ୍ଚାନନ ବେହେରା ଓ ମୁଖ୍ୟବକ୍ତା ଭାବରେ ଆଚାର୍ଯ୍ୟ ନିର୍ମଳ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଦେହୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ପ୍ରଧାନ ଶିଶୁର ଶାରିରୀକ,ବୌଦ୍ଧିକ ଓ ଶୈକ୍ଷିକ ବିକାଶରେ ମା’ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୯୬ଜଣ ମା’ ଉପସ୍ଥିତ ଥିଲେ । ଏହାସହିତ ମା’ମାନଙ୍କୁ ଶାରିରୀକ, ପ୍ରାଣିକ ବିକାଶ, ମାନସିକ ବିକାଶ, ଅଙ୍କ ଜ୍ଞାନ, ସଂଖ୍ୟା ଓ ଅକ୍ଷର ପରିଚୟ ଆଦି ତାଲିମ ଦିଆଯାଇଥିଲା । ଶିଶୁ ବାଟିକା ପ୍ରମୁଖ ଆଚାର୍ଯ୍ୟା ଅର୍ଚ୍ଚନା ସାହୁ ଓ ସରସ୍ୱତୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଆଚାର୍ଯ୍ୟା ରୀତା ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ । କଳ୍ପନା ସାହୁ, ବସନ୍ତ ମହାନ୍ତି, କୁମୁଦ ସାହୁ, ରାଗିଣୀ ସ୍ୱାଇଁ, ରଞ୍ଜୁବାଳା ସାହୁ, ସବିତା ସାହୁ,ସଞ୍ଜୟ ବାରିକ,ହିଂମାଂଶୁ ଦାସ, ଶରତ କୁମାର ଦାସ, ବୈଜୟନ୍ତୀ ସାହୁ, ପୁଷ୍ପାରାଣୀ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଇତିହାସ ଓ ସାହିତ୍ୟ ପରସ୍ପର ନିର୍ଭରଶୀଳ

ବଇଣ୍ଡା,୨୮।୯(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ବିଭିନ୍ନ ବିଭାଗ ତରଫରୁ ଆୟୋଜିତ ସେମିନାର କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଇତିହାସ ବିଭାଗ ତରଫରୁ ଆୟୋଜିତ ସେମିନାରରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସେମିନାର କାର୍ଯ୍ୟକ୍ରମକୁ ପ୍ରଥମ ଦିବସରେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲାବେଳେ ଡ.ସଞ୍ଜୟ କୁମାର ପଣ୍ଡା ଅତିଥି ରୂପେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ବିଶେଷଜ୍ଞ ସଦସ୍ୟ ଭାବେ ଭୈରବୀ ମହାବିଦ୍ୟାଳୟ ଅଧ୍ୟାପକ ଲଳିତ କୁମାର ମେହେର, ଅତିଥି ରୂପେ ପୁଷ୍ପାଞ୍ଜଳି ସାମନ୍ତରାୟ, ଅଧ୍ୟାପକ ନିରଞ୍ଜନ ଦାଶ, ବୈନତେୟ ସାହୁ ଓ ଅଧ୍ୟାପିକା ରୋଜାଲିନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଡ. ସଞ୍ଜୟ ତାଙ୍କ ବକ୍ତବ୍ୟରେ କହିଥିଲେ, ଇତିହାସ ଏବଂ ସାହିତ୍ୟ ଜ୍ଞାନର ୨ଟି ପୃଥକ ବିଷୟ। ଗୋଟିଏ ତଥ୍ୟ ଭିତ୍ତିକ ହୋଇଥିବାବେଳେ ଅନ୍ୟଟି କାଳ୍ପନିକ। ଉଭୟଙ୍କ ସୀମା ପରସ୍ପର ନିର୍ଭରଶୀଳ ହୋଇଥିବା ଅତିଥିମାନେ ମତ ପ୍ରକାଶ କରିଥିଲେ। ରୋଜାଲିନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ବିପଦସଙ୍କୁଳ ଅବସ୍ଥାରେ ମେଡିକାଲ ଗୃହ, କ୍ୱାର୍ଟସ

## ଜିଲାପାଳଙ୍କ ଠାରେ ଅଭିଯୋଗ କଲେ ଗ୍ରାମବାସୀ

ବଇଣ୍ଡା,୨୮।୯(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲ ଗୃହ ଓ କ୍ୱାର୍ଟର୍ସରେ ବର୍ଷା ହେଲେ ପାଣି ଗଳୁଛି। ଫଳରେ ରୋଗୀ ଓ କର୍ମଚାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୂତନ ମେଡିକାଲ ଗୃହ ନିର୍ମାଣ ହେଉ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏନେଇ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଫଳରେ ଶନିବାର ବଇଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ଅଞ୍ଚଳବାସୀ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ବହୁ ବର୍ଷ ହେବ ବଇଣ୍ଡାରେ ହୋଇଥିବା ମେଡିକାଲ ବର୍ତ୍ତମାନ ସାମାନ୍ୟ ବର୍ଷା ହେଲେ ଅନେକ କୋଠରୀରେ ପାଣି ଗଳୁଛି। ଫଳରେ ବର୍ଷା ଦିନେ ରୋଗୀ ଓ କର୍ମଚାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କ୍ୱାର୍ଟର୍ସ ଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ଥିବାବେଳେ ଡାକ୍ତର କ୍ୱାର୍ଟର୍ସଟି ଦୀର୍ଘ ବର୍ଷ ହେବ ଭାଙ୍ଗି ଯାଇଥିବାରୁ ଡାକ୍ତର ସ୍ଥାୟୀ ଭାବେ ରହୁ ନାହାନ୍ତି । କିଛିଦିନ ପୂର୍ବେ ବଇଣ୍ଡାରେ ନିଯୁକ୍ତି ପାଇଥିବା ଡାକ୍ତର କ୍ୱାର୍ଟର୍ସ ନ ଥିବା ଯୋଗୁ ଅନୁଗୋଳରେ ରହୁଛନ୍ତି। ଫଳରେ ରୋଗୀ ଠିକ୍ ଭାବେ ସେବା ପାଇପାରୁ ନାହାନ୍ତି। ମେଡିକାଲର କିଛି କର୍ମଚାରୀ ମେଡିକାଲ ବାହାରେ ଭଡାରେ ରହୁଥିବା ଯୋଗୁ ଠିକ୍ ସମୟରେ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କେତେକ କ୍ୱାର୍ଟର୍ସରେ ଛାତରୁ ପାଣି ଗଳୁଥିବାରୁ ବିପଦ ସଙ୍କୁଳ ଭାବେ କର୍ମଚାରୀ ରହୁଛନ୍ତି । ପୂର୍ବ ସରକାରଙ୍କ ଅମଳରେ ନୂତନ ମେଡିକାଲ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ନିର୍ମାଣ ହୋଇପାରୁ ନାହିଁ । ଫଳରେ ମେଡିକାଲ ଉପରେ ନିର୍ଭର କରୁଥିବା ଗ୍ରାମବାସୀ ସେବା ମିଳୁ ନଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି।

# କୋଲକାତା ପୂଜକଙ୍କ ଦ୍ୱାରା ପୂଜା ପାଇବେ ‘ମା ଦଶଭୁଜା’

## ଶିମିଳିପଡ଼ାରେ ୪୬ ବର୍ଷ ଦୁର୍ଗାପୂଜା

ଅନୁଗୋଳ, ୨୮।୯ (ମାନସ ବିଶ୍ୱାଳ): ମା’ଙ୍କ ଆଗମନକୁ ନେଇ ସାରା ସହର ଉତ୍ସବମୁଖର। ଶନିବାର ବେଲବରଣ ସହ ରବିବାର ଷଷ୍ଠୀ ପୂଜା ଆରମ୍ଭ ହୋଇଛି। ମଣ୍ଡପଗୁଡ଼ିକରେ ସାଜସଜା ଶେଷ ହୋଇଛି। ଧରାପୃଷ୍ଠରେ ବିରାଜିବେ ମା’ ଦଶଭୁଜା। ମା’ଙ୍କ ଦିବ୍ୟ ଦର୍ଶନ ପାଇଁ ଭକ୍ତମାନେ ଅପେକ୍ଷା କରିଥିବାବେଳେ ପୂଜା ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ସହରର ମୋଟ ୧୫ରୁ ଅଧିକ ମେଢ ପ୍ରସ୍ତୁତ ହୋଇଛି। ଶିମିଳିପଡ଼ାରେ ୪୬ବର୍ଷ ଦୁର୍ଗାପୂଜା ପାଳିତ ହେଉଛି। ପୂଜାରେ ୭ ଲକ୍ଷ ବଜେଟ ରଖାଯାଇଛି। କୋଲକାତାର ପୂଜକଙ୍କ ଦ୍ୱାରା ପୂଜା ପାଇବେ “ମା’ ଜଗତ ଜନନୀ”। ଏହି ମଣ୍ଡପରେ ବଙ୍ଗୀୟ ପଦ୍ଧତିରେ ମା’ଙ୍କ ପୂଜାର୍ଚ୍ଚନା ହେଉଥିବାରୁ ଏହାର ସ୍ୱତନ୍ତ୍ରତା ରହିଛି। ବିଭିନ୍ନ ପୂଜା ମଣ୍ଡପରେ ରୀତିନୀତି ଅନୁଯାୟୀ ମା’ଙ୍କ ଉପାସନା କରାଯାଉଥିବା ବେଳେ ଶିମିଳିପଡ଼ାରେ ନିଆରା ପରମ୍ପରା ରହିଛି। ଚଳିତ ବର୍ଷ ଉକ୍ତ ମଣ୍ଡପରେ ୪୬ତମ ଦୁର୍ଗାପୂଜା ଅନୁଷ୍ଠିତ ହେବାକୁ ଯାଉଛି। ପୂଜା ମଣ୍ଡପର କାର୍ଯ୍ୟକର୍ତ୍ତାମାନେ ପୂଜା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଚଳିତ ବର୍ଷ ମା’ଙ୍କ ପୂଜା ପାଇଁ ୭ ଲକ୍ଷ ଟଙ୍କାର ବଜେଟ ରହିଛି। କୋଲକାତାରୁ କାରିଗରମାନେ ଆସି ମା’ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଛନ୍ତି। ପୂଜା ପାଇଁ ଆଠମଲ୍ଲିକରୁ ସ୍ୱତନ୍ତ୍ର ବାଜା ଅଣାଯିବାର ସୂଚନା ରହିଛି। ମା’ଙ୍କ ଭସାଣିରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ ଦିଆଯିବା ସହିତ ରାଣୀଗୋଡ଼ା ପୋଖରୀରେ ବିସର୍ଜନ ଶେଷ ହେବ। ପ୍ରତିଦିନ ୨ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ରହିଥିବାବେଳେ ସନ୍ଧ୍ୟାରେ ଆରିସା, କାକରା, ହାଲୁଆ ଆଦି ପ୍ରସାଦ ବଣ୍ଟନ ବ୍ୟବସ୍ଥା ରହିଛି ।



ପୂଜା କମିଟି ମୁଖ୍ୟ ଉପଦେଷ୍ଟା ସରୋଜ କୁମାର ସାମଲ କହନ୍ତି , ଚଳିତ ବର୍ଷ ଶିମିଳିପଡ଼ାରେ ୪୬ତମ ଦୁର୍ଗାପୂଜା ପାଳିତ ହେବାକୁ ନେଇ ସମସ୍ତେ ଆନନ୍ଦିତ। ମା’ଙ୍କ ଆଗମନକୁ ଶ୍ରଦ୍ଧାଳୁମାନେ ଉତ୍କଣ୍ଠାର ସହିତ ଅପେକ୍ଷା କରିଛନ୍ତି। ତେବେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଧୁମଧାମରେ ଶାରଦୀୟ ଦଶହରା ପାଳିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା କମିଟି ସଭାପତି ଦେବାଶିଷ ମହାନ୍ତି କହନ୍ତି , ଅନୁଗୋଳ ସହରର ଏହା ଏକ ପୁରାତନ ପୂଜା ମଣ୍ଡପ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମ ପୂଜା କମିଟି ପକ୍ଷରୁ ମହାଆଡ଼ମ୍ବରରେ ମା’ ଦୁର୍ଗାଙ୍କ ଆରାଧନା କରାଯିବ। ହଜାର ହଜାର ସଂଖ୍ୟକ ସ୍ଥାନୀୟ ଅଞ୍ଚଳବାସୀ ମା’ଙ୍କ ପୂଜାରେ ଯୋଗଦେଉଥିବା ବେଳେ ସେମାନଙ୍କ ପାଇଁ ପ୍ରସାଦ ସେବନର ସହିତ ଆରିସା, କାକରା ପ୍ରସ୍ତୁତ ହେବାର ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଶିଶୁମାନଙ୍କ କଳା ପ୍ରତିଭା ଲୋକଙ୍କ ସମ୍ମୁଖକୁ ଆଣିବା ପାଇଁ ଗୁରୁତ୍ୱ ଦିଆଯାଉଛି। ପୂଜା ଭସାଣିରେ ପାରମ୍ପରିକ ବାଦ୍ୟ, ନୃତ୍ୟକୁ ଗୁରୁତ୍ୱ ଦିଆଯିବା ସହ ସ୍ଥାନୀୟ ଭକ୍ତମାନେ ଦାଣ୍ଡିଆ ନୃତ୍ୟକୁ ସାମିଲ କରାଯାଇଥିବା ପ୍ରକାଶ କରିଛନ୍ତି ।

# ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ତ୍ରୈବାର୍ଷିକ ସମାରୋହ

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ଦ୍ୱାଦଶ ତ୍ରୈବାର୍ଷିକ ମଣ୍ଡଳ ସାଧାରଣ ପରିଷଦ ସଭା, ଅଷ୍ଟମ ତ୍ରୈବାର୍ଷିକ ସାଧାରଣ ପରିଷଦ ସଭା, ବ୍ୟାଙ୍କ କର୍ମଚାରୀ ଜାତୀୟ ରାଜ୍ୟ ସଂଘ ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସଂଘ ସମବାୟ ସମିତି(ଓଡ଼ିଶା)ର ୫୮ତମ ବାର୍ଷିକ ସମାରେହ ପାଳିତ ହୋଇଯାଇଛି। କଟକ ଜବାହାର ଇନଡୋର ଷ୍ଟାଡିୟମରେ ଆୟୋଜିତ ଏହି ସଭାରେ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ତଥା ସମବାୟ ସମିତିର ସଭାପତି ଡା. ଚିତ୍ତରଞ୍ଜନ ପଣ୍ଡା ଓ ସଂଘର ସଭାପତି ଡା. ତପନ କୁମାର ପାଲ ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଅକେଲା ଦିନାକର ରତନ ତେଜା, ମହାପ୍ରବନ୍ଧକ ନେଟୱାର୍କ ୧ ବନ୍ଦନା ଅଗ୍ରୱାଲ, ମହାପ୍ରବନ୍ଧକ ନେଟୱାର୍କ ୨ କୌଶଲ ସିଂ, ସର୍ବଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ମହାସଂଘର ସଭାପତି ପଙ୍କଜ କୌଶିକ, ସାଧାରଣ ସମ୍ପାଦକ ଏଲ୍ ଚନ୍ଦ୍ରଶେଖରଙ୍କ ସହିତ ମଣ୍ଡଳର ସଭାପତି ଓ ସମ୍ପାଦକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ମୁଖ୍ୟ ସମ୍ପାଦକ ଗଙ୍ଗା ପ୍ରସାଦ ପଟ୍ଟନାୟକ ସମିତିର ପୁଞ୍ଜି ବିନିଯୋଗ, ଏହାର ଉନ୍ନତି ଓ ବାର୍ଷିକ ଲେଖା ବିବରଣୀ ବିଷୟରେ ଅବଗତ କରାଇଥିଲେ। କର୍ମଚାରୀ ସଂଘର ଉପସଭାପତି ନିର୍ମଳ କୁମାର ପଣ୍ଡା, ପରମାନନ୍ଦ ଦେ, ଉପ ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ତରାଇ, ତୁଷାର ଦାସ, ଭୋଲାନାଥ ମେହେର, ଭାସ୍କର ପ୍ରଧାନ, ସମିତିର କୋଷାଧ୍ୟକ୍ଷ ସରୋଜ କୁମାର ଦାସ, ସହ ସମ୍ପାଦକ ଲୋକନାଥ ଛାଟୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆରବିଆଇ ରେପୋରେଟ୍ କମାଇବା ଆଶା

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)




ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏବେ ୨୫ ବେସିସ ପଏଣ୍ଟ (ବିପିଏସ୍) ରେପୋ ରେଟ କମାଇଲେ ଘରୋଇ ଚାହିଦା ଓ ନିବେଶକୁ ଉତ୍ସାହିତ କରିପାରିବ। ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ)ର ଏକ ରିସର୍ଚ୍ଚ ରିପୋର୍ଟ ଅନୁସାରେ, କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ୪% ଲକ୍ଷ୍ୟରୁ କମ୍ ରହିଛି ଓ ଆଗାମୀ ବର୍ଷ ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରହିବ ବୋଲି ଆଶା କରାଯାଉଛି। ଜିଏସଟି ସଂସ୍କାର ଦରଦାମ ବୃଦ୍ଧିକୁ ଆହୁରି କମାଇବ। ଆରବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ନେତୃତ୍ୱରେ ମନିଟାରୀ ପଲିସି କମିଟି (ଏମପିସି)ର ତିନିଦିନିଆ ବୈଠକ ସୋମବାରଠାରୁ ଆରମ୍ଭ ହେବ। ବିଶ୍ୱ ଭୂ-ରାଜନୈତିକ ସଙ୍କଟ ଓ ଆମେରିକାର ଭାରତୀୟ ଶିପମେଣ୍ଟରେ ୫୦% ଟାରିଫ ନିଷ୍ପତ୍ତି ପରେ ସୁଧ ଦର ଉପରେ ଚର୍ଚ୍ଚା ହେବ। ନିଷ୍ପତ୍ତି ଅକ୍ଟୋବର ୧ରେ ଘୋଷଣା ହେବ। ଫେବ୍ରୁଆରୀରୁ ଆରବିଆଇ ତିନି ପର୍ଯ୍ୟାୟରେ ୧୦୦ ବିପିଏସ୍ କମାଇଥିଲେ ମଧ୍ୟ ବୈଶ୍ୱିକ ପରିସ୍ଥିତିର ପ୍ରଭାବ ଦେଖିବାକୁ ଅଗଷ୍ଟରେ ସୁଧ ହାର ଅପରିବର୍ତ୍ତିତ ରଖିଥିଲା। ସେପ୍ଟେମ୍ବର ୨୨ରୁ ଜିଏସଟି ୫% ଓ ୧୮% ହାରରେ ସୀମିତ ରଖାଯାଇଛି ଯାହା ୯୯% ନିତ୍ୟବ୍ୟବହାର୍ଯ୍ୟ ଜିନିଷକୁ ଶସ୍ତା କରିଛି। ଏହା ଦରଦାମ ବୃଦ୍ଧି କମାଇବ ବୋଲି ଆଶା କରାଯାଉଛି। ଏସବିଆଇ ଓ କ୍ରିସିଲ ହ୍ରାସ ଚାହୁଁଥିବାବେଳେ ଅକ୍ଟୋବର ୧ରେ ପ୍ରକାଶ ପାଇବାକୁ ଥିବା ନିଷ୍ପତ୍ତି ଉପରେ ସମସ୍ତଙ୍କର ନଜର ରହିଛି।। ନିବେଶକ ଓ ବଜାର ଏହି ନିଷ୍ପତ୍ତି ଅପେକ୍ଷାରେ ରହିଛନ୍ତି। ରେପୋ ରେଟ କମିଲେ ହୋମ, କାର୍ ଓ ବ୍ୟବସାୟ ଲୋନର ଇଏମଆଇ ଶସ୍ତା ହୋଇପାରେ।

# ୨ ସପ୍ତାହରେ ୯.୪୨ କୋଟି ଆୟ କଲା ହୀର୍ ଏକ୍ସପ୍ରେସ

ଭୁବନେଶ୍ୱର, ୨୮।୯




ବଲିଉଡର ନୂଆ ତାରକା ଦିଭିତା ଜୁନେଜାଙ୍କ ପ୍ରଥମ ଚଳଚ୍ଚିତ୍ର 'ହୀର ଏକ୍ସପ୍ରେସ' ବକ୍ସ ଅଫିସରେ ସଫଳତା ପାଇଛି। ୨ ସପ୍ତାହରେ ଏହା ୯.୪୨ କୋଟି ଟଙ୍କା ଆୟ କରିଛି। ପ୍ରତିଦିନ ହଜାର ହଜାର ଟିକେଟ ବିକ୍ରି ହେଉଛି। ପରିବାର ଏକାଠି ଏହି ପାରିବାରିକ ଚଳଚ୍ଚିତ୍ରକୁ ଉପଭୋଗ କରୁଛନ୍ତି। ତନିଷ୍କ ବାଗ୍‌ଚୀଙ୍କ ସଙ୍ଗୀତ ଓ ଗୀତ ଦର୍ଶକଙ୍କ ମନ ଜିତିଛି। ଦିଭିତାଙ୍କ ଅଭିନୟ କ୍ରିଟିକ୍ସଙ୍କ ପ୍ରଶଂସା ପାଇଛି। ନିକଟରେ ଚଣ୍ଡିଗଡ଼ସ୍ଥିତ ଏକ ଥିଏଟର ପରିଦର୍ଶନ ବେଳେ ଦର୍ଶକମାନଙ୍କ ମଧ୍ୟରେ ଖୁବ୍ ଉତ୍ସାହ ଦେଖିବାକୁ ମିଳିଥିଲା।

# କନ୍ୟାଦିବସ ପାଳିଲା ରୂପମନ୍ତ୍ରା



ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଡିଭିସା ହର୍ବାଲସ ପ୍ରାଇଭେଟ ଲିମିଟେଡର 'ରୂପ ମନ୍ତ୍ରା' ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଝିଅମାନଙ୍କ ବିଷୟରେ ନିଜର ମତ ଓ ଚିନ୍ତାଧାରା ବାଣ୍ଟିଥିଲେ। ଏହି ଅବସରରେ 'ବ୍ରାଣ୍ଡ ମେସିନ' ନାମରେ ଜଣାଶୁଣା ଉଦ୍ୟୋଗୀ ତଥା ନିବେଶକ ଡ଼. ସଞ୍ଜୀବ ଜୁନେଜା କହିଲେ, ଝିଅମାନେ ଈଶ୍ୱରଙ୍କ ପ୍ରଦତ୍ତ ଏକ ମୂଲ୍ୟବାନ ଉପହାର। ସେମାନେ ଘରକୁ ଖୁସି ଓ ପ୍ରେମରେ ଭରି ଦିଅନ୍ତି। ତୁମେ ତୁମ ଝିଅକୁ କେତେ ଭଲ ପାଉଛ ତାହା ତାକୁ ଜଣାଇବା ଜରୁରୀ, ସେ ବଡ଼ ହୋଇ ଦୂରରେ ଥିଲେ ମଧ୍ୟ ସେ ତୁମର ରାଜକୁମାରୀ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ମହିଳାଙ୍କୁ ସମ୍ବୋଧିତ କରି ଡ଼. ଜୁନେଜା କହିଥିଲେ, ଝିଅମାନଙ୍କ ପାଇଁ ଆତ୍ମବିଶ୍ୱାସ ବହୁତ ଜରୁରୀ। ଏହା ସେମାନେ ପରିବାରର ଭଲପାଇବା ଓ ଭରସାରୁ ପାଆନ୍ତି। ଝିଅମାନେ ଘରକୁ ଦୀପ ପରି ଆଲୋକିତ କରନ୍ତି। ତୁମ ଝିଅକୁ ହସାଇ ତା ପାଇଁ ଗର୍ବ ଅନୁଭବ କର।

# ଅନୁଗୋଳରେ ଅରୁନ୍ଧତୀ ଜୁଏଲର୍ସର ୧୦ମ ଶାଖା




ଅନୁଗୋଳ, ୨୮।୯(ମାନସ ବିଶ୍ୱାଳ)


ଓଡ଼ିଶାର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଏହାର ୧୦ମ ଶାଖା ଅନୁଗୋଳ ସହର ଶଙ୍କର ସିନେମା ହଲ୍ ରୋଡ ନିକଟରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବଲିଉଡ ଅଭିନେତ୍ରୀ ମହିମା ଚୌଧୁରୀ ଓ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ୭୫୦୦ ବର୍ଗଫୁଟ ପରିମିତ ବିଶାଳ ଶୋ'ରୁମ୍‌ର ଶୁଭାରମ୍ଭ କରାଯାଇଥିଲା। ପାର୍ବଣ ଋତୁରେ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅନୁଗୋଳବାସୀଙ୍କୁ ଏହି ଅତ୍ୟାଧୁନିକ ଶୋ'ରୁମ୍‌କୁ ଉତ୍ସର୍ଗୀକୃତ କରାଯାଇଥିଲା। ଦେଶବିଦେଶରୁ ପ୍ରସ୍ତୁତ ୧୦ ହଜାରରୁ ଊର୍ଦ୍ଧ୍ୱ ଗହଣା ଡିଜାଇନ ଶୁଦ୍ଧତାଯୁକ୍ତ ସୁନାଗହଣା, ରୁପାଗହଣାର ତାରକସି କାରୁକାର୍ଯ୍ୟ, ହୀରାଗହଣାର ଭିନ୍ନ ଭିନ୍ନ କଲେକ୍ସନ ଏବଂ ପ୍ରିମିୟମ, ସମ୍ବଲପୁରୀ ସିଲ୍କ ଶାଢ଼ିରେ ସଜ୍ଜିତ ଏହି ଶୋ'ରୁମ୍ ଉପସ୍ଥିତ ଗ୍ରାହକଙ୍କ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ସମସ୍ତଙ୍କୁ ସମ୍ବୋଧିତ କରିବା ସହ ଅନୁଗୋଳବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁନ୍ଧତୀର ୨୫ବର୍ଷ ପୂର୍ତ୍ତି ଅବସରରେ ଅନୁଗୋଳ ସହରରେ ଅରୁନ୍ଧତୀର ଦଶମ ଶାଖା ନିମନ୍ତେ ଅନୁଗୋଳ ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ନୂତନ ଶୋ'ରୁମ୍‌ର ଶୁଭାରମ୍ଭ ଏବଂ ଆଗକୁ ଆସୁଥିବା ପାର୍ବଣ ଋତୁ ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ମେଗା ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ରହିଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିହାତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି।

# ଫୋନପେ'ର ଫାୟାରକ୍ରାକର ଇନ୍‌ସ୍ୟୁରାନ୍ସ

ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ପାର୍ବଣରେ ବାଣ ଯୋଗୁ ହେଉଥିବା ଦୁର୍ଘଟଣାରୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇବା ପାଇଁ ଫୋନପେ' ପୁଣି ଥରେ ନିଜର ଫାୟାରକ୍ରାକର ଇନ୍‌ସ୍ୟୁରାନ୍ସ କଭରେଜକୁ ଶୁଭାରମ୍ଭ କରିଛି। ଏହି ସୁଲଭ ପ୍ଲାନ କେବଳ ଟ.୧୧ (ଜିଏସ୍‌ଟି ସହିତ)ରେ ଉପଲବ୍ଧ ଅଛି ଏବଂ ଏହା ପର୍ବପର୍ବାଣି ସମୟରେ ୧୧ ଦିନ ପାଇଁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ କଭରେଜ ପ୍ରଦାନ କରିଥାଏ। ଏହା ସହିତ ସେମାନେ ଏକ ପଲିସି ଅଧୀନରେ ନିଜେ, ନିଜ ଜୀବନସାଥୀ ଏବଂ ୨ଟି ସନ୍ତାନଙ୍କୁ ମିଶାଇ ସମ୍ପୂର୍ଣ୍ଣ ପରିବାରକୁ ସୁରକ୍ଷିତ କରିପାରିବେ। ଏହି କଭରେଜ ଅକ୍ଟୋବର ୧୨ଠାରୁ ଆରମ୍ଭ ହୋଇ ୧୧ ଦିନ ପାଇଁ ବୈଧ ରହିବ।

# ମାଲାବାରର ସ୍ୱତନ୍ତ୍ର ପାର୍ବଣ ଅଫର୍




ଭୁବନେଶ୍ୱର, ୨୮।୯(ଅନୁରାଧା ମହାରଣା)

ଦଶହରା ଓ ଧନତେରାସ୍ ଅବସରରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ ପକ୍ଷରୁ ପାର୍ବଣ ଅଫର୍ ଘୋଷଣା କରାଯାଇଛି। ଏହାର ସମ୍ବଲପୁର ଷ୍ଟୋର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରୁଥିବାବେଳେ ପାର୍ବଣରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ ପାଇଁ ନିଆରା ଡିଜାଇନର ଗହଣା ଉପଲବ୍ଧ କରାଯାଇଛି। ସୁନା ଗହଣା, ଦୁର୍ଲଭ ଷ୍ଟୋନ୍ ଏବଂ ଅନକଟ୍ ଡାଇମଣ୍ଡର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ହୀରା ମୂଲ୍ୟ ଉପରେ ମଧ୍ୟ ୩୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଏହି ଅଫର୍ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୈଧ ରହିବ। ଏହି ପର୍ବରେ ଗ୍ରାହକମାନେ ସୁନ୍ଦର ଓ ମୂଲ୍ୟବାନ ଗହଣା କିଣିବାର ସୁଯୋଗ ପାଇବେ। ସେହିପରି ଧନତେରାସ ପାଇଁ ଗହଣା ବୁକ୍ କଲେ ମାଗଣା ରୁପା ମୁଦ୍ରା ମିଳିବ। ଗ୍ରାହକମାନେ ଗହଣାର ମୋଟ ଦାମର ୧୦% ଦେଇ ବୁକ୍ କରିପାରିବେ । ବୁକିଂ ଦାମ୍ କିମ୍ବା ବଜାର ଦାମ୍ ମଧ୍ୟରୁ ଯେଉଁଟି କମ୍ ହେବ ସେହି ଦାମ୍‌ରେ ଗ୍ରାହକ ବୁକ୍ କରିଥିବା ଗହଣା କିଣିପାରିବେ। ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ଧନତେରାସ ଘରେ ସୁଖ ଓ ସମୃଦ୍ଧି ଆଣେ। ଆମେ ଗ୍ରାହକଙ୍କ ପାଇଁ ଏହାକୁ ଖାସ କରିବାକୁ ଚାହୁଁଛୁ। ଆମର ଅଫର ଗ୍ରାହକଙ୍କ ପ୍ରତି କୃତଜ୍ଞତା ଦେଖାଇବାର ଏକ ଉପାୟ।

## ଅପରାଧ

# ୩ ହାତୀଦାନ୍ତ ଜବତ, ୪ ଗିରଫ

## ପୋଲିସ, ବନ ବିଭାଗର ମିଳିତ ଚଢ଼ାଉ

କେନ୍ଦୁଝର,୨୮।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ପୋଲିସ ଓ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ବେଆଇନ ହାତୀଦାନ୍ତ ଚୋରାଚାଲାଣ ର‍୍ୟାକେଟର ପର୍ଦ୍ଦାଫାଶ କରିଛି। ଘଟଣାରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ୩ଟି ହାତୀଦାନ୍ତ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଆଲିଶା ବଜାରର ବୀରକିଶୋର ବେହେରା (୫୩), ଅନୁଗୋଳ ଜିଲା ପାରାବିଲର ଅରୁଣ କୁମାର ସାହୁ (୩୫), ଭଗାମୁଣ୍ଡାର ପ୍ରଦୀପ କୁମାର ସିଂହ (୫୦) ଓ ପାଇକାସାହିର ପ୍ରତାପ ବେହେରା (୩୬)। ଏ ନେଇ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନ୍‌ରାଜ ଏଚ୍‌ଡି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ଜବତ ୩ ହାତୀଦାନ୍ତ।

ସୂଚନା ଅନୁଯାୟୀ, ୨୬ ସେପ୍ଟେମ୍ବର ରାତି ପ୍ରାୟ ୯ଟା ସମୟରେ ପୋଲିସ ଗୋଇନ୍ଦା ବିଭାଗ ସ୍ୱତନ୍ତ୍ର ସେଲର ସୂଚନା ଆଧାରରେ ବନ ବିଭାଗ ଓ ପୋଲିସର ମିଳିତ ପାଟ୍ରୋଲିଂ ଦଳ ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳକାଇପୁର ଗ୍ରାମ କ୍ରଶର ନିକଟରେ ଚଢ଼ାଉ କରିଥିଲା। ଅଧିକାରୀମାନେ ଉକ୍ତ ସ୍ଥାନରେ କେତେକ ଲୋକ ସନ୍ଦେହଜନକ କାର୍ଯ୍ୟକଳାପ କରୁଥିବା ଦେଖିଥିଲେ। ଚଢ଼ାଉ ସମୟରେ ଅନେକ ସନ୍ଦିଗ୍ଧ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ମିଳିତ ଟିମ୍ ବୀରକିଶୋର, ଅରୁଣଙ୍କୁ କାବୁକରି ସେମାନଙ୍କ ନିକଟରୁ ଏକ ଧଳା ପ୍ଲାଷ୍ଟିକ ବ୍ୟାଗରେ ଥିବା ୩ଟି ହାତୀଦାନ୍ତ(ଗୋଟିଏ ୫୧ ସେମି ଲମ୍ବା ଏବଂ ୨.୦୨୬ କିଲୋଗ୍ରାମ ଓଜନ, ଆଉ ଗୋଟେ ୨୮ ସେମି ଲମ୍ବା ଏବଂ ୦.୬୦୦ କିଲୋଗ୍ରାମ ଓଜନ, ଅନ୍ୟଟି ୨୦ ସେମି ଲମ୍ବ ଏବଂ ୦.୩୮୭ କିଲୋଗ୍ରାମ ଓଜନ)ଜବତ କରିଥିଲା। ସେମାନେ ଉଭୟ ଦାନ୍ତର ବୈଧ କାଗଜପତ୍ର ପ୍ରଦାନ କରିପାରି ନ ଥିଲେ। ଅଧିକ ପଚରାଉଚରା ପରେ, ଅରୁଣ ଦାନ୍ତଗୁଡ଼ିକ ଅନୁଗୋଳ ଭଗାମୁଣ୍ଡାର ପ୍ରଦୀପଙ୍କଠାରୁ କିଣିଥିବା କହିଥିଲେ। ଅଭିଯୁକ୍ତଙ୍କ ବୟାନ ଆଧାରରେ କେନ୍ଦୁଝର ଏସିଏଫ ଡା. ସୁଦୀପ୍ତ କୁମାର ପଣ୍ଡା, ଭୂୟାଁ ଜୁଆଙ୍ଗ ପିଢ଼(ବିଜେପି) ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ, ସଦର ଥାନା ଏସ୍‌ଆଇ ମାନସ ରଞ୍ଜନ ପଣ୍ଡା, ବିଜେପି ରେଞ୍ଜର ଫରେଷ୍ଟ ଗାର୍ଡ ଚନ୍ଦ୍ରକାନ୍ତ ମହାନ୍ତଙ୍କୁ ନେଇ ଏକ ଦଳ ଅନୁଗୋଳ ଯାଇ ସେଠାକାର ବନ କର୍ମଚାରୀଙ୍କ ସହାୟତାରେ ଶନିବାର ଭୋର୍ ସମୟରେ ପ୍ରଦୀପଙ୍କୁ ତାଙ୍କ ବାସଭବନରୁ ଗିରଫ କରିଥିଲା। ପ୍ରଦୀପଙ୍କୁ ଜେରା ସମୟରେ ସେ ଦୋଷ ସ୍ୱୀକାର କରିବା ସହ ସହଯୋଗୀ ପ୍ରତାପଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଟିମ୍ ପାଇକାସାହି ଗ୍ରାମରୁ ପ୍ରତାପଙ୍କୁ ଗିରଫ କରିଥିଲା। ବନ ବିଭାଗ ଏକ ମାମଲା(ନଂ.୩୪/୨୦୨୫)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଡିଏଫ୍‌ଓ କହିଛନ୍ତି, ସେମାନଙ୍କ ପାଖରେ ୪ଟି ଦାନ୍ତ ଥିବା ସୂଚନା ମିଳିଥିଲା। ଆଉ ଗୋଟିଏ ଦାନ୍ତ ଏପର୍ଯ୍ୟନ୍ତ ମିଳିନାହିଁ। ଉକ୍ତ ଦାନ୍ତ ଓ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚାଲିଛି। ଏଥିସହ ବନ୍ୟପ୍ରାଣୀ ଅପରାଧ ସହ ଜଡ଼ିତ ଯେ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ରିପୋର୍ଟ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ପୋଲିସ ସହ ଗୁଳି ବିନିମୟ: ୩ ମାଓବାଦୀ ନିହତ

ମାଲକାନଗିରି,୨୮।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ଘଟିଛି। ଏଥିରେ ୩ ମାଓବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ନୂଆପଡ଼ା ମାନପୁର ଡିଭିଜନ କମାଣ୍ଡର ସରବନ ମଡକମ୍, ମାଓବାଦୀ ନେତ୍ରୀ ବାସନ୍ତୀ କୁଞ୍ଜାମ ଓ ଏସିଏମ୍ ରାକେଶ ହେମଲା। ସେମାନଙ୍କ ନାଁରେ ୧୪ ଲକ୍ଷର ପୁରସ୍କାର ରାଶି ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କାଙ୍କେର ଜିଲା ଧମତରି ନିକଟ ଛିନ୍ଦଖଡକ ଜଙ୍ଗଲରେ ମାଓବାଦୀ ଉପସ୍ଥିତ ଥିବା ଖବର ପାଇ ରବିବାର ସକାଳୁ କାଙ୍କେର ପୋଲିସ ଓ ସୁରକ୍ଷା କର୍ମୀ କୋମ୍ବିଂ ଅପରେଶନ କରିଥିଲେ। ମାଓବାଦୀମାନେ ପୋଲିସକୁ ଦେଖି ଗୁଳିଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳିଚାଳନା କରିଥିଲା। ପୋଲିସର ଆକ୍ରମଣକୁ ପ୍ରତିହତ କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। କିଛି ସମୟ ପରେ ସୁରକ୍ଷା ବାହିନୀ ସର୍ଚ୍ଛ ଅପରେଶନ କରି ୩ ମାଓବାଦୀଙ୍କ ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରୁ ଏକ ଏସ୍‌ଏଲ୍‌ଆର୍ ସହ ୩ ବନ୍ଧୁକ ଜବତ କରାଯାଇଛି। ଉକ୍ତ ଅଞ୍ଚଳରେ ସର୍ଚ୍ଛ ଅପରେଶନ ଜାରି ରହିଛି। ଏହା ସରିବା ପରେ ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି କାଙ୍କେର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅପହରଣର ୧୨ଘଣ୍ଟା ପରେ ବ୍ୟବସାୟୀ ଉଦ୍ଧାର, ୫ ଗିରଫ

## ମାରଣାସ୍ତ୍ର, କାର୍ ସହ ୬ ଲକ୍ଷ ଟଙ୍କା ଜବତ

ବାଲୁଗାଁ,୨୮।୯ (ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ଜିଲା ବାଲୁଗାଁ ଥାନା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ସୁଶୀଲ କୁମାର ସୁବୁଦ୍ଧି ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଧରି ଶନିବାର ରାତିରେ ସ୍କୁଟିରେ ପାଟଣାସାହିସ୍ଥିତ ଘରକୁ ଫେରୁଥିବା ବେଳେ ୫ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ଅପହରଣ କରିନେଇଥିଲେ। ଏହାର ୧୨ଘଣ୍ଟା ପରେ ଅର୍ଥାତ୍ ରବିବାର ମଧ୍ୟାହ୍ନରେ ବାଲୁଗାଁ ପୋଲିସ ମୋବାଇଲ ଫୋନକୁ ଟ୍ରାକିଂ କରି ୧୬ନମ୍ବର ଜାତୀୟ ରାଜପଥର ଚାନ୍ଦପୁରଠାରୁ ୧୦ କିଲୋମିଟର ଦୂର କଟକ ସହର ଅଞ୍ଚଳରୁ ସୁଶୀଲଙ୍କୁ ଉଦ୍ଧାର କରିବା ସହ ୫ଜଣ ଅପହରଣକାରୀଙ୍କୁ ଗିରଫ କରିଛି। ପୋଲିସ ଅପହରଣରେ ବ୍ୟବହୃତ କାର୍ ସମେତ ଦୁଇଟି ମାରଣାସ୍ତ୍ର ଏବଂ ୬ ଲକ୍ଷ ଟଙ୍କା ଜବତ କରିଛି। ତେବେ ଅଧିକ ତଦନ୍ତ ଜାରି ରହିଥିବାରୁ ପରବର୍ତ୍ତୀ ସମୟରେ ଅପହରଣକାରୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ମୁତାବକ, ବାଲୁଗାଁ ପାଟଣାସାହିର ବିଜୟ ସୁବୁଦ୍ଧିଙ୍କ ବିଭିନ୍ନ କମ୍ପାନୀର ହୋଲ୍‌ସେଲ ବ୍ୟବସାୟ ସ୍ମୃତି ଏଜେନ୍ସି ନାମରେ ରହିଛି। ତାଙ୍କ ପୁଅ ସୁଶୀଲ ବ୍ୟବସାୟରେ ସହଯୋଗ କରନ୍ତି। ଦୈନନ୍ଦିନ ପରି ଶନିବାର ରାତିରେ ସୁଶୀଲ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି କାରବାର ହୋଇଥିବା ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଏକ ବ୍ୟାଗରେ ରଖି ସ୍କୁଟିରେ ଘରକୁ ଫେରୁଥିଲେ। ରାତ୍ରି ପ୍ରାୟ ୧୧ଟା ୩୦ରେ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟ ଛକଠାରେ ୫ଜଣ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇଥିଲେ। ସ୍କୁଟିରୁ ଟଙ୍କା ବ୍ୟାଗ୍ ଲୁଟିନେବା ସହିତ ଏକ କାର୍(୨୫ ବିଏଚ ୭୯୫୦)ରେ ଜୋରଜବରଦସ୍ତ ତାଙ୍କୁ ଉଠାଇ ନେଇ ଫେରାର ହୋଇଯାଇଥିଲେ। ମୁଖାପିନ୍ଧା ଜଣେ ଦୁର୍ବୃତ୍ତ କାର୍ ପଛେ ପଛେ ସ୍କୁଟିକୁ ମଧ୍ୟ ନେଇ ପଳାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ସୁଶୀଲ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଫୋନ କରିଥିଲେ। କିନ୍ତୁ ତାହା ସୁଇଚ୍ ଅଫ୍ ଥିଲା। ଏନେଇ ପରିବାର ଲୋକେ ତାଙ୍କ ସାଙ୍ଗ ସାଥୀ ଏବଂ ସମ୍ପର୍କୀୟଙ୍କୁ ଜଣାଇ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ରାତି ପ୍ରାୟ ୧ଟାରେ ସୁଶୀଲ ଫୋନରେ ଜଣାଇଥିଲେ ଯେ ବ୍ୟସ୍ତ ହେବନି, ଭିଜିଲାନ୍ସ ଟିମ୍ ନେଇ ଆସିଛନ୍ତି, କାଲି ସକାଳେ ମୁଁ ଫେରିବି। ଏଥିରେ ପରିବାରଲୋକଙ୍କ ସନ୍ଦେହ ଉପୁଜିବାରୁ ବାଲୁଗାଁ ପୋଲିସକୁ ଅବଗତ କରାଇଥିଲେ। ରବିବାର ସକାଳ ୯ଟାରେ ସୁଶୀଲ ପୁଣି ଫୋନ ମାଧ୍ୟମରେ ଭୁବନେଶ୍ୱରରୁ ଫେରୁଥିବା କହିଥିଲେ। ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏସ୍‌ଆଇ ସୌମ୍ୟକାନ୍ତ ପାଣିଗ୍ରାହୀ ଦୁଇଟି ଟିମ୍ ନେଇ ସୁଶୀଲଙ୍କ ମୋବାଇଲ ଫୋନ ଲୋକେଶନ ଟ୍ରାକିଂ କରି ପିଛା କରିଥିଲେ। ଅପରାହ୍ନ ୧ଟାରେ କାର୍‌ଟି ଭୁବନେଶ୍ୱର ପଟୁ ଚାନ୍ଦପୁର ଅଭିମୁଖେ ଆସୁଥିବା ବେଳେ ପୋଲିସ ଟିମ୍ ମୋବାଇଲକୁ ଟ୍ରାକିଂ କରିଥିଲା। ଚାନ୍ଦପୁର ନିକଟ କଟକ ସହରଠାରେ ପୋଲିସ ଟିମ୍ ଦୁର୍ବୃତ୍ତଙ୍କ କାର୍‌କୁ ଚିହ୍ନଟ କରି ଘେରିଯାଇଥିଲା। ତେବେ ଦୁର୍ବୃତ୍ତମାନେ ସୁଶୀଲଙ୍କୁ କାର୍‌ରୁ ଠେଲିଦେଇ ନିକଟ ଜଙ୍ଗଲ ଅଭିମୁଖେ ଦୌଡ଼ିଥିଲେ। ପୋଲିସ ଗୋଡ଼ାଉଥିବା ଦେଖି ସ୍ଥାନୀୟ ଲୋକେ ସହଯୋଗ କରି ୫ଦୁର୍ବୃତ୍ତଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ସମ୍ପୃକ୍ତ ଦୁର୍ବୃତ୍ତମାନେ ଗଞ୍ଜାମ, ବାଣପୁର ଏବଂ ବାଲକାଟୀ ଅଞ୍ଚଳର ବୋଲି ଜଣାପଡ଼ିଛି। ସୁଶୀଲଙ୍କୁ ଉଦ୍ଧାର କରାଯିବା ସହ ଉକ୍ତ କାର୍‌ରୁ ୬ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା କହିଛନ୍ତି। ପରବର୍ତ୍ତୀ ସମୟରେ ସୁଶୀଲଙ୍କ ସ୍କୁଟିକୁ ଗଞ୍ଜାମ ଜିଲାର ଏକ ନିକାଞ୍ଚନ ଜଙ୍ଗଲରୁ ପୋଲିସ ଜବତ କରିଛି। ସୁଶୀଲଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ବାଲୁଗାଁ ଥାନାରେ ଏକ ମାମଲା (ନଂ.୩୧୮/୨୫) ରୁଜୁ ହୋଇଛି। ସୋମବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।




ଜବତ କାର୍।

# ବେଆଇନ ବାଣ କାରଖାନାରେ ଚଢ଼ାଉ

## ୫ ଲକ୍ଷ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ, ୩ ଗିରଫ

ଧାମନଗର,୨୮।୯
(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଉତେଇପୁର ଗ୍ରାମରେ ଚାଲିଥିବା ଏକ ବେଆଇନ ବାଣ କାରଖାନାରେ ଶନିବାର ଅପରାହ୍ନରେ ପୋଲିସ ଚଢ଼ାଉ କରିଛି। ଏହି ଚଢ଼ାଉ ବେଳେ ଧାମନଗର ପୋଲିସ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଗ୍ରାମର ମଦନ ମୋହନ ରଣା(୬୭), ମନୋରଞ୍ଜନ ରଣା(୪୮) ଓ ଗୌରାଙ୍ଗ ଚନ୍ଦ୍ର ରଣା(୬୦)। ଏନେଇ ଧାମନଗର ଥାନାରେ ୩ଟି ମାମଲା (ନଂ.୩୬୧/୨୫, ୩୬୨/୨୫, ୩୬୩/୨୫) ରୁଜୁ କରାଯାଇ ଗିରଫ ୩ଜଣଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ଏହି ଗାଁରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ବେଆଇନ ଭାବେ ବାଣ ତିଆରି ଚାଲିଥିଲା। ବିଭିନ୍ନ ପ୍ରକାର ବିସ୍ଫୋରକ ସାମଗ୍ରୀ ବ୍ୟବହାର କରାଯାଇ ତିଆରି ବାଣ ଦୋକାନ ବଜାରରେ ବିକ୍ରି କରାଯାଉଥିଲା।



ପୋଲିସ ଜବତ କରିଥିବା ବିସ୍ଫୋରକ ସାମଗ୍ରୀ।

ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ କୁମାର ସେଠୀ, ଏସ୍‌ଆଇ ପ୍ରଦୀପ କୁମାର ନାୟକ, ରଶ୍ମିତା ମଲ୍ଲିକ, ଏଏସ୍‌ଆଇ ନରେନ୍ଦ୍ର କୁମାର ରାଉତ, ଲରେନ୍ସ ଖୋଜୁର, ସୁଜିତ୍ କୁମାର ରାଉତ ପ୍ରମୁଖ ସଦଳବଳ ଅଚାନକ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବିପୁଳ ପରିମାଣରେ ବାଣ ଓ ବାଣ ତିଆରି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିଲା। ଏହି ବେଆଇନ କାରବାରରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ କେଉଁଠୁ, କିପରି ଓ କାହା ମାଧ୍ୟମରେ ସେଠାକୁ ଆସୁଥିଲା ସେନେଇ ପ୍ରଶ୍ନ ଉଠିଛି। ଏହି ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀ ତିଆରି କରିବା ନେଇ ସରକାରୀ ସ୍ୱୀକୃତିପ୍ରାପ୍ତ କେତେଜଣ ବ୍ୟକ୍ତି ରହିଥିବାରୁ ସେମାନଙ୍କଠାରୁ କଞ୍ଚାମାଲ ନେଇ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ସାଧାରଣରେ ଆଲୋଚନା ହେଉଛି।

# ୬ ମଲ୍‌କୁ ୨୮ ହଜାର ଜରିମାନା

## ଅମାନିଆଙ୍କୁ ପୌରପାଳିକା ଛାଟ



ଅନୁଗୋଳ,୨୮।୯(ବିଶ୍ୱଜିତ୍ କୁମାର ନାଥ)

ଅନୁଗୋଳ ସହର ମଧ୍ୟରେ ଦୁର୍ଗାପୂଜା ଆରମ୍ଭ ହୋଇଥିବା ବେଳେ ଅସହ୍ୟ ଭିଡ଼ ପରିଲକ୍ଷିତ ହୋଇଛି। ରାସ୍ତା ଉପରେ ପାର୍କିଂ କାରଣରୁ ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥରେ ଅସହ୍ୟ ଭିଡ଼ ଦେଖାଯାଇଥିଲା। ପୌରପାଳିକା ପକ୍ଷରୁ ବେଆଇନ ପାର୍କିଂ ନେଇ ଚଢ଼ାଉ ହୋଇଥିବା ବେଳେ ୬ଟି ମଲ୍‌କୁ ୨୮ ହଜାର ଟଙ୍କା ଜୋରିମାନା ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ବୁଢ଼ୀ ଠାକୁରାଣୀ ଛକଠାରୁ ହୁରୁଟିସିଂହ ଛକ ପର୍ଯ୍ୟନ୍ତ ରାସ୍ତାରେ ବଡ଼ ବଡ଼ ମଲଗୁଡ଼ିକ ଥିବା ବେଳେ ରାସ୍ତା ଉପରେ ପାର୍କ ପାଇଁ ପୌରପାଳିକା ବାରଣ କରିଥିଲା। ତେବେ କେତେକ ମଲଗୁଡ଼ିକ ପାର୍କିଂ ଛାଡ଼ି ରାସ୍ତା ଉପରେ ଗାଡି ରଖୁଥିବା ଦେଖାଯାଇଥିଲା। ଫଳରେ ରାସ୍ତାରେ ଟ୍ରାଫିକ ବ୍ୟବସ୍ଥା ଅଣାୟତ ହୋଇଥିଲା। ଏପରି କିଛି ମଲ ନିଜ ପାର୍କିଂରେ ଦୋକାନ ବର୍ଣ୍ଣ ରଖୁଥିବା ବେଳେ ଗାଡି ପାର୍କ ପାଇଁ ସ୍ଥାନ ରଖି ନ ଥିଲେ। ଦିଭିନ୍ନ ପ୍ରକାର ନିୟମ ଅବମାନନା କାରଣରୁ ୬ଟି ମଲ୍‌କୁ ୨୮ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଥିବା ଜଣାପଡ଼ିଛି।ଆଗାମୀ ଦିନରେ ଏହି ଚଢ଼ାଉକୁ ଆହୁରି ବଳବତ୍ତର କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ସୂଚନା ଦେଇଛନ୍ତି। ଫଟୋ: ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀ ଚଢ଼ାଉ କରୁଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ଯୋଡ଼ା,୨୮।୯(ମାନସ ମହାନ୍ତି): କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଏକ ବଡ଼ ଧରଣର ଡକାୟତି ଯୋଜନାକୁ ଯୋଡ଼ା ପୋଲିସ ପଣ୍ଡ କରିଛି। ଘଟଣାରେ ୪ଜଣଙ୍କୁ ଗିରଫ କରିଥିବା ବେଳେ ମାରଣାସ୍ତ୍ର ଜବତ କରି ତଦନ୍ତ କରୁଛି। ଅଭିଯୁକ୍ତମାନେ ହେଲେ ଯୋଡ଼ା ଖୁଣ୍ଟିହିଟ୍‌ର ପୁଟକୁ ସ୍ୱାଇଁ, କୁନ୍ଦୁରୁନାଳାର ଆଲୋକ ମହାପାତ୍ର, ଉଲାହଟ୍‌ର ଜୟ ମୁଣ୍ଡା ଓ ବାଂଶପାଣି ଅଞ୍ଚଳର ଦୀପକ ଚାତାର।

ପୋଲିସ ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଯୋଡ଼ା ଲକ୍ଷ୍ମୀପଡ଼ିଆରେ ଏକ ବଡ଼ ଧରଣର ବ୍ୟାଙ୍କ ଡକାୟତି ପାଇଁ ଯୋଜନା କରୁଥିଲେ। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଯୋଡ଼ା ପୋଲିସ ସଦଳବଳେ ଚଢ଼ାଉ କରି ୪ଜଣଙ୍କୁ କାବୁ କରିଥିଲା। ସେମାନଙ୍କ ଠାରୁ ଲୁହା ରଡ, ଲାଠି ଓ ଛୁରି ଭଳି ମାରଣାସ୍ତ୍ର ପୋଲିସ ଜବତ କରିଥିଲା। ଏ ନେଇ ଯୋଡ଼ା ଥାନାରେ ଏକ ମାମଲା(ନଂ. ୨୯୪/୨୦୨୫) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି।

## ବଁଅରପାଳରେ ଆରଏସ୍‌ଏସ୍‌ର ଶତାବ୍ଦୀ ସମାରୋହ



ସନ୍ତ୍ରାଛକ,୨୮।୯(ସନ୍ତୋଷ ପରିଡ଼ା)

ଢେଙ୍କାନାଳ ଜିଲ୍ଲା ବଁଅରପାଳ ଖଣ୍ଡ ପକ୍ଷରୁ ସରସ୍ୱତୀ ଶିଶୁମନ୍ଦିର ପରିସରରେ ରବିବାର ଅପରାହ୍ନରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସମାରୋହର ଉଦ୍ଘାଟନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଡାକ୍ତର ଉଦୟ ନାଥ ବେହେରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା କାର୍ଯ୍ୟବାହ ଅନିଲ ମହାନ୍ତି ଯୋଗଦେଇ ସଂଘ ପ୍ରତିଷ୍ଠାତା ଡାକ୍ତର କେଶବ ବଳିରାମ ହେଡ଼ଗେୱାରଙ୍କ ଜୀବନୀ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ୧୯୨୫ ବିଜୟା ଦଶମୀ ଠାରୁ ଆରମ୍ଭ ହୋଇଥିବା ସଂଘ ଚଳିତ ବର୍ଷ ଏହାର ଶହେ ବର୍ଷ ପୂର୍ତ୍ତି ହେବା ଏକ ଯୁଗାନ୍ତକାରୀ ଘଟଣା ବୋଲି କହିଥିଲେ। ଜିଲ୍ଲା ସଂଘ ଚାଳକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଶତାଧିକ ସ୍ୱୟଂସେବକଙ୍କୁ ନେଇ ପଥ ସଞ୍ଚାଳନ ହୋଇଥିଲା। ଘୋଷ ବାଦ୍ୟର ତାଳେତାଳେ ସ୍ୱୟଂସେବକମାନେ ଶିଶୁମନ୍ଦିରରୁ ବାହାରି ସନ୍ତ୍ରାଛକ, ଥାନା ଛକ ଏବଂ ବଜାର ଦେଇ ପୁଣି ଶିଶୁମନ୍ଦିରରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ବ୍ୟବସ୍ଥା ପ୍ରମୁଖ ପର୍ଶୁରାମ ସ୍ୱାଇଁ, ବୌଦ୍ଧିକ ପ୍ରମୁଖ ଦେବରାଜ ମୁଣ୍ଡିଆ, ଖଣ୍ଡକାର୍ଯ୍ୟବାହ ଶ୍ରୀବତ୍ସ ଖୁଣ୍ଟିଆ, ଧର୍ମାନନ୍ଦ ସାହୁ, ବରିଷ୍ଠନେତା ଲୁଲୁ ଅମାତ, ଦିବ୍ୟ ରଞ୍ଜନ ସାମଲ, ଶାନ୍ତନୁ ଅମାତ, ସୁବ୍ରତ ସାହୁ, ରଞ୍ଜନ ବିଷୋୟୀ, ପିଣ୍ଟୁ ଭୁଞ୍ଜଆ, ଅନିଲ ସାହୁ, ବିକାଶ ସାହୁ, ପ୍ରଶାନ୍ତ ନାୟକ, ସିଦ୍ଧାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ତାଳଚେରରେ ଟ୍ରକ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ତାଳଚେର,୨୮।୯(ମନୋଜ ନନ୍ଦ)



ତାଳଚେର ଟ୍ରକ ମାଲିକ ସଂଘର ୨୦୨୫-୨୭ ବର୍ଷ ପାଇଁ ନିର୍ବାଚନ ହୋଇ ଫଳାଫଳ ଘୋଷଣା ହୋଇଛି । ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟରେ ବାଲାଟ ଦ୍ୱାରା ଭୋଟ ହୋଇ ୨୮ ତାରିଖରେ ଗଣତି ସମ୍ପନ୍ନ ହୋଇଛି। ୧୩୨୪ ଜଣ ଭୋଟରଙ୍କ ମଧ୍ୟରୁ ୧୦୬୩ ଜଣ ଭୋଟ ପ୍ରଦାନ କରିଥିଲେ । ସଭାପତି ଭାବରେ ଦିଲୀପ ପାଣି, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଜିତେନ୍ଦ୍ର ଭୂତିଆ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସଭାପତି ଭାବରେ ଦିଲ୍ଲୀପ କୁମାର ପାଣି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜିତେନ୍ଦ୍ର କୁମାର ଭୂତିଆଙ୍କ ଠାରୁ ୪୬୭ ଖଣ୍ଡ ଭୋଟ ବ୍ୟବଧାନରେ ଜୟଯୁକ୍ତ ହୋଇଛନ୍ତି। ଦିଲ୍ଲୀପ ପାଣି ୭୨୧ ଖଣ୍ଡ ଭୋଟ ପାଇଥିବା ବେଳେ ଜିତେନ୍ଦ୍ର ଭୂତିଆ ୨୫୪ ଖଣ୍ଡ ଭୋଟ ପାଇଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ୩୦ ଖଣ୍ଡ ଭୋଟ ପାଇଥିଲେ। ସାଧାରଣ ସମ୍ପାଦକ ଭାବରେ ପ୍ରକାଶ ଚନ୍ଦ୍ର ମହାରଣା ୬୧୧ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଛନ୍ତି । ସେହିପରି କାର୍ଯ୍ୟକାରୀ ସଭାପତି ଭାବରେ ନିରଞ୍ଜନ ପ୍ରଧାନ, ଉପ-ସଭାପତି ଭାବରେ ଅମୂଲ୍ୟ ରତ୍ନ ଭୂତିଆ, ଅର୍ଜୁନ କୁମାର ସାହୁ, ଶ୍ରୀହରି ସେଠି, ସହ ସମ୍ପାଦକ ଭାବରେ ଜିତେନ୍ଦ୍ର କୁମାର ରାଉତ, ସୁବ୍ରତ ସାହୁ, ବିଶ୍ୱରଞ୍ଜନ ଗଡ଼ନାୟକ, କାର୍ଯ୍ୟକାରୀ ସଭ୍ୟ ଭାବରେ ସୁରେଶ ଚନ୍ଦ୍ର ସାହୁ, ଅର୍ଜୁନ ପ୍ରଧାନ, ଗଣେଶ୍ୱର ଶତପଥି, ବାପେନ୍ଦ୍ର ସିଂ, ମନୋରଞ୍ଜନ ଦାସ, ଏମଡି ସାଗିର, ରିପନ କୁମାର ସାହୁ, ଶ୍ରୀନିବାସ ପ୍ରଧାନ, ସୁଧୀର ରଞ୍ଜନ ପ୍ରଧାନ କୋଷାଧ୍ୟକ୍ଷ ଭାବରେ ମଦନ ମୋହନ ମହାପାତ୍ର, ଅଡିଟର ଭାବରେ ସରୋଜ କୁମାର ସାହୁ ଜୟଯୁକ୍ତ ହୋଇଛନ୍ତି।

# କମ୍ପାନୀ କର୍ମଚାରୀଙ୍କୁ ଅଟକ ରଖିଲେ କ୍ଷତିଗ୍ରସ୍ତ ଗ୍ରାମବାସୀ

ଛେଣ୍ଡିପଦା,୨୮।୯(ଅଜିତ୍ ଧଳ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ହାଣ୍ଡିଗୋଡା ଗାଁକୁ ଜିଏମ୍‌ସିସି କମ୍ପାନୀର ରବିବାର ୨ କର୍ମଚାରୀ ଯାଇଥିବାବେଳେ କ୍ଷତିଗ୍ରସ୍ତ ଗ୍ରାମବାସୀ ସର୍ଭେକୁ ବିରୋଧ କରିବା ସହ କମ୍ପାନୀ କର୍ମଚାରୀଙ୍କୁ ଗାଁ କୋଠଘରେ ଅଟକ ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚି କୋଠଘରେ ଅଟକ ଥିବା କର୍ମଚାରୀଙ୍କୁ ଉଦ୍ଧାର କରି ଥାନାକୁ ଆଣିଛି । ଏହି ଅଟକ ଜିଏମ୍‌ଡିସି କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ତାଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକରେ ଜିଏମ୍‌ଡିସି କମ୍ପାନୀ ପକ୍ଷରୁ କୋଇଲା ଖଣି ପାଇଁ ଜାମୁନାଳି ଗାଁକୁ ସର୍ଭେ ପାଇଁ ଯାଇଥିଲେ। କ୍ଷତିଗ୍ରସ୍ତ ଗ୍ରାମବାସୀ କମ୍ପାନୀ କର୍ମଚାରୀଙ୍କୁ ଗାଁକୁ ପଶିବା ପାଇଁ ବାରଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ବାରମ୍ବାର ବିରୋଧ କରିବା ସତ୍ତ୍ୱେ କମ୍ପାନୀ କର୍ମଚାରୀଙ୍କୁ କମ୍ପାନୀ ସପକ୍ଷବାଦୀ ତାକି କ୍ଷତିଗ୍ରସ୍ତ ଗ୍ରାମବାସୀ କମ୍ପାନୀ କର୍ମଚାରୀଙ୍କ ସମେତ ଜଣେ ମହିଳାଙ୍କୁ ଅଟକ ରଖିଥିଲେ। ଖବର ପାଇ ଛେଣ୍ଡିପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ଅଟକ ୨ଜଣଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣି ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ଖୁବଶୀଘ୍ର କମ୍ପାନୀ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ଛେଣ୍ଡିପଦା ଥାନା ଏସ୍‌ଆଇ ରାଜେଶ ଶତପଥୀ ପ୍ରକାଶ କରିଛନ୍ତି।

# ନମପଶି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ବାରକୋଟ ଚାମ୍ପିୟନ



ପାଲଲହଡ଼ା,୨୮।୯(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ନମପଶି ଠାରେ ଚାଲିଥିବା ନମପଶି ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ ବାରକୋଟ ଫୁଟବଲ ଟିମ୍ ଏବଂ ଫପଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ବାରକୋଟ ଟିମ୍ ୪ଟି ଗୋଲଦେଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଜେଡି ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଡା. ଅବିନାଶ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ ପାଲ, ପୂର୍ବତନ ବିଧାୟକ ଧର୍ମୁରାଜ ସିଂହ, ଅନୁଗୋଳ ସମବାୟ ଅଧ୍ୟକ୍ଷ ସନ୍ତୋଷ ପ୍ରଧାନ, ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, କଣିହାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ତେଲକୋଇ ସମିତି ଅଧ୍ୟକ୍ଷ ବିକ୍ରମ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବିଜେତା ଦଳକୁ ୪୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୩୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଜମିବାଡ଼ି ବିବାଦକୁ ନେଇ ହଣାକଟା, ଯୁବକ ଗୁରୁତର

ଛେଣ୍ଡିପଦା,୨୮।୯(ଅଜିତ୍ ଧଳ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ସରସବାହ୍ଧ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ପଡୋଶୀଙ୍କ ଟାଙ୍ଗିଆ ଚୋଟରେ ଗାଁର ମୁକେଶ ନାଏକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ମୁକେଶ ଓ ତାଙ୍କ ପଡୋଶୀ କଷ୍ଟୁ ବେହେରାଙ୍କ ପରିବାର ଭିତରେ ଦୀର୍ଘଦିନ ହେବ ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିଲା । ତେବେ ରବିବାର ରାତି ୮ଟା ବେଳେ କଷ୍ଟୁ ଓ ମୁକେଶ ଜମିବାଡ଼ି ବିବାଦକୁ ନେଇ ଝଗଡା ହୋଇଥିଲେ। ଏଥିରେ କଷ୍ଟୁ ଓ ତାଙ୍କ ପୁଅ ରାଗିଯାଇ ଏକ ଟାଙ୍ଗିଆରେ ମୁକେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ଟାଙ୍ଗିଆ ବାଜି ମୁକେଶଙ୍କ ହାତ ଏବଂ ମୁଣ୍ଡରେ ଆଘାତ ଲାଗିଥିଲା। ସ୍ଥାନୀୟଲୋକେ କଷ୍ଟୁଙ୍କୁ ଅଟକ ରଖି ପୋଲିସକୁ ଖବର ଦେବା ସହ ମୁକେଶଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଛେଣ୍ଡିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି କଷ୍ଟୁଙ୍କୁ ଅଟକ ରଖି ଘଟଣାର ଛାନଭିନ ଚଳାଇଛି।

# ବୁଢ଼ାପଙ୍କ ଗ୍ରାମରେ ମା'ଙ୍କ ପୂଜା ଆରମ୍ଭ



ସନ୍ତ୍ରାଛକ,୨୮।୯(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମରେ ଜଗଜ୍ଜନନୀ ମା' ଦୁର୍ଗାଙ୍କ ୧୯ତମ ପୂଜା ମହାଆଡ଼ମ୍ବରରେ ଆରମ୍ଭ ହୋଇଯାଇଛି । ରବିବାର ଅପରାହ୍ନରେ ଗ୍ରାମର ମହିଳା ଓ ପୂଜା କମିଟି ସଦସ୍ୟ ଘଣ୍ଟ ନାଦ, କୀର୍ତ୍ତନ, ଦୁଲୁଦୁଲି ବାଦ୍ୟରେ ଗ୍ରାମ ପରିକ୍ରମା କରି ଶିବମନ୍ଦିର ପୋଖରୀରୁ କଳସ ଶୋଭାଯାତ୍ରାରେ ଜଳ ଆଣି ମା'ଙ୍କ ମଣ୍ଡପରେ ସ୍ଥାପନା କରିଥିଲେ। ସଭାପତି ପ୍ରକାଶ ଚନ୍ଦ୍ର ସିଂହ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସାମଲ, କର୍ତ୍ତା କୁମୁଦ ସାମଲ ଓ ପାଠବାସ ସାମଲ, କହ୍ନେଇ ସାମଲ, ପ୍ରକାଶ ସାମଲ, ଗୋପବନ୍ଧୁ ମାଝୀ, ଶୁଭେନ୍ଦୁ ବେହେରା ଓ କମିଟି କାର୍ଯ୍ୟକର୍ତ୍ତା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଉପାନ୍ତ ଅଞ୍ଚଳ ଲୋକଙ୍କ ସହ ମନ୍ କୀ ବାତ ଶୁଣିଲେ ଏମ୍‌ପି

ବନ୍ତଳା,୨୮।୯(ସୁଜିତ ସାହୁ)



ଅନୁଗୋଳ ବ୍ଲକର ଉପାନ୍ତ ଅଞ୍ଚଳ ତଳଗଡ ପଞ୍ଚାୟତ ଅଫିସ ପରିସରରେ ରବିବାର ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଲୋକଙ୍କ ସହିତ ବସି ମନ୍‌କୀବାତ ଶୁଣିଥିବା ଜଣାପଡ଼ିଛି। ଏଥିରେ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୬ତମ ମନ୍‌କୀବାତ ଉପାନ୍ତ ଅଞ୍ଚଳର ସାଧାରଣଲୋକେ କିଭଳି ଶୁଣିପାରିବେ ଏମ୍‌ପି ତାହା ପ୍ରୟାସ କରିଛନ୍ତି। ଏଥିପାଇଁ ଗତ ୨ଦିନଧରି ବନ୍ତଳା ସମେତ ପୁରୁଣାକୋଟ ଗଡଭେଦୁଣ୍ଡା ଆଶ୍ରମରେ ରାତ୍ରି ଯାପନ କରିଥିଲେ। ଏହି ୨ ଦିନିଆ ଗସ୍ତ ସମୟରେ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ ଯୋଗେ କଥାବାର୍ତ୍ତା କରିଥିଲେ। ଗସ୍ତ ସମୟରେ ପୁରୁଣାକୋଟ ଥାନା ଅଧିକାରୀ ପ୍ରକାଶ ପାତ୍ର, ରେଞ୍ଜର ମାଧବ ନାୟକ, ବନ୍ତଳା ଥାନା ଅଧିକାରୀ ନଟବର ନନ୍ଦ, ବନ୍ତଳା ରେଞ୍ଜର ପ୍ରସନ୍ନ କୁମାର ସାହୁ, ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ପ୍ରଶାନ୍ତ ପୁଷ୍ଟି, ଅମୂଲ୍ୟ ପ୍ରଧାନ, ତଳଗଡ ସରପଞ୍ଚ ଅମିୟ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ମହିଳା ସଂଘ ସଭାପତି ସଞ୍ଜୁକ୍ତା ସାହୁ, ମମତା ପ୍ରଧାନ, ଅଞ୍ଜଳି ସାହୁ, ବିନୋଦିନି ସାହୁ, ନାରାୟଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିସହ ବନ୍ତଳାଠାରେ ରାଷ୍ଟ୍ରିୟ ସ୍ୱୟଂସେବକ ସଂଘ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପାଣିଙ୍କ ଏଭଳି ପ୍ରୟାସ ଦ୍ୱାରା ଅନୁଗୋଳ ନିର୍ବାଚନ୍ ମଣ୍ଡଳୀ ଉପାନ୍ତ ଅଞ୍ଚଳର ସାମଗ୍ରିକ ବିକାଶରେ ସହାୟକ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ଜିଏସ୍‌ଟି ସଞ୍ଚୟ ଉତ୍ସବ

ପାଲଲହଡ଼ା,୨୮।୯(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲ୍ଲା ପାଲଲହଡ଼ାର ବରିଷ୍ଠ ଭାଜପାନେତା ଆଡ଼ଭୋକେଟ ଉଦୟ ସାହୁଙ୍କ ସଭାପତିତ୍ୱରେ ଜିଏସ୍‌ଟି ସଞ୍ଚୟ ଉତ୍ସବ ପାଲଲହଡ଼ା ଶରତ କ୍ଲବରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ବିଧାନସଭା ପ୍ରତିଶ୍ରୁତି କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇ ପାଲଲହଡ଼ାର ସମସ୍ତ ବ୍ୟବସାୟୀଙ୍କୁ ସମ୍ବର୍ଦ୍ଧିତ କରି ଥିଲେ। ସମାଜର ଅର୍ଥନୀତିରେ ବ୍ୟବସାୟୀଙ୍କ ଭୂମିକାକୁ ପ୍ରଶଂସା କରିଥିଲେ। ନେକ୍ସଟ୍‌ଜେନ୍ ଜିଏସ୍‌ଟି ୦୨ରୁ ସଂସ୍କାର କରିବାରୁ ପାଲଲହଡ଼ା ବ୍ୟବସାୟୀ ଓ ଜନସାଧାରଣଙ୍କ ପକ୍ଷରୁ ମୋଦିଙ୍କୁ ଧନ୍ୟବାଦ ଜଣାଇଥିଲେ। ଦେଶର ଅର୍ଥନୀତିରେ ୫ମ ସ୍ଥାନରେ ଥିଲାବେଳେ ୨ ଲକ୍ଷ ୨୦ହଜାରରେ ଦେଶ ପାଇବ । ସମସ୍ତ ମଧ୍ୟବିତ୍ତ ନିମ୍ନ ମଧ୍ୟବିତ୍ତ ପରିବାର ଏହାଦ୍ୱାରା ଉପକୃତ ହେବେ। ଜିଏସ୍‌ଟି ସଂସ୍କାର ଦ୍ୱାରା ପ୍ରଥମେ ଟ୍ୟାକ୍ସ ବ୍ୟବସ୍ଥାର ସୁଧାର କରି ୧୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାରରେ ଟ୍ୟାକ୍ସ ଲାଗିବାର ବ୍ୟବସ୍ଥା କଲେ କେବଳ ୧୮ ସ୍ଲାବ ଓ ୧୨ ସ୍ଲାବ ସହ କେନ୍ଦ୍ରପତ୍ରରେ ୧୮% ବର୍ତ୍ତମାନ ୫%ସୀମିତ ରହିବ। ଫଳରେ ଗରିବ କେନ୍ଦୁ ପତ୍ର ତୋଳାଳୀ ଏହାର ଫାଇଦା ନେବେ ବୋଲି ପ୍ରକାଶ କରିଥିଲେ। ମଞ୍ଚରେ ବିଶିଷ୍ଟ ବ୍ୟବସାୟୀ ନିରଞ୍ଜନ ରଣା, ନିଶାକର ସାହୁ, ଆନନ୍ଦ ସାମଲ, ଜୟକୃଷ୍ଣ ସାହୁଆ, ମହାପାତ୍ର ରାଜେନ୍ଦ୍ର ଅର୍ପଣା ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ଅଭୟ ନାଏକ ପରିଚାଳନା କରିଥିଲାବେଳେ ଉଦୟ ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ଧର୍ମେନ୍ଦ୍ର ସାହୁ, ଲିଙ୍ଗରାଜ ସାହୁ, ବିକି ଜୟସ୍ୱାଲ, ଧ୍ରୁବଚରଣ ସାହୁ, ପାର୍ଥ ସାରଥୀ ପାଣିଗ୍ରାହୀ, ସୁଶାନ୍ତ ସାହୁ, ସୁନୀଲ ଅଗ୍ରୱାଲ, ଆଶିଷ ସାମଲ, ରଥକର ସାହୁ, ଗୋପିନାଥ ସାହୁ, ଧର୍ମେନ୍ଦ୍ର ସାହୁ, ଗୁରୁ ଗଡ଼ନାୟକ, ନଗେନ୍ଦ୍ର ସାହୁ ପ୍ରମୁଖ ଶତାଧିକ ବ୍ୟବସାୟୀ ବୁଦ୍ଧିଜୀବି ଯୋଗଦେଇଥିଲେ।

## ୫ ଫୁଟର ନାଗସାପ ଉଦ୍ଧାର

ଅନୁଗୋଳ,୨୮।୯(ବିଶ୍ୱଜିତ୍ କୁମାର ନାଥ)

ଅନୁଗୋଳ ଲକ୍ଷ୍ମୀ ବଜାର ସ୍ଥିତ ଅପସରା ଲେଡିଜ କର୍ଣ୍ଣରରୁ ରବିବାର ସକାଳେ ଏକ ୫ଫୁଟର ନାଗ ସାପ ଉଦ୍ଧାର ହୋଇଛି। ସର୍ପ ଉଦ୍ଧାରକାରୀ ସଞ୍ଜୟ ବେହେରା ସାପଟିକୁ ଉଦ୍ଧାର କରି ନିକଟସ୍ଥ ପ୍ରାକୃତିକ ଆବାସସ୍ଥଳରେ ସୁରକ୍ଷିତ ଭାବେ ଛାଡ଼ିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ, ଦୋକାନୀ ଅରୁଣ କୁମାର ଗାଆଣ ସକାଳେ ଦୋକାନ ସଟର ଖୋଲିବା ସମୟରେ ସାପଟି ଦୋକାନ ଭିତରେ ଶୋଇଥିବା ଦେଖିବାକୁ ପାଇଥିଲେ। ସାପଟକୁ ଦେଖି ଅରୁଣ ପାଟି କରିବାରୁ ସାପ ଦୋକାନ ଭିତରକୁ ପଶିଯାଇଥିଲା। ପରେ ସଞ୍ଜୟଙ୍କୁ ଯୋଗାଯୋଗ କରିଥିଲେ। ସଞ୍ଜୟ ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

# ଦୁର୍ଗାମାଧବ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ସନ୍ତ୍ରାଛକ,୨୮।୯(ସନ୍ତୋଷ ପରିଡ଼ା)



ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ଗଡତଳମୁଣ୍ଡ ତରୁଣ କ୍ଲବ ଆନୁକୂଲ୍ୟରେ ୬୨ତମ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଉତ୍ସବ ପିଏମଶ୍ରୀ ତଳମୁଣ୍ଡ ହାଇସ୍କୁଲ ପଡ଼ିଆଠାରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ବିପ୍ଳବ ଜେନା, ସମ୍ମାନୀୟ ଅତିଥି ଭାବେ ମହିମା ଜେନା, ପୂର୍ବତନ ଶିକ୍ଷକ ଅଭିରାମ ଗଡ଼ନାୟକ, ଗ୍ରାମ୍ୟ ସରପଞ୍ଚ ସୋନାଲି ମହାପାତ୍ର, ତଳମୁଣ୍ଡ ଗ୍ରାମ ସଭାପତି ରମେଶ ଚନ୍ଦ୍ର ନାଥ କ୍ଲବ ସଭାପତି ରାଧାକାନ୍ତ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଦୀପ ପ୍ରଜ୍ୱଳନ କରିବା ସହ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଆଶିର୍ବାଦ କାନୁନ୍‌ଗୋ, ଅନିଲ ନନ୍ଦ, ସଲିଲ ଦାସ ପ୍ରମୁଖ ଖେଳ ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ମ୍ୟାଚ କମିଶନର ଭାବେ ବସନ୍ତ କୁମାର ବାସନ୍ତ୍ୱ ମନୋନୀତ କରାଯାଇଥିଲା। ଏଥିରେ ୮ଟି ଜିଲ୍ଲାସ୍ତରୀୟ ଚାମ୍ପିୟନ ଦଳ ଅଂଶଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ଢେଙ୍କାନାଳ ବନମାଳୀ ପ୍ରସାଦ ବନାମ ପତାକା ଆଠମଲ୍ଲିକ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ଢେଙ୍କାନାଳ ବନମାଳୀପ୍ରସାଦ ବିଜୟୀ ହୋଇଥିଲା। ସୋମବାର ରେଙ୍ଗାଲି ବନାମ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ମ୍ୟାଚ ଫାଇନାଲ ଖେଳାଯିବ । ଆସନ୍ତା ୫ରେ ଫାଇନାଲ ମ୍ୟାଚ ଖେଳାଯିବ ବୋଲି କ୍ଲବ ତରଫରୁ ଘୋଷଣା କରାଯାଇଛି । ଏଥିରେ ତରୁଣ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ ।


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା29.09.2025ରିଖ ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ସରକାରୀ ଛୁଟି ଦିବସ ଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
OIPR-09014/11/0194/2526 ସାଧାରଣ ଅଭିଯୋଗ ବିଭାଗ

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ମନୋଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସିନିୟର ପୁରୁଷ ଚୟନ କମିଟିରେ ଓଝା, ଆର୍‌ପି

**ମୁମ୍ବାଇ,୨୮।୯:** ଭାରତର ପୂର୍ବତନ କ୍ରିକେଟର ପ୍ରଜ୍ଞାନ ଓଝା ଓ ଆର୍‌ପି ସିଂ ରବିବାର ପୁରୁଷ ଜାତୀୟ ଦଳର ଚୟନ କମିଟିରେ ସାମିଲ ହୋଇଛନ୍ତି। ଦିଲ୍ଲୀର ଅମିତା ଶର୍ମାଙ୍କୁ ମହିଳା ଚୟନ କମିଟିର ମୁଖ୍ୟ ନିଯୁକ୍ତ କରାଯାଇଛି। ଶର୍ମା ଭାରତ ପାଇଁ ୨୦୦୨ରୁ ୨୦୧୪ ପର୍ଯ୍ୟନ୍ତ ୫ ଟେଷ୍ଟ, ୧୧୬ ଦିନିକିଆ ଓ ୪୧ ଟି୨୦ ମ୍ୟାଚ୍ ଖେଳିଥିଲେ। ପୂର୍ବତନ ଖେଳାଳି ଜୟା ଶର୍ମା ଓ ଶ୍ରାବନ୍ତି ନାଇଡୁ ମଧ୍ୟ ପ୍ୟାନେଲରେ ସାମିଲ ହୋଇଛନ୍ତି। ଶ୍ୟାମା ଦେ ନିଜ ସ୍ଥାନ ବଜାୟ ରଖିଛନ୍ତି।

# ମିଥୁନ ମନହାସ୍ ବିସିସିଆଇ ନୂଆ ସଭାପତି

**ମୁମ୍ବାଇ,୨୮।୯(ପି.ଟି.)**

ଦିଲ୍ଲୀର ପୂର୍ବତନ ଅଧିନାୟକ ମିଥୁନ ମନହାସ୍ ରବିବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାର୍ଯ୍ୟାଳୟରେ ଅନୁଷ୍ଠିତ ୯୪ତମ ଏଜିଏମ୍‌ରେ ନୂଆ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବୋର୍ଡ ସମ୍ପାଦକ ଦେବଜିତ ସାଇକିଆ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିଜ ପଦବୀ ବଜାୟ ରଖିଛନ୍ତି। ୪୫ ବର୍ଷୀୟ ମିଥୁନ ବିସିସିଆଇର ୩୭ତମ ସଭାପତି ଭାବେ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ କ୍ରିକେଟର ରୋଜର ବିନି ସଭାପତି ଥିଲେ। ବିନି ଗତ ମାସରେ ୭୦ ବର୍ଷ ବୟସରେ ପାଦଦେବା ପରେ ନିଜ ପଦରୁ ଇସ୍ତଫା ଦେଇଥିଲେ। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଓ ବିନିଙ୍କ ପରେ ମିଥୁନ କ୍ରମାଗତ ତୃତୀୟ ଫାଷ୍ଟ-କ୍ଲାସ ଖେଳାଳି ଭାବେ ବିସିସିଆଇ ସଭାପତି ହୋଇଛନ୍ତି। ମିଥୁନ ୧୫୭ ଫାଷ୍ଟ-କ୍ଲାସ, ୧୩୦ ଲିଷ୍ଟ ଏ' ଓ ୫୫ ଆଇପିଏଲ ମ୍ୟାଚ୍ ୧୯୯୭-୯୮ରୁ ୨୦୧୬-୧୭ ପର୍ଯ୍ୟନ୍ତ ଖେଳିଛନ୍ତି। ନାମାଙ୍କନ ଦାଖଲ କରିବାର ଅନ୍ତିମ ଦିନ ପୂର୍ବରୁ ସେ ସଭାପତି ହେବା ନିଶ୍ଚିତ ହୋଇଥିଲା। ସେ ବିସିସିଆଇ ଦ୍ୱାରା ଜମ୍ମୁ-କଶ୍ମୀର ରାଜ୍ୟ କ୍ରିକେଟ ଆସୋସିଏଶନ (ଜେକେସିଏ)ର ପରିଚାଳନା ଲାଗି ଗଠିତ ୩ ଜଣିଆ ଆଡ୍-ହକ କମିଟିର ସଦସ୍ୟ ଥିଲେ।

"ବିଶ୍ୱର ସବୁଠୁ ଶକ୍ତିଶାଳୀ ବୋର୍ଡର ସଭାପତି ହେବା ଏକ ସମ୍ମାନର ବିଷୟ। ଏହା ଏକ ବଡ଼ ଦାୟିତ୍ୱ ମଧ୍ୟ। ମୁଁ ମୋ ସମ୍ପୂର୍ଣ୍ଣ ଦକ୍ଷତା ଓ ନିଷ୍ଠାର ସହିତ ନିଜ କାର୍ଯ୍ୟ ପ୍ରତି ପ୍ରତିବଦ୍ଧ ରହିବି ବୋଲି ଆଶ୍ୱାସନା ଦେଉଛି। ଜଣେ ପ୍ରଶାସକ ଓ କ୍ରିକେଟର ଭାବେ ମୋ ଅଭିଜ୍ଞତା ମୋତେ ଏଥିରେ ସାହାଯ୍ୟ କରିବ। ଗତ ୪ ବର୍ଷ ହେଲା ମୁଁ ଜେକେସିଏ ସହ କାର୍ଯ୍ୟ କରିଛି ଏବଂ ଭଲ କାର୍ଯ୍ୟ କରିଛି। ଏହା ମୋତେ ସହାୟ ହେବ'' ବୋଲି ମନହାସ୍ ତାଙ୍କ ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି।


ବିସିସିଆଇର ନୂଆ ସଭାପତି ମିଥୁନ ମନହାସ୍ (ଡାହାଣ)।

ଏଜିଏମ୍‌ରେ ବିସିସିଆଇ ସମ୍ପାଦକ ସାଇକିଆ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ ଚେୟାରମ୍ୟାନ ଅରୁଣ ଧୁମଲ ନିଜ ପଦ ବଜାୟ ରଖିଛନ୍ତି। ପୂର୍ବତନ ଭାରତ କ୍ରିକେଟର ତଥା କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ସଭାପତି (କେଏସ୍‌ସିଏ) ସଭାପତି ରଘୁରାମ ଭଟ କୋଷାଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଭେଟେରାନ ପ୍ରଶାସକ ରାଜୀବ ଶୁକ୍ଳା ବୋର୍ଡର ଉପସଭାପତି ଭାବେ କାର୍ଯ୍ୟ ଜାରି ରଖିବାକୁ ଥିବାବେଳେ ଏମ୍ ଖାଇରୁଲ ଜମାଲ ମଜୁମଦାରଙ୍କୁ ଧୁମଲଙ୍କ ସହ ଆଇପିଏଲ ଜିସିରେ ପ୍ରତିନିଧି ଭାବେ ସାମିଲ କରାଯାଇଛି। ପୂର୍ବରୁ କୋଷାଧ୍ୟକ୍ଷ ଥିବା ପ୍ରଭତେଜ ଯୁଗ୍ମ ସମ୍ପାଦକ ଭାବେ ରୋହନ ଗାଉନ୍ସ ଦେଶାଇଙ୍କ ସ୍ଥାନ ନେଇଛନ୍ତି। ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନ (ଏସ୍‌ସିଏ) ସଭାପତି ତଥା ପୂର୍ବତନ କ୍ରିକେଟର ଜୟଦେବ ଶାହା କାର୍ଯ୍ୟକାରୀ ପରିଷଦ ସଦସ୍ୟ ହୋଇଛନ୍ତି। କାର୍ଯ୍ୟକାରୀ କାଉନ୍‌ସିଲର ବିଭିନ୍ନ ପଦ ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରତ୍ୟେକ ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ସେମାନଙ୍କୁ ନିର୍ଦ୍ୱନ୍ଦ୍ୱରେ ଚୟନ କରାଯାଇଛି ବୋଲି ସାଇକିଆ କହିଛନ୍ତି।

# ଚତୁର୍ଥ ରାଉଣ୍ଡ ସୁଦ୍ଧା ୧୫ ଅଗ୍ରଣୀ


ଆୟୋଜକଙ୍କ ଗହଣରେ ସମ୍ବର୍ଦ୍ଧିତ ଅତିଥିବୃନ୍ଦ।

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଏସ. ଆର. ଚେସ୍ ସେଣ୍ଟର ଆନୁକୂଲ୍ୟରେ କଟକ ଫୁଲନଖରାସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ଚାଲିଥିବା ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍ ପ୍ରତିଯୋଗିତାର ୨ ରାଉଣ୍ଡ ଖେଳ ରବିବାର ଅନୁଷ୍ଠିତ ହୋଇଯାଇଛି। ୮ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୪ର୍ଥ ରାଉଣ୍ଡ ଶେଷରେ ୧୫ ଜଣ ଖେଳାଳି ପୂରା ୪ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀଲାଭ କରିଛନ୍ତି। ଏହି ଖେଳାଳିମାନେ ହେଲେ ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍

**ଭାଗ୍ୟଶ୍ରୀ ସ୍ମାରକୀ ଏସ୍‌ଆର ଅଲ୍ ଓଡ଼ିଶା ଫିଡେ ରେଟିଂ ଚେସ୍**

ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ସାଜନ କୁମାର ନାୟକ, ଶ୍ରୀହାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ଆଦିତ୍ୟ ରଞ୍ଜନ ଦାସ, ସ୍ୱୟଂ ଲକ୍ଷ୍ମୀବତ୍ ସାବତ, ବିନିତ ନାଏକ, କ୍ଷେତ୍ରବର ମାଝି, ଚେମ୍ପୁରୁ ହେମ୍ବ୍ରମ, ଶ୍ରଦ୍ଧା ସ୍ମରଣିକା ନନ୍ଦ ଓ ଲେଲି ଜାକେଲା। ୭ ଖେଳାଳି ୩.୫ ପଏଣ୍ଟ ଲେଖାଏ ପାଇଛନ୍ତି। ୩ୟ ରାଉଣ୍ଡକୁ କଳାହାଣ୍ଡି ଜିଲା ଚେସ୍ ସମ୍ପାଦକ ରବୀନ୍ଦ୍ର ସାହୁ ଏବଂ ୪ର୍ଥ ରାଉଣ୍ଡକୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ପ୍ରଥମ ଚାଲ୍ ଚଳାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଧରିତ୍ରୀର ସ୍ପୋର୍ଟ୍ସ ଜର୍ନାଲିଷ୍ଟ ତପନ କୁମାର ସ୍ୱାଇଁ, ବରିଷ୍ଠ ଚେସ୍ ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ଏବଂ କ୍ରୀଡ଼ା ବିଭାଗର ଦୁଇ ଅଧିକାରୀ ସୋନାଲି ଚାନ୍ଦ ଓ ଅଭିଷିକ୍ତା ପଟ୍ଟନାୟକଙ୍କୁ ସ୍ୱତନ୍ତ୍ରଭାବେ ଟପ୍‌ସିଡ୍ ସୌମ୍ୟ ରଞ୍ଜନ ମିଶ୍ର, ବରିଷ୍ଠ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସାହୁ ଏବଂ ଆୟୋଜକ ପ୍ରଦୀପ ପଣ୍ଡା ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ଭବେଶ ମହାନ୍ତି, ପିଙ୍କି ମହାପାତ୍ର, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ, ସୂରଜ ମହାରଣା, ଏସ୍‌ଏନ୍‌ଏ ରବିକୁମାର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଅବିନାଶ ଦାସ, ଅନିମେଶ ରାୟ, ସୂର୍ଯ୍ୟମିତ୍ର ସେନ୍, ସର୍ବେଶ୍ୱର ସାହୁ, ମାନସ ରଞ୍ଜନ ପଟ୍ଟନାୟକ, ରିତିକ ସାହୁ ଓ ପ୍ରଣତି ସେନ ସହଯୋଗ କରିଥିଲେ। ଆଉ ୪ ରାଉଣ୍ଡ ଖେଳ ସହ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସଙ୍କ ଦ୍ୱାରା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ସାଙ୍ଗଠନିକ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍ ମହାସଂଘ ଓ ରାଜ୍ୟ ଚେସ୍ ସଂଘ ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍‌ଆର୍ ଚେସ୍ ସେଣ୍ଟର ପକ୍ଷରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଅନ୍ତର୍ଜାତୀୟ ରେଟେଡ଼ େଖେଳାଳିଙ୍କ ସହ ରେକର୍ଡ ସଂଖ୍ୟକ ମୋଟ ୩୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୫୩ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିବାଧିତ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ସାମିଲ ଅଛନ୍ତି।

# ରେକର୍ଡ ଭାଙ୍ଗିଲେ ରାହୁଲ

**ଲଣ୍ଡନ, ୨୮।୯ (ପି.ଟି.):** ଭାରତର ଲେଗ୍ ସ୍ପିନର ରାହୁଲ ଚହର ସରେ ପାଇଁ ପଦାର୍ପଣ ମ୍ୟାଚ୍‌ରେ ୮ ଉଇକେଟ ନେଇ କାଉଣ୍ଟି କ୍ରିକେଟର ୧୬୬ ବର୍ଷର ପୁରୁଣା ରେକର୍ଡ ଭଙ୍ଗ କରିଛନ୍ତି। ସେ ହାମ୍ପଶାୟାର ବିପକ୍ଷ ମ୍ୟାଚ୍‌ରେ ୫୧ ରନ ଦେଇ ୮ ଉଇକେଟ ନେଇଛନ୍ତି। ଏଥିପୂର୍ବରୁ ପଦାର୍ପଣ ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିବା ରେକର୍ଡ ୱିଲିଆନ ମୁଡଲେ (୬୧/୭)ଙ୍କ ନାମରେ ଥିଲା।

# ଓଡ଼ିଶା ବାଳକ ଥ୍ରୋ ବଲ୍ ଦଳକୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

କର୍ଣ୍ଣାଟକରେ ଅନୁଷ୍ଠିତ ୩୫ତମ ଜାତୀୟ ଜୁନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। କ୍ୱାର୍ଟର ଫାଇନାଲରେ କେରଳକୁ ୨-୦ ସେଟ୍‌ରେ ହରାଇଥିବା ଓଡ଼ିଶା ସେମିଫାଇନାଲରେ ଦିଲ୍ଲୀଠାରୁ ୧-୨ରେ ପରାଜିତ ହୋଇଥିଲା। ବ୍ରୋଞ୍ଜ ପଦକ ପାଇଁ ଅନୁଷ୍ଠିତ ମୁକାବିଲାରେ ଓଡ଼ିଶା ୨-୧ରେ ତାମିଲନାଡୁକୁ ପରାସ୍ତ କରିଛି। ସର୍ଭିସରେ ଉପ ଅଧିନାୟକ ବିଜୟ ସାହୁ ୫ ପଏଣ୍ଟ ଏବଂ ଶିବଶଙ୍କର ମଣ୍ଡୋଇ ୩ ପଏଣ୍ଟ ହାସଲ କରି ଓଡ଼ିଶା ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ ସଭାପତି ଭୂପିନ୍ଦର ସିଂ ଓ ଅନ୍ୟ ସଦସ୍ୟମାନେ ଓଡ଼ିଶା ଦଳ ଖେଳାଳିଙ୍କ ସହ କୋଚ୍ ସୁଶାନ୍ତ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ଥ୍ରୋ ବଲ୍ ଦଳ।

# ବିସିସିଆଇ ଜାତୀୟ ଚୟନ କମିଟିରେ ୩ ଓଡ଼ିଆ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜାତୀୟ ଚୟନ କମିଟିରେ ଓଡ଼ିଶା ଖେଳାଳିଙ୍କ ଗୁରୁତ୍ୱ ବଢ଼ିବାରେ ଲାଗିଛି। ପ୍ରଥମଶ୍ରେଣୀ କ୍ରିକେଟରେ ଆନ୍ଧ୍ର ପ୍ରଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ପ୍ରଜ୍ଞାନ ଓଝା ଏବେ ଜାତୀୟ ଚୟନ କମିଟିର ନୂଆ ସଦସ୍ୟ ହୋଇଛନ୍ତି। ପୂର୍ବରୁ ଶିବ ସୁନ୍ଦର ଦାସ ଏହି କମିଟିର ସଦସ୍ୟ ଦାୟିତ୍ୱରେ ଅଛନ୍ତି। ଏହା ବ୍ୟତୀତ ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଏବେ ୧୯ ବର୍ଷରୁ କମ୍ ଭାରତୀୟ ପୁରୁଷ ଦଳର ଫାଷ୍ଟ-ବୋଲିଂ କୋଚ୍ ଅଛନ୍ତି। ପୂର୍ବରୁ ସେ ସିନିୟର ଚୟନ କମିଟିର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ଓଡ଼ିଶା ଖେଳାଳିଙ୍କୁ ଗୁରୁତ୍ୱ ମିଳୁଥିବାରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା ଆଇସିସି ଚେୟାରମ୍ୟାନ ଜୟ ଶାହା, ବିସିସିଆଇ ସଭାପତି ମିଥୁନ ମନହାସ୍ ଓ ସମ୍ପାଦକ ଦେବଜିତ ସାଇକିଆଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସୁରେନ୍ଦ୍ର ସ୍ମାରକୀ ଚେସ୍: ଦୀପ୍ତିରଞ୍ଜନ ଚାମ୍ପିୟନ

**ଭୁବନେଶ୍ୱର, ୨୮।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ସୁରେନ୍ଦ୍ର ପ୍ରସାଦ ଦାସ ସ୍ମାରକୀ ଓପନ ଚେସ୍‌ରେ ଯାଜପୁରର ଦୀପ୍ତିରଞ୍ଜନ ନାୟକ ଚାମ୍ପିୟନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ପୂରା ୫ ପଏଣ୍ଟ ପାଇଛନ୍ତି। ଲରେନ୍ସ ପ୍ରଧାନ ଓ ଦିବ୍ୟାଂଶୁ କୁମାର ପଶାୟତ ୪ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଶୀର୍ଷ ୭ ଖେଳାଳିଙ୍କ ବ୍ୟତୀତ ଏଜ୍ ଗ୍ରୁପ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସିଡ୍ରିମ୍‌ଜ ଇ-କମର୍ସର ଏମ୍‌ଡି ଚିତ୍ତରଞ୍ଜନ ଦେବତା, ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଶୁଭଶ୍ରୀ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**୩୨ତମ ଜନ୍ମଦିନ ଶୁଭେଚ୍ଛା**




ମନୋଜ କୁମାର ସାହୁ(ମନୁଆ)
ଗ୍ରାମ- କୁକୁଡାଘାଇ ପାଟଣା
ଆଜି ତୋର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ ତତେ ଭଗବାନ ଦୀର୍ଘାୟୁ ଓ ନୀରୋଗ ରଖନ୍ତୁ ଏହାହିଁ ଆମର କାମନା ଓ ଆଶୀର୍ବାଦ।
**ଶୁଭେଚ୍ଛାସହ:**
ବାପା, ଦାଦା, ପାପୁନି, କବିତା, ରଞ୍ଜିତା, ଆଲୋକ, ଅମୁଦାଦା, ପବି, ବବୁଲ୍, ସନିଆ ଦାଦା, ଖଲିଆ ଦାଦା, ମିଥୁନ।
ଧ-୨୧୫୨

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



୰ଭବାନୀ ଚରଣ ପଟନାୟକ
(1934-2025)
ତିରୋଧାନ: ୨୩.୦୯.୨୦୨୫, ଅପରାହ୍ନ ୧ ଘଣ୍ଟା ୩୦ ମିନିଟ୍
ଆପଣଙ୍କ ସ୍ନେହ, ଶିକ୍ଷା ଓ ଆଶୀର୍ବାଦ ଆମ ସହ ସବୁବେଳେ ରହିବ। ଆମ ହୃଦୟରେ ଆପଣଙ୍କ ସ୍ମୃତି ସବୁଦିନ ପାଇଁ ଅମର ହୋଇ ରହିବ। ଆପଣଙ୍କ ଆତ୍ମାକୁ ଶାନ୍ତି ମିଳୁ।
**ଶୋକସନ୍ତପ୍ତ**
ଜିତୁନୀ, ଟୁଟୁ, ଗୁଡ଼ିଆ, ପ୍ରଥମ, ସ୍ୱାଗତ, ମିନି, ରାଜେନ୍ଦ୍ର, କୀର୍ତ୍ତି ଓ କେତନ
ଧ-୨୧୫୨

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଇଂ ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)
ଧନରେ, ଚାହୁଁ ଚାହୁଁ ଅଠର ବର୍ଷ ବିତିଗଲା। ହେଲେ, ତୋର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ସେହି ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ପ୍ରତି ମୁହୂର୍ତ୍ତରେ ଆମମାନଙ୍କ ମନକୁ ଆନ୍ଦୋଳିତ କରୁଛି। ତୁ ଯେଉଁଠି ଥାଆ, ଭଲରେ ଥାଆ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ଅତି ଆଦରର ବୋଉ ଓ ନନା, କକେଇ ଓ ଖୁଡ଼ିମାନେ, ନାନୀ ଓ ଭାଇନାମାନେ, ଭାଇନା ଓ ଭାଉଜମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସୀମାନେ, ଭାଇ ଓ ଭଉଣୀମାନେ, ଭାଣିଜୀ- ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୦୧୦୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ମଧୁସୂଦନ ଦାସ
ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ନିରୀକ୍ଷକ
ଲଞ୍ଜାତରା, ବିଲଣା, ତିହିଡ଼ି, ଭଦ୍ରକ
ଆବିର୍ଭାବ: ୨୨।୦୩।୧୯୪୧
ତିରୋଧାନ: ୨୯।୦୯।୨୦୨୪
ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀତିନିୟନ୍ତା ପରମେଶ୍ୱର ଜଗତରନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପତ୍ନୀ- ରତ୍ନମଣି ଦାସ, ଝିଅ- ଡା. ମିନତୀଲତା ଦାସ, ପୁଅ- ଡା. ବିଜୟ ଦାସ, ଡା. ସଞ୍ଜୟ ଦାସ, କଳିଙ୍ଗ କୁମାର ଦାସ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୧୪୮

**Classified Everyday**
0674-2580101, 9692975378


**REAL ESTATE**
**SALE**

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି- **9337166296.** D-1942

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018




**Warehouse To-let at Hanspal near NH-16, Bhubaneswar 33000sqft. Plinth+ 11000sqft. Mezzanine. Contact: 7205809501, 9861096613.** D-1985

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

I, Snehalata Bagarti, D/o- Radheshyam Kathar, R/o. At-Gaidharpali, P.O.- Salesingha, P.S.- Dhama, District- Sambalpur, declare that I have lost the original registered sale deed vide RSD No. 11622101857, dated-09-04-2021, some where while I was at daily market Jujomura on dated- 20.08.2025 and inspite of repeated search it could not be traced out. D-2159

**AFFIDAVIT**

I, NIHAR RANJAN PATTANAIK HAVE CHANGED MY NAME TO NIHAR RANJAN PATTNAIK AS PER AADHAAR CARD. D-2154

I, INDIRA DEVI PATTNAIK, DAUGHTER OF LATE UMESH CHANDRA PATTNAIK, HEREBY STATE THAT THE SPELLING OF MY LATE FATHER'S NAME IS UMESH CHANDRA PATTNAIK. IN MY PASSPORT, HIS NAME WAS WRONGLY TYPED AS "UMESH CHANDRA PATNAIK," WHICH MAY BE TREATED AS REFERRING TO THE SAME PERSON. D-2155

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, NIHAR RANJAN PATTNAIK, SON OF LATE KRISHNA CHANDRA PATTNAIK, HEREBY STATE THAT THE SPELLING OF MY LATE FATHER'S NAME IS KRISHNA CHANDRA PATTNAIK. IN MY PASSPORT, HIS NAME WAS WRONGLY TYPED AS "KRUSHNA CHANDRA PATTANAIK," WHICH MAY BE TREATED AS REFERRING TO THE SAME PERSON. D-2156

I, INDIRA DEVI PATNAIK HAVE CHANGED MY NAME TO INDIRA DEVI PATTNAIK AS PER AADHAAR CARD. D-2157

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ପ୍ରତିଷେଧକ ଟିକାକରଣ ଉପରେ ଗୁରୁତ୍ୱାରୋପ



ଜିଲାସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ ପାଳନ ଅବସରରେ ଯୋଗଦେଇଥିବା ଅଧିକାରୀବୃନ୍ଦ।

## ଜିଲାସ୍ତରୀୟ ବିଶ୍ୱ ଜଳାତଙ୍କ ଦିବସ ପାଳିତ

**ଢେଙ୍କାନାଳ,୨୮।୯(ରତନ ନାୟାର)**

ଢେଙ୍କାନାଳ ଜିଲାର ଜିଲାସ୍ତରୀୟ ବଶ୍ୱ ଜଳାତଙ୍କ ଦିବସ ଅବସରରେ ସ୍ଥାନିୟ ଶ୍ୟାମାଚରଣପୁରସ୍ଥିତ ସେୟାର ସମ୍ମିଳନୀ କକ୍ଷରେ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ''ଏବେ ହିଁ କାର୍ଯ୍ୟ କରିବା-ଆପଣ,ମୁଁ ଏବଂ ସମାଜ'' ଏହି ସ୍ଲୋଗନର ସଂକଳ୍ପ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଜଳାତଙ୍କ ରୋଗର ଭୟାବହତା, ବିଶେଷକରି ବୁଲା କୁକୁରଙ୍କ ଦ୍ୱାରା ଏହାର ସଂକ୍ରମଣ, ଲକ୍ଷଣ ଓ ନିରାକରଣ ନିମନ୍ତେ ବିଭିନ୍ନ ସତର୍କତାମୂଳକ ପଦକ୍ଷେପ ନେଇ ୨୦୩୦ ସୁଦ୍ଧା ମଣିଷଙ୍କ ଠାରେ ଜଳାତଙ୍କ ମୂଳପୋଛ କରିହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଢେଙ୍କାନାଳର ୫୦ଜଣ ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ପ୍ରାଣୀ ମଙ୍ଗଳ କାର୍ଯ୍ୟକର୍ତା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସକ୍ରିୟ ବାବେ ଅଂଶଗ୍ରହଣ କରିଥିଲେ । ଅସହାୟ ଓ ବୁଲା ପ୍ରାଣୀ ମାନଙ୍କ ଚିକିତ୍ସା ସମୟରେ ସାମ୍ଭାବ୍ୟ ସଂକ୍ରମଣକୁ ରୋକିବା ନିମନ୍ତେ ସେମାନଙ୍କୁ କିପରି ଜଳାତଙ୍କ ରୋଗର ପ୍ରତିଷେଧକ ଟିକାକରଣ ହୋଇପାରିବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ପ୍ରଭାସ କୁମାର ବେହେରାଙ୍କ ଆୟୋଜନରେ ଡା. ଏ.ଏ ଖାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟର ଉପ ନିର୍ଦ୍ଦେଶକ ଡା. ଲକ୍ଷ୍ମୀ ନାରାୟଣ ନନ୍ଦ, ପାୱାର ପଏଂଟ ମାଧ୍ୟମରେ ଜଳାତଙ୍କ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥାପନ କରିଥିଲେ । ସହକାରୀ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ଶ୍ରୀକାନ୍ତ ପରିଡା ଓ ପ୍ରାଣୀରୋଗ ନିରୂପକ ଡା. ସୁମିତ ରଞ୍ଜନ ମିଶ୍ର ନିଜର ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମକୁ ଡା. ବିଜ୍ଞା ବୈଦାନ୍ତିକା ପରିଚାଳନା କରିଥିବା ବେଳେ ବିଭାଗର କର୍ମଚାରୀ ମାନେ ଏଥିରେ ସହାୟତା କରିଥିଲେ ।

# ବିଜୟା ଦଶମୀ ଓ ଶତବାର୍ଷିକୀ ଉଦ୍‌ଘାଟନ ଉତ୍ସବ



**ଢେଙ୍କାନାଳ,୨୮।୯(ରତନ ନାୟାର)**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଢେଙ୍କାନାଳ ନଗର ଗଣେଶ ବଜାର ବସତିର ଇନ୍‌ଡୋର୍ ଷ୍ଟାଡିୟମ୍ ଠାରେ ବିଜୟା ଦଶମୀ ଉତ୍ସବ ସହିତ ଶତବାର୍ଷିକୀ ଉଦ୍ଘାଟନ ଉତ୍ସବ ରବିବାର ପାଳନ ହୋଇଯାଇଛି । ଜିଲାର ୩୨ଟି ସ୍ଥାନରେ ବିଜୟାଦଶମୀ ସୁଦ୍ଧା ଏହି ଉଦ୍ଘାଟନ ଉତ୍ସବ ପାଳିତ ହେବ । ପ୍ରଥମେ ଘୋଷବାଦ୍ୟ ସହିତ ଭବ୍ୟ ପଥ ସଂଚାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶତାଧିକ ସ୍ୱୟଂ ସେବକଙ୍କ ଏହି ସଂଚାଳନ କାର୍ଯ୍ୟକ୍ରମକୁ ବିଭିନ୍ନ ବସତିର ମାଆମାନେ ପୁଷ୍ପ-ଦୀପ ସହିତ ସ୍ୱାଗତ କରିଥିଲେ । ତଦୀପ ପ୍ରଜ୍ୱଳନ ଓ ଶସ୍ତ୍ରପୂଜନ କରାଯାଇ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଦିଲ୍ଲୀପଚାନ୍ଦ ବେହେରା ଉପସ୍ଥିତ ଓ ସହବିଭାଗ ସଂଘ ଚାଳକ ହୃଦାନନ୍ଦ ଶତପଥୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବରେ ସହପ୍ରାନ୍ତ କାର୍ଯ୍ୟବାହ ସୁଦର୍ଶନ ଦାସ ଉପସ୍ଥିତ ରହିଥିଲେ । ନଗର କାର୍ଯ୍ୟବାହ ବିନୟ ପ୍ରଧାନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଏହି ଅବସରରେ ସ୍ୱୟଂସେବକ ମାନେ ଶୃଙ୍ଖଳିତ ଭାବରେ ସାମୁହିକ ସମତା, ଦଣ୍ଡଯୋଗ ଓ ଆସନ ଇତ୍ୟାଦି ଶାରୀରିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ମୁଖ୍ୟବକ୍ତା ସୁଦର୍ଶନ ସାହୁ ସଂଘର ୧୦୦ବର୍ଷ ଯାତ୍ରାକାଳର ଗାଥା, ଉପଲବ୍ଧି, ଲକ୍ଷ୍ୟ ଆଦର୍ଶ ଓ କାର୍ଯ୍ୟ ଏବଂ ଆଗାମୀ କାର୍ଯ୍ୟକ୍ରମ ସମ୍ବଳିତ ଅଭିଭାଷଣ ପ୍ରଦାନ କରିଥିଲେ । ସର୍ବଶେଷରେ ପ୍ରାର୍ଥନା ପରେ କାର୍ଯ୍ୟକ୍ରମ ସମାପନ ଘୋଷଣା ହୋଇଥିଲା ।

# ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

**ଢେଙ୍କାନାଳ,୨୮।୯(ରତନ ନାୟାର)**

ଢେଙ୍କାନାଳ ପୋଲିସ ପକ୍ଷରୁ ରବିବାର ସ୍ଥାନିୟ ରିଜର୍ଭ ପୋଲିସ ଲାଇନ ଚିକିତ୍ସାଳୟ ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବ ବୋଲି ଜଣାପଡିଛି। ଏହି ଅଭିଯାନ ମାଧ୍ୟମରେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ପରିବାରର ମହିଳା ସଦସ୍ୟ ଓ ଝିଅ ମାନଙ୍କର ସମସ୍ତ ପ୍ରକାର ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା ଆଦି କରାଯାଇଛି। ପ୍ରଥମ ଦିବସରେ ୧୦୦ଜଣ ମହିଳା ରକ୍ତ ପରୀକ୍ଷା କରିଥିଲେ। ବିଭିନ୍ନ ବିଶେଷଜ୍ଞ ଓ ଡାକ୍ତର ମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବୋଲି ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ ସୂଚନା ଦେଇଛନ୍ତି ।



ରିଜର୍ଭ ପୋଲିସ ଲାଇନ ଚିକିତ୍ସାଳୟ ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ।

# ଗନ୍ଦିଆ ବ୍ଲକର ବରିଷ୍ଠ ନାଗରିକ ସମ୍ମିଳନୀ



ଗନ୍ଦିଆ ବ୍ଲକ ବରିଷ୍ଠ ନାଗରିକ ସମ୍ମିଳନୀ।

**ଢେଙ୍କାନାଳ,୨୮।୯(ରତନ ନାୟାର)**

ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକ ପୋରୁହାଖୋଜ ଗ୍ରାମର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଗନ୍ଦିଆ ବ୍ଲକର ବିଭିନ୍ନ ପ୍ରାନ୍ତରରୁ ବରିଷ୍ଠ ନାଗରିକ ମାନଙ୍କର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲାସ୍ତରୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଜିଲା ବରିଷ୍ଠ ନାଗରିକ ପରିଷଦର ସଭାପତି ଦୁର୍ଗା ଚରଣ ମିଶ୍ର, କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ଓ ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ଡକ୍ଟର ହରେକୃଷ୍ଣ କର, ଉପସଭାପତି ବିନାୟକ ଶତପଥୀ, ଶିକ୍ଷାବିତ୍ କ୍ଷୀରୋଦ ନାୟକ, ସଂଯୋଜକ ଅମ୍ବିକା ବରାଳ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କର ସୁବିଧା, ଅସୁବିଧା, ଭତା ଓ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର ହୋଇଥିଲା । ବ୍ଲକର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ବରିଷ୍ଠ ନାଗରିକ ବୁଦ୍ଧଦେବ ପ୍ରଧାନ, ନିତ୍ୟାନନ୍ଦ ରାଉତ, ବିପିନ ସିଂହ, ମଙ୍ଗରାଜ ବାରିକ, ନକୁଳ ରାଉତ, ଖଗେଶ୍ୱର ମହାନ୍ତି, ହେମନ୍ତ ବ୍ରହ୍ମ, ରବିନାରାୟଣ ରାଉଳ, ନିତ୍ୟାନନ୍ଦ ରାଉତ, ପୀତବାସ ରାଉତ, ଗଣେଶ୍ୱର ପ୍ରଧାନ, ଅଭିମନ୍ୟୁ ମାହାଲିକ, ପ୍ରଦୀପ କୁମାର ସାହୁ, ରାମଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ତନ୍ତ୍ର ପୂଜା ସନ୍ଦେହରେ ଆତଙ୍କିତ ଅଞ୍ଚଳବାସୀ

**ଢେଙ୍କାନାଳ,୨୮।୯(ରତନ ନାୟାର)**

ଢେଙ୍କାନାଳ ସହର ଆନନ୍ଦ ନଗର ଅଞ୍ଚଳରେ ଶନିବାର ରାତିରେ ଏକ ରାସ୍ତାରେ ତନ୍ତ୍ର ପୂଜା ସନ୍ଦେହରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଥିବା ଜଣାପଡିଛି । କେହି ବ୍ୟକ୍ତି ଉକ୍ତ ଅଞ୍ଚଳର ଏକ ରାସ୍ତାର ତିନିଛକି ଠାରେ ରାସ୍ତା ଉପରେ ମୁରୁଜରେ ଚିତ୍ରକରି ଫୁଲ,ସିନ୍ଦୁର, ଧୂପ, ଲୁହାକଣ୍ଟା ଆଦି ପକାଇଥିବା ବେଳେ ଏକ ନରକଙ୍କାଳର ଚିତ୍ର କରିଥିବା ଜଣାପଡିଛି। ଚିତ୍ରରେ ନର କଙ୍କାଳର ହାତ ଓ ଗୋଡରେ ଲୁହାକଣ୍ଟା ପିଟା ଯାଇଥିବା ଦେଖାଯାଇଥିଲା । କେହି ତାନ୍ତ୍ରିକ ଏହି ପୂଜା କରିଥିବା ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ଏହାର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଥିବା ଉକ୍ତ ଅଂଚଳର ବାସିନ୍ଦା ଶ୍ରୀଧର ଇପିଲିଙ୍କ ସୂଚନାରୁ ଜଣାପଡିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁଙ୍କୁ ପଚାରିବାରେ ସେ କୁହନ୍ତି ତାଙ୍କ ନିକଟରେ କୌଣସି ପ୍ରକାର ଅଭିଯୋଗ ହୋଇନାହିଁ ।

# ଅବସରକାଳୀନ ସମ୍ବର୍ଦ୍ଧନା




**ଓଡ଼ାପଡ଼ା,୨୮।୯(ରଞ୍ଜିତ୍ ନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ପଦାର୍ଥ ବିଜ୍ଞାନ ବିଭାଗ ପ୍ରଦର୍ଶକ ଶରତ କୁମାର ପୃଷ୍ଟିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାରେ ଅଧ୍ୟାପକ ବିଜୟ କୁମାର ପ୍ରଧାନ, ତ୍ରିଲୋଚନ ସାହୁ, ଡ. ରାଜକିଶୋର ସାମଲ ପ୍ରମୁଖ ଯୋଗଦେଇ ପୃଷ୍ଟିଙ୍କ କର୍ତ୍ତବ୍ୟନିଷ୍ଠା ସେବା ମନୋଭାବର ପ୍ରଶଂସା କରିଥିଲେ। ସଭାପତି ଡ. ପ୍ରଧାନ ପୃଷ୍ଟିଙ୍କ ସମୟାନୁବର୍ତ୍ତିତା ସମସ୍ତଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ବୋଲି କହିଥିଲେ। ମହାବିଦ୍ୟାଳୟ କର୍ମଚାରୀ ପରିଷଦ ତରଫରୁ ପୃଷ୍ଟିଙ୍କୁ ପ୍ରୀତି ଉପହାର ଓ ମାନପତ୍ରଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ୧୯୯୧ରୁ ଏହି ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗରେ ଯୋଗଦେଇ ନିଷ୍ଠାର ସହ ନିଜ କାର୍ଯ୍ୟ ପରିଚାଳନା କରିଆସୁଥିଲେ। ପୃଷ୍ଟି ନିଜ ବୃତ୍ତିଗତ ଜୀବନର ସ୍ମୃତିକୁ ମନେପକାଇ ଭାବବିହ୍ୱଳ ହୋଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ। ଅଧ୍ୟାପକ ରବିନାରାୟଣ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧ୍ୟାପକ ପ୍ରଣବ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ସେବାପକ୍ଷ ଉପଲକ୍ଷେ ୧୨୮ ୟୁନିଟ୍ ରକ୍ତ ସଂଗୃହୀତ



**ପରଜଙ୍ଗ,୨୮।୯(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ପଙ୍ଗାତିରା ପଞ୍ଚାୟତ ଅନ୍ତର୍ଗତ ପଙ୍ଗାତିରା ଉଚ୍ଚ ବିଦ୍ୟାଳୟଠାରେ ରବିବାର ସେବାପକ୍ଷ ଉପଲକ୍ଷେ ବିରାଶାଳ ଭାଜପା ମଣ୍ଡଳ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରଧାନ ସେବାପକ୍ଷ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିବା ସହ ରକ୍ତଦାତାଙ୍କୁ ଅଭିନନ୍ଦନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ମହାବିରୋଡ଼ ମଣ୍ଡଳ ସଭାପତି ଜିତେନ୍ଦ୍ର କର, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ, ଦଶୀପୁର ସରପଞ୍ଚ ସୁଧୀର ପାଳ, ପୂର୍ବତନ ସରପଞ୍ଚ ଦିବ୍ୟସିଂହ ଦେହୁରୀ, ଜଗନ୍ନାଥ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ। ତାଳଚେର ବ୍ଲଡ଼ ବ୍ୟାଙ୍କ କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ମୋଟ ୧୨୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ଭାଜପା ମହାବିରୋଡ଼ ମଣ୍ଡଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବାଜି ରାଉତଙ୍କ ୧୦୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି ଜୋର୍‌ଦାର

**ଭୁବନ,୨୮।୯( ବିପିନ ବିହାରୀ ସେଠୀ):** ଢେଙ୍କାନାଳ ଜିଲା ଭୁବନ ବ୍ଲକ ମହୁଲପାଳ ପଞ୍ଚାୟତ ନିଳକଣ୍ଠପୁର ଗ୍ରାମର ବୀର ପୁତ୍ର ତଥା ଭାରତର ସର୍ବ କନିଷ୍ଠ ଶହିଦ୍ ବୀର ବାଜି ରାଉତଙ୍କ ୧୦୦ତମ ଜୟନ୍ତୀ ମହାଆଡମ୍ବର ସହ ପାଳନ କରାଯିବା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଚାଲିଛି। ଆସନ୍ତା ଅକ୍ଟୋବର ୫ରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ସ୍ଥିର ହୋଇଛି । ଏଥିପାଇଁ ରବିବାର କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, କାମାକ୍ଷାନଗର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଭୁବନ ବ୍ଲକ ବିଡିଓ ଆୟୁଷୀ ମହାପାତ୍ର ଓ ଭୁବନ ତହସିଲଦାର ସୂର୍ଯ୍ୟଶଙ୍କର ଦାସ ପ୍ରମୁଖ ତଦାରଖ କରିଥିଲେ। ବାଜିରାଉତଙ୍କ ଶହୀଦ୍ ପୀଠର ଉନ୍ନୟନ କାର୍ଯ୍ୟ ସହ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଭୁବନ ଏନ୍‌ଏସିକୁ ଆସୁଥିବା ସମସ୍ତ ଲୋକଙ୍କ ପାଇଁ କିପରି ସୁବନ୍ଦୋବସ୍ତ କରାଯିବ ତାହା ତଦାରଖ କରିଥିଲେ । ଯାନବାହାନ ପାର୍କିଂ, ଖାଦ୍ୟପାନୀୟ ସହ ବୁଦ୍ଧେଶ୍ୱର ଶୈବପୀଠରେ ସମସ୍ତ ବ୍ୟବସ୍ଥା କରାଯିବା ପାଇଁ ସ୍ଥିର କରାଯାଇଛି । ଭୁବନ ପାଲା ମଣ୍ଡପ, କାଳୀଜାର ଓ ବାଜିରାଉତ ପ୍ରତିମୂର୍ତ୍ତି ନିକଟରେ ଟ୍ରାଫିକ ବ୍ୟବସ୍ଥା ଓ ସେହି ଦିବସରେ ଲୋକଙ୍କ ପାଇଁ ସୁବିଧାର ପ୍ରସ୍ତୁତି କରାଯାଇଥିଲା।



# ହୃଦ୍‌ଘାତ ପୀଡ଼ିତ ଭାଜପା କର୍ମୀଙ୍କୁ ଭେଟିଲେ ଏମ୍‌ପି



**ଓଡ଼ାପଡ଼ା,୨୮।୯(ରଞ୍ଜିତ୍ ନାୟକ)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ କମଳାଙ୍ଗ ଗ୍ରାମ ମାନିଆବେଡା ଗ୍ରାମର ଭାଜପା ନେତା ପୂର୍ବତନ ମଣ୍ଡଳ ସଭାପତି ତଥା ପୂର୍ବତନ ସରପଞ୍ଚ ଭକ୍ତବନ୍ଧୁ ବେହେରା ହୃଦଘାତ ଜନିତ ରୋଗରେ ପୀଡିତ ହୋଇ ଅସ୍ତ୍ରୋପଚାର କରାଇଛନ୍ତି। ଖବର ପାଇ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ରବିବାର ତାଙ୍କ ଘରକୁ ଯାଇ ଭକ୍ତବନ୍ଧୁଙ୍କୁ ଭେଟି ତାଙ୍କର ଆରୋଗ୍ୟ କାମନା କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଗ୍ରାମର ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ତାଙ୍କ ସହିତ ହିନ୍ଦୋଳ ବିଧାୟିକା ସୀମାରାଣି ନାୟକ, ସୁଶାନ୍ତ କୁମାର ପତି, ଓବିସି ମୋର୍ଚ୍ଚା ଜିଲା ସମ୍ପାଦକ ରଞ୍ଜିତ୍ ନାୟକ, ସୁଜନ ନାଏକ, ତପନ ମହାପାତ୍ର, ମଞ୍ଜୁଲତା ସାହୁ, ପ୍ରଦୀପ କୁମାର ସାହୁ, ପଙ୍କଜ ଲୋଚନ ଦାସ, ସତ୍ୟରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଦଳୀୟକର୍ମୀ ଉପସ୍ଥିତ ଥିଲେ ।

# ନାଳରେ ବୁଡି ବୃଦ୍ଧ ମୃତ

**ପରଜଙ୍ଗ,୨୮।୯(ନିଗମାନନ୍ଦ ଦଳବେହେରା)** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କନ୍ଟୁର ଗ୍ରାମ ତଳସାହିର ବସନ୍ତ ବିଶ୍ୱାଳ(୬୭)ଙ୍କ ଘୋଡାଡିଆଁ ନାଳରେ ବୁଡି ମୃତ୍ୟୁ ହୋଇଯାଇଛି। ସୂଚନା ଅନୁଯାୟୀ, ବସନ୍ତ ଗୁରୁବାର ରାତ୍ରିରେ ଗ୍ରାମ କୋଠଘରେ ଟିଭି ଦେଖୁଥିଲେ। ସେଠାରୁ ଉଠି କେଉଁଆଡେ ଯାଇଥିଲେ କେହି ଜାଣି ନଥିଲେ। କିଛି ସମୟ ପରେ ପରିବାର ଲୋକ ରାତି ଭୋଜନ ପାଇଁ ଖାଇବାକୁ ଡାକି ଆସିଥିଲେ। ସେଠାରେ ତାଙ୍କୁ ନ ପାଇ ଚାରିଆଡ଼େ ଖୋଜିଥିଲେ। ହେଲେ ଶୁକ୍ରବାର ସକାଳେ କେତେଜଣ ଗ୍ରାମବାସୀ ଘୋଡ଼ାଡିଆଁ ନାଳକୁ ଶୌଚ ହେବାକୁ ଯାଇଥିବାବେଳେ ସେ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ଘଟଣାସ୍ଥଳରେ ପରଜଙ୍ଗ ଥାନା ଏସ୍‌ଆଇ ଦେବଗ୍ରାହି ମହାନ୍ତି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏସଂକ୍ରାନ୍ତରେ ପରଜଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# କରଣ ସମାଜର ସାଧାରଣ ସଭା ଓ ଲେଖନୀ ପୂଜନ

**ଢେଙ୍କାନାଳ,୨୮।୯(ରତନ ନାୟାର)**

ଢେଙ୍କାନାଳ କରଣ ସମାଜର ସାଧାରଣ ସଭା ଏବଂ ଲେଖନୀ ପୂଜା ରବିବାର ସ୍ଥାନୀୟ ସୂର୍ଯ୍ୟମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସୋମେନ୍ଦ୍ର ପଟ୍ଟନାୟକଙ୍କ ପୌରହିତ୍ୟରେ ଲେଖନୀ ପୂଜା ଅନୁଷ୍ଠିତ ହେଇଥିଲା। ପରେ ସଭାପତି ଜାନକୀ ବଲଭ ପଟ୍ଟନାୟକ ଓ ସଂପାଦକ ରବିନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଯୋଗିନାଥ ମହାନ୍ତି, ଦୀପକ ପ୍ରସାଦ ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ଲକ୍ଷ୍ମୀ ପ୍ରସାଦ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ଉଦୟନାଥ ମହାନ୍ତି, ବରିଷ୍ଠ ସଦସ୍ୟା ନିରୁପମା ଦାସ ପ୍ରମୁଖ କରଣ ସମାଜର ଆଗାମୀ ରୂପରେଖ, ନୂତନ ସଦସ୍ୟ ଗ୍ରହଣ, ସାମଜିକ କାର୍ଯ୍ୟକ୍ରମ ଆୟୋଜନ ଏବଂ ସମାଜକୁ ସୁଦୃଢ଼ କରିବାର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିବା ସହ ଅସ୍ୱିୟା ମନୋଭାବର ଉର୍ଦ୍ଧ୍ୱରେ ରହି ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ



ଆହ୍ୱାନ ଦେଇଥିଲେ। ଏହି ଅବସରରେ ସର୍ବସମ୍ମତି କ୍ରମେ ଏକ କୋର କମିଟି ଗଠନ କରାଯାଇଛି। କମିଟିରେ ଯୋଗିନାଥ ମହାନ୍ତି, ବନବିହାରୀ ମହାନ୍ତି, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ଦୀପକ ପ୍ରସାଦ ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ମନୋଜ ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ନାରାୟଣ ପଟ୍ଟନାୟକ, ବିନୋଦ ମହାନ୍ତି, ରାଜେଶ ପଟ୍ଟନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ସମସ୍ତ ସଦସ୍ୟମାନଙ୍କ ସହ ବ୍ୟକ୍ତିଗତଭାବେ ଆଲୋଚନା କରି ଦୁଇମାସ ମଧ୍ୟରେ ଏକ ସାଧାରଣସଭା ଆହୂତ କରିବେ। ଉକ୍ତ ସଭାରେ ସମାଜର ସଭାପତି, ସଂପାଦକ ଏବଂ ଅନ୍ୟାନ କର୍ମକର୍ତା ଚୟନ କରାଯିବ। ସମାଜର ମହିଳାମାନଙ୍କୁ ସଂଗଠିତ କରିବା ପାଇଁ ବରିଷ୍ଠ ସଦସ୍ୟା ନିରୁପମା ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଜୟ ପଟ୍ଟନାୟକ, ସତୀଶ ପଟ୍ଟନାୟକ, ଗିରିଜାକାନ୍ତ ପଟ୍ଟନାୟକ, ଜୟକୃଷ୍ଣ ପଟନାୟକ, ନଗେନ୍ଦ୍ର ମହାନ୍ତି, ମନ୍ମଥ ପଟ୍ଟନାୟକ, ନରେନ୍ଦ୍ର କୁମାର ମହାନ୍ତି, ଅବିନାଶ ପଟ୍ଟନାୟକ, ଜୟନ୍ତ କୁମାର ମହାନ୍ତି, ଦୃଦୟାନନ୍ଦ ମହାନ୍ତି, ନିରୋଦ ପଟ୍ଟନାୟକ, ରବିନ୍ଦ୍ର ପଟ୍ଟନାୟକ , ସତ୍ୟଜିତ ପଟ୍ଟନାୟକ, ବିଭୂତି ବଲ୍ଲଭ ପଟ୍ଟନାୟକ, ବିପିନି ବିହାରୀ ପଟ୍ଟନାୟକ, ବିରଜା ପଟ୍ଟନାୟକ, ଅଜୟ କୁମାର ପଟ୍ଟନାୟକ, ବସନ୍ତ କୁମାର ମହାନ୍ତି, ସ୍ୱରୁପାନନ୍ଦ ଦାସ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସମାଜର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ଉପଦେଷ୍ଟା ସ୍ୱର୍ଗତ ଜିତେନ୍ଦ୍ର ପଟ୍ଟନାୟକଙ୍କ ଅମରଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୨୯/୨୦୨୫ Bhubaneswar, Monday, September 29/ 2025

# ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ

**ଦୁବାଇ, ୨୮।୯**

ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଭାରତ ଏସିଆ କପ୍ କ୍ରିକେଟ ଚାମ୍ପିୟନ ହୋଇଛି। ସ୍ପିନରଙ୍କ ଚମତ୍କାରିତା ପରେ ତିଲକ ବର୍ମାଙ୍କ ଉପଯୋଗୀ ଅର୍ଦ୍ଧଶତକ ବଳରେ ଭାରତ ରବିବାର ଅନୁଷ୍ଠିତ ଫାଇନାଲରେ ୫ ଉଇକେଟରେ ପାକିସ୍ତାନକୁ ପରାସ୍ତ କରିଛି। ପାକିସ୍ତାନ ୧୯.୧ ଓଭରରେ ୧୪୬ ରନ କରିଥିବାବେଳେ ଭାରତ ୧୯.୪

## ଏସିଆ କପ୍ ଫାଇନାଲ୍

ଓଭରରେ ୫ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରି ନେଇଥିଲା।

ଟାର୍ଗେଟ ବଡ଼ ନ ଥିଲେ ମଧ୍ୟ ମାତ୍ର ୧୦ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନ୍‌ଫର୍ମ ଓପନର ଅଭିଷେକ ଶର୍ମା ୫ ଓ ଖରାପ ଫର୍ମଦେଇ ଗତି କରୁଥିବା ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ୧ ରନକରି ଆଉଟ ହୋଇଥିଲେ। ଶୁବମନ ଗିଲ୍ ମଧ୍ୟ ୧୨ ରନକରି ପ୍ୟାଭିଲିୟନ ଫେରିବାରୁ ୪ ଓଭର ମଧ୍ୟରେ ୨୦ ରନରେ ଭାରତର ୩ୟ ଉଇକେଟ ପତନ ଘଟିଥିଲା। ଚତୁର୍ଥ ଉଇକେଟରେ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ିଥିଲେ ତିଲକ ବର୍ମା ଓ ସଞ୍ଜୁ ସାମସନ। ତେବେ ୫୭ ରନ ଯୋଗ ହେବାପରେ ସାମସନ ୨୪ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ସ୍ଥିତିକୁ ଦୃଷ୍ଟିରେ ରଖି ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ତିଲକ ୪୧ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ସ୍କୋର କମ୍ ଥିଲେ ମଧ୍ୟ କଡ଼ା ଚ୍ୟାଲେଞ୍ଜ ଦେଇଥିଲା ପାକିସ୍ତାନ। ଚାପ କ୍ରମେ ବଢ଼ି ଚାଲିଥିବାବେଳେ ୧୯ତମ ଓଭରର ଶେଷ ବଲ୍‌ରେ ଦୁବେ ଆଉଟ ହେବାରୁ ୬୦ ରନ ପାର୍ଟନରଶିପ୍‌ର ଅନ୍ତ ଘଟିଥିଲା। ଦୁବେ ୨୨ ବଲ୍‌ରୁ ୩୩ ରନ କରିଥିଲେ। ହାରିସ ରୌଫଙ୍କ ଶେଷ ଓଭରରୁ ୧୦ ରନ ଆବଶ୍ୟକ ହେଉଥିବାବେଳେ ପ୍ରଥମ ବଲ୍‌ରୁ ୨ ଓ ଦ୍ୱିତୀୟ ବଲ୍‌କୁ ଛକା ମାରି ବୋଝ ହାଲ୍‌କା କରି ଦେଇଥିଲେ ତିଲକ। ତୃତୀୟ ବଲ୍‌ରୁ ତିଲକ ୧ ରନ ନେଇଥିବାବେଳେ ୪ର୍ଥ ବଲ୍‌କୁ ଚୌକାରେ ପରିଣତ କରି ଭାରତକୁ ମ୍ୟାଚ ଜିତାଇଥିଲେ ରିଙ୍କୁ ସିଂ। ତିଲକ ୫୩ ବଲ୍‌ରୁ ୬୯ (୩ ଚୌକା, ୪ ଛକା) ରନରେ ଅପରାଜିତ ରହି ହିରୋ ସାଜିଥିଲେ। ପାକିସ୍ତାନ ପକ୍ଷରୁ ଫହିମ ଅଶ୍ରଫ ୩ଟି, ଶାହିନ ଆଫ୍ରିଦୀ ଓ ଆବ୍ରାର ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବା ପରେ କୁଲଦୀପ ଯାଦବ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ଭାରତ ବିପକ୍ଷ ପୂର୍ବ ୨ ମ୍ୟାଚ ତୁଳନାରେ ପାକିସ୍ତାନ ଏଠାରେ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଶାହିବଜାଦା ଫରହାନ ଓ ଫଖର ଜମନ ବିସ୍ଫୋରକ ବ୍ୟାଟିଂ କରି ପାୱାରପ୍ଲେ ୬ ଓଭରରୁ ୪୫ ରନ ସଂଗ୍ରହ କରି ନେଇଥିଲେ। ଫର୍ମରେ ଥିବା ଫରହାନ ଦ୍ରୁତ ହାରରେ ରନ ସଂଗ୍ରହ କରି ଅର୍ଦ୍ଧଶତକ ହାସଲ କରିଥିଲେ। ୧୦ମ ଓଭରର ୪ର୍ଥ ବଲ୍‌ରେ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ମିଷ୍ଟ୍ରି ସ୍ପିନର ବରୁଣ ଚକ୍ରବର୍ତ୍ତୀ। ୩୮ ବଲ୍‌ରୁ ୫୭ (୫ ଚୌକା, ୩ ଛକା) ରନ କରିଥିବା ଫରହାନଙ୍କୁ ସେ ଆଉଟ କରି ଭାରତୀୟ ଶିବିରରେ ଆନନ୍ଦ ଆଣିଥିଲେ। ସଇମ ଆୟୁବ ୧୪ ଓ ମହମ୍ମଦ ହାରିସ ଖାତା ଖୋଲିବା ପୂର୍ବରୁ ଆଉଟ ହେବାରୁ ପାକିସ୍ତାନ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଖର ଜମନ(୪୬)ଙ୍କୁ ମଧ୍ୟ ପ୍ୟାଭିଲିୟନ ପଥ ଦେଖାଇଥିଲେ ବରୁଣ। ହୁସେନ ତଲତ ମାତ୍ର ୧ ରନ କରିଥିବାବେଳେ ଅକ୍ଷର ପଟେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଧିନାୟକ ସଲମାନ ଆଘା (୮)ଙ୍କୁ ଆଉଟ କରିଥିଲେ କୁଲଦୀପ। ସମ୍ମାନଜନକ ସ୍କୋର ପାଇଁ ଶାହିନ ଶାହା ଆଫ୍ରିଦୀଙ୍କ ବ୍ୟାଟ୍‌ରୁ ବଡ଼ ଶଟ୍ ଆଶା କରାଯାଉଥିଲା। ମାତ୍ର ଶାହିନଙ୍କ ସହ ଫହିମ ଅଶ୍ରଫ୍‌ଙ୍କୁ ଡକ୍(୦)ରେ ଆଉଟ କରି ପାକିସ୍ତାନ ଶିବିରରେ ନୈରାଶ୍ୟ ଖେଳାଇ ଦେଇଥିଲେ କୁଲଦୀପ। ଶେଷରେ କମାଲ ଦେଖାଇଥିଲେ ଯଶପ୍ରୀତ୍ ବୁମ୍‌ରା। ସେ ୨ଟି ଉଇକେଟ ନେଇ ପାକିସ୍ତାନ ଇନିଂସର ପରିସମାପ୍ତି ଘଟାଇଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ୪ଟି, ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଉଇକେଟ ନେଇଥିଲେ।

ଶ୍ରୀଲଙ୍କା ବିପକ୍ଷରେ ଖେଳିଥିବା ଚୂଡ଼ାନ୍ତ ଏକାଦଶରେ ୩ ପରିବର୍ତ୍ତନ ସହ ଭାରତ ପଡ଼ିଆକୁ ଓହ୍ଲାଇଥିଲା।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୧୯.୧ ଓଭରରେ ୧୪୬/ଅଲ୍‌ଆଉଟ (ଶାହିବଜାଦା ଫରହାନ-୫୭, ଫଖର ଜମନ-୪୬, କୁଲଦୀପ ଯାଦବ-୪/୩୦, ଅକ୍ଷର ପଟେଲ-୨/୨୬, ବରୁଣ ଚକ୍ରବର୍ତ୍ତୀ-୨/୩୦, ଯଶପ୍ରୀତ୍ ବୁମ୍‌ରା-୨/୨୫)। ଭାରତ ୧୯.୪ ଓଭରରେ ୧୫୦/୫ (ତିଲକ ବର୍ମା-୬୯, ସଞ୍ଜୁ ସାମସନ-୨୪, ଶିବମ ଦୁବେ-୩୩, ଫହିମ ଅଶ୍ରଫ-୩/୨୯, ଶାହିନ ଆଫ୍ରିଦୀ-୧/୨୦, ଆବ୍ରାର ଅହମଦ-୧/୨୯)।

## ଭିନ୍ନ ଉପସ୍ଥାପକଙ୍କ ସହ କଥା ହେଲେ ଦୁଇ ଅଧିନାୟକ

**ଦୁବାଇ,୨୮।୯(ପି.ଟି.)**

ଭାରତ ଓ ପାକିସ୍ତାନ ମଧ୍ୟରେ ଜାରି ରହିଥିବା ଶତ୍ରୁତାର କିଛି ଦୃଶ୍ୟ ଫାଇନାଲ ମ୍ୟାଚ୍ ପୂର୍ବରୁ ଦେଖିବାକୁ ମିଳିଥିଲା। ଭାରତର ରବି ଶାସ୍ତ୍ରୀ ଓ ପାକିସ୍ତାନର ୱାକର ୟୁନିସ ଟସ୍ ବେଳେ ନିଜ ନିଜ ଦେଶର ଅଧିନାୟକଙ୍କ ସାକ୍ଷାତ୍‌କାର ନେଇଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି। ଫାଇନାଲ ପୂର୍ବରୁ ଘଟିଥିବା ଘଟଣା କାରଣରୁ ପିସିବି ପକ୍ଷରୁ ନ୍ୟୁଟ୍ରାଲ ଉପସ୍ଥାପକଙ୍କ ଲାଗି ଏସିଆନ କ୍ରିକେଟ କାଉନସିଲ (ଏସିସି) ନିକଟରେ ଅନୁରୋଧ କରାଯାଇଥିଲା। ପରେ ଏସିସି ପକ୍ଷରୁ ବିସିସିଆଇ ନିକଟରେ ଏହି ପ୍ରସଙ୍ଗ ଉଠାଯାଇଥିଲା। ହେଲେ ଶାସ୍ତ୍ରୀଙ୍କୁ ହଟାଯାଇପାରିବ ନାହିଁ ବୋଲି ବିସିସିଆଇ କହିଥିଲା। ଶେଷରେ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଘାଙ୍କ ସହ କଥା ହେବା ପାଇଁ ପାକିସ୍ତାନର ପୂର୍ବତନ ପେସର ୟୁନିସଙ୍କୁ ଦ୍ୱିତୀୟ ଉପସ୍ଥାପକ ଭାବେ ନିଯୁକ୍ତ କରାଯାଇଥିଲା।

## ୧୨ରେ ଏଆଇଏଫ୍‌ଏଫ୍‌ର ଏସ୍‌ଜିଏମ୍

**ନୂଆଦିଲ୍ଲୀ,୨୮।୯(ପି.ଟି.):** ସୁପ୍ରିମକୋର୍ଟଙ୍କ ରାୟ ମୁତାବକ, ଡ୍ରାଫ୍ଟ ସମ୍ବିଧାନ ଓ ଅନ୍ୟାନ୍ୟ ସଂଶୋଧନକୁ ଅନୁମୋଦନ ପ୍ରଦାନ କରିବା ପାଇଁ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଆସନ୍ତା ୧୨ ତାରିଖରେ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଡାକରା ଦିଆଯାଇଛି। ବିଶ୍ୱ ଫୁଟବଲ ପରିଚାଳନା ସଂସ୍ଥା ଫିଫା ପକ୍ଷରୁ ନୂଆ ସମ୍ବିଧାନକୁ ଅନୁମୋଦନ ପ୍ରଦାନ କରିବା ଲାଗି ଏଆଇଏଫ୍‌ଏଫ୍ ପାଇଁ ଅକ୍ଟୋବର ୩୦ ତାରିଖ ଡେଡ୍‌ଲାଇନ୍ ରଖାଯାଇଛି। ସ୍ୱତନ୍ତ୍ର ଏଜେଣ୍ଡା ଲାଗି ଏସ୍‌ଜିଏମ୍ ଅନୁଷ୍ଠିତ ହେବ। ପ୍ରସ୍ତୁତ ସମ୍ବିଧାନକୁ ଅନୁମୋଦନ ପ୍ରଦାନ କରିବା ହିଁ ଏହାର ଏକମାତ୍ର ଏଜେଣ୍ଡା ଓ ଅନ୍ୟ କିଛି ଏଜେଣ୍ଡା ନାହିଁ।












Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ